

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୬ ଫେବୃଆରୀ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 6 FEBRUARY 2024

Vol.No. 35 ■ No.36 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ପରୀକ୍ଷା ପ୍ରଶ୍ନପତ୍ର ଲିକ୍‌କୁ ରୋକିବା ପାଇଁ ଆସିଲା ବିଲ୍

ନୂଆଦିଲ୍ଲୀ, ୫/୨ : ବିଭିନ୍ନ ପ୍ରବେଶିକା ପରୀକ୍ଷାର ପ୍ରଶ୍ନ ପତ୍ର ଲିକ ଓ ଅନିୟମିତତାକୁ ରୋକିବାକୁ ଅଣ୍ଟା ଭିଡ଼ିଛନ୍ତି ମୋଦି ସରକାର। ଏଥିପାଇଁ ସରକାର ଆଜି ଗୋଟିଏ ବିଲ ଲୋକସଭାରେ ଆଗତ କରିଛନ୍ତି। ଅନିୟମିତତା ଓ ପ୍ରଶ୍ନପତ୍ର ଲିକ ଘଟଣାରେ ଦୋଷୀଙ୍କୁ ୧୦ ବର୍ଷ ଯାଏ ଜେଲ ସହ ୧ କୋଟି ଟଙ୍କାର ଫାଇନ ଲାଗୁ କରାଯିବା ଭଳି କଡ଼ା ନିୟମରେ ବିଲ୍‌ରେ ରହିଛି। ଆଜି ସରକାର ଲୋକସଭାରେ ଏନେଇ ବିଲ ୨୦୨୪କୁ ଉପସ୍ଥାପନ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ ଏହାକୁ ଉପସ୍ଥାପନ କରି କହିଛନ୍ତି, ଏହି ବିଲ ଶିକ୍ଷାର୍ଥୀଙ୍କୁ ପ୍ରଭାବିତ କରିବ ନାହିଁ। କିନ୍ତୁ ଏହା ସଂଗଠିତ ଗ୍ୟାଙ୍ଗ, ମାଫିଆ ଓ ଯେଉଁମାନେ ଅନିୟମିତତା କରୁଛନ୍ତି, ସେମାନଙ୍କୁ ଟାର୍ଗେଟ କରି ବ୍ୟବସ୍ଥା କରାଯାଇଛି।

▶▶ପୃଷ୍ଠା ୭

# ଆସ୍ଥା ଭୋଟ୍ ଜିତିଲେ ଚମ୍ପାଇ ସୋରେନ



ରାଞ୍ଚି, ୫/୨: ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପରେ ସୋମବାର ବିଧାନସଭାରେ ଫ୍ଲୋର ଟେଷ୍ଟ ଦେଇଥିଲେ ଚମ୍ପାଇ ସୋରେନ୍ । ଆଉ ଏହି ଫ୍ଲୋରଟେଷ୍ଟରେ ବହୁମତ ହାସଲ କରିଛନ୍ତି ଚମ୍ପାଇ। ଝାଡଖଣ୍ଡ ବିଧାନସଭାରେ ଆସ୍ଥା ଭୋଟ୍ ଜିତିଛନ୍ତି ଚଂପାଇ ସରକାର । ଆସ୍ଥା ଭୋଟ୍ରେ ଚମ୍ପାଇ ସୋରେନ୍ ସରକାର ସପକ୍ଷରେ ପଡ଼ିଛି ୪୭ଟି ଭୋଟ୍ । ଝାଡ଼ଖଣ୍ଡ ବିଧାନସଭାରେ ୮୧ ସଦସ୍ୟ ରହିଛନ୍ତି । ବହୁମତ ପାଇଁ ୪୧ ବିଧାୟକଙ୍କ ସମର୍ଥନ ଆବଶ୍ୟକ ଥିଲା । ଜେଏମ୍‌ଏମ୍-ଆରଜେଡି ଏବଂ କଂଗ୍ରେସ ପାଖରେ ୪୭ ବିଧାୟକ ଥିଲେ । ଏହି ସମସ୍ତ ବିଧାୟକ ଚମ୍ପାଇଙ୍କ ସମର୍ଥନରେ ଭୋଟ୍ ଦେଇଛନ୍ତି । ଏଥିମଧ୍ୟରୁ ୨୯ ବିଧାୟକ ଜେଏମଏମର, ୧୭ ଜଣ କଂଗ୍ରେସର ଏବଂ ଆରଜେଡିର ଜଣେ ବିଧାୟକ ରହିଛନ୍ତି । ଆସ୍ଥା ଭୋଟ୍ରେ ମୁଖ୍ୟମନ୍ତ୍ରୀ ଚମ୍ପାଇ ସୋରେନ୍ କହିଛନ୍ତି, ତାଙ୍କ ସରକାରକୁ ଅସ୍ଥିର କରିବାକୁ ପ୍ରୟାସ କରାଯାଉଛି । ହେମନ୍ତ ଅଛି ମାନେ ହିମ୍ମତ ଅଛି ବା ସାହାସ ଅଛି । ଆସ୍ଥା ଭୋଟ୍ ପାଇଁ କୋର୍ଟଙ୍କ ଠାରୁ ଅନୁମତି ପାଇଁ ବିଧାନସଭାରେ ପହଁଚିଥିଲେ ଝାଡଖଣ୍ଡ ମୁକ୍ତିମୋର୍ଚ୍ଚାର ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ । ବିଧାନସଭାରେ ପହଁଚିବା ପରେ କେନ୍ଦ୍ରର ବିଜେପି ସରକାର ଉପରେ ବର୍ଷିଛନ୍ତି ହେମନ୍ତ । ଯୋଜନାବଦ୍ଧ ଭାବେ ତାଙ୍କୁ ଗିରଫ କରାଯାଇଥିବା ସେ କହିଛନ୍ତି । ବିଧାନସଭାରେ ଆସ୍ଥା ଭୋଟ୍ ପୂର୍ବରୁ ହେମନ୍ତ କହିଛନ୍ତି, ୨୦୨୨ରୁ ଯୋଜନାବଦ୍ଧ ଭାବେ ଟାର୍ଗେଟ କରାଯାଉଛି । ଏହି ଗିରଫଦାରୀ ପାଇଁ ହୋଇଥିବା ଷଡଯନ୍ତ୍ରରେ ରାଜ ଭବନ ମଧ୍ୟ ସାମିଲ ଅଛି । ମୁଁ ଲୁହ ବୁହାଇବି ନାହିଁ, ଜୀବିତ ଲୋକର ଲୁହର କୌଣସି ମୂଲ୍ୟ ନାହିଁ । ମୁଁ ଆଦିବାସୀ ହୋଇଥିବାରୁ ମତେ ଟାର୍ଗେଟ କରାଯାଇଛି । ଜାନୁଆରୀ ୩୧ ଦେଶ ପାଇଁ କଳା ଅଧ୍ୟାୟ । ଦେଶରେ ପ୍ରଥମ ଥର ପାଇଁ ଜଣେ ମୁଖ୍ୟମନ୍ତ୍ରୀଙ୍କୁ ଗିରଫ କରାଯାଇଛି । ଯଦି ଅଭିଯୋଗ ପ୍ରମାଣିତ ହୁଏ ତାହାଲେ କେବଳ ରାଜାନୀତି ନୁହେଁ ଝାଡ଼ଖଣ୍ଡ ଛାଡ଼ିଦେବି । ରାଂଚି ଜମି ଅନିୟମିତତା ମାମଲାରେ ହେମନ୍ତ ସୋରେନ୍ ଙ୍କୁ ଗତ ଜାନୁଆରୀ ୩୧ରେ ଗିରଫ କରିଥିଲା ପ୍ରବର୍ତନ ନିର୍ଦ୍ଦେଶାଳୟ । ଏହା ଠିକ୍ ପୂର୍ବରୁ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ । ଏହାପରେ ଚଂପାଇ ସୋରେନ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ । ଆଉ ସୋମବାର ଆସ୍ଥା ଭୋଟର ସମ୍ମୁଖୀନ ହୋଇଥିଲେ ।

## ଚର୍ଚ୍ଚାରେ ଉପସ୍ଥାପିକା: ଭୁଲ ମାନିଲେ, ପରେ ଭିଡିଓ ଡିଲିଟ୍ କଲେ



ଶୁଭାରମ୍ଭ ବେଳେ 'ବନ୍ଦେ ଉତ୍କଳ ଜନନୀ ଗାନ' ପୂର୍ବରୁ ଉପସ୍ଥାପିକା ସଂହତି ପାଣି କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କୁ

ଭୁବନେଶ୍ୱର, ୫/୨ (ନି.ପ୍ର): କାନ୍ତକବିଙ୍କୁ କଣ୍ଠକବି କହି ପ୍ରଥମେ ଭୁଲ୍ କଲେ ଉପସ୍ଥାପିକା ସଂହତି ପାଣି। ସମାଲୋଚିତ ହେବା ପରେ ସୋଶାଲ୍ ମିଡିଆରେ ଭିଡିଓ ପୋଷ୍ଟ କରି ନିଜ ଭୁଲ ସ୍ୱୀକାର କଲେ। କିନ୍ତୁ ପରେ ସେହି ପୋଷ୍ଟକୁ ସେ ଡିଲିଟ୍ କରି ଦେଇଥିବା ଚର୍ଚ୍ଚା ହେଉଛି। ଏବେ ଆଉ ସେହି ପୋଷ୍ଟ ସୋଶାଲ୍ ମିଡିଆରେ ନାହିଁ। ଗତ ୩ ତାରିଖରେ ଭୁବନେଶ୍ୱରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିଲା ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ। ଏହି ସମ୍ମିଳନୀର

▶▶ପୃଷ୍ଠା ୭

## ଆମ୍ବେଦକରଙ୍କ ନାଁରେ ନାମିତ ହେବ ବରମୁଣ୍ଡା ବସ୍‌ଷ୍ଟାଣ୍ଡ



ଭୁବନେଶ୍ୱର, ୫/୨ (ନି.ପ୍ର): ଭାରତୀୟ ସମ୍ବିଧାନର ଜନକ ତଥା ସାମାଜିକ ନ୍ୟାୟର ମହାନ୍ ପ୍ରବକ୍ତା ଡକ୍ଟର ଭୀମରାଓ ରାମଜୀ ଆମ୍ବେଦକରଙ୍କ ନାମରେ ନାମିତ ହେବ ଭୁବନେଶ୍ୱରର ବରମୁଣ୍ଡାରେ ନବନିର୍ମିତ ବସଷ୍ଟାଣ୍ଡ। ଏହା ବାବା ସାହେବ ଭୀମରାଓ ଆମ୍ବେଦକର ବସ୍ ଟର୍ମିନାଲ ଭାବେ ପରିଚିତ ହେବ। ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଡକ୍ଟର ଆମ୍ବେଦକର ଜଣେ ଦୂରଦର୍ଶୀ ନେତା ତଥା ସମର୍ପିତ ସମାଜ ସଂସ୍କାରକ ଥିଲେ। ସମାଜର ଦଳିତ ଓ ନିଷ୍ପେସିତଙ୍କ ପାଇଁ ସେ ଥିଲେ ଆଶାର ଆଲୋକ। ସମସ୍ତେ ଯେପରି ନ୍ୟାୟ

▶▶ପୃଷ୍ଠା ୭

# ସଂସଦରେ ଦମ୍ଭୋକ୍ତି କଲେ ମୋଦି: ବିଜେପି ୩୭୦ ଆସନ ଜିତିବ



ନୂଆଦିଲ୍ଲୀ, ୫/୨ : ଆସନ୍ତା ସାଧାରଣ ନିର୍ବାଚନକୁ ନେଇ ଏବେ ଠାରୁ ଭବିଷ୍ୟବାଣୀ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ୨୦୨୪ ସାଧାରଣ ନିର୍ବାଚନରେ ବିଜେପି ଏକାକୀ ୩୭୦ ଆସନ ଜିତିବ। ସେହିପରି ବିଜେପି ନେତୃତ୍ୱାଧୀନ ଏନଡିଏ ମଧ୍ୟ ୪୦୦ରୁ ଅଧିକ ଆସନ ଜିତିବ ବୋଲି ଆଜି ପ୍ରଧାନମନ୍ତ୍ରୀ ମୋଦି ଦମ୍ଭୋକ୍ତି କରିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ଜଣାଇ ମୋଦି ବିରୋଧୀ କଂଗ୍ରେସକୁ ତୀବ୍ର ସମାଲୋଚନା କରିବାକୁ ପଛାଇ ନାହାନ୍ତି। ସେ ନିଜ ସରକାରର ପ୍ରଶଂସା କରିଛନ୍ତି। ଏଥିସହ ପୁଣିଥରେ ବିଜେପି କେନ୍ଦ୍ରରେ ସରକାର ଗଠନ କରିବ ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି। ମୋଦି କଂଗ୍ରେସକୁ ଟାର୍ଗେଟ କରି କହିଛନ୍ତି ଯେ ବିରୋଧୀ ଦଳର ନେତା ମଲ୍ଲିକାର୍ଜୁନ ଖଡଗେ ମଧ୍ୟ ଏକଦା କହି ସାରିଛନ୍ତି ଯେ ଏନଡିଏ ସରକାର ୪୦୦ରୁ ଅଧିକ ଆସନ ଜିତି ସରକାର ଗଠନ କରିବ। ସେ କହିଛନ୍ତି, "ଆମର ତୃତୀୟ ପାଳି ବେଶୀ ଦୂର ନୁହେଁ। ସମ୍ଭବତଃ ୧୦୦ରୁ ୧୨୫ ଦିନ ବାକି ରହିଛି। ମୁଁ ସଂଖ୍ୟାକୁ ଯିବି ନାହିଁ। କିନ୍ତୁ ମୁଁ ଦେଶର ମୁଡକୁ ଦେଖିପାରୁଛି। ପୂରା ଦେଶ ଏବେ କହୁଛି ଯେ ଅବ କି ବାର ୪୦୦ ପାର। ଏପରି କି ଖଡଗେଜୀ ମଧ୍ୟ ସମାନ କଥା କହିଛନ୍ତି। ବିଜେପି ନିଶ୍ଚିତ ଭାବେ ୩୭୦ ଆସନ ଜିତିବ। ଆମର ତୃତୀୟ ପାଳିରେ ଅନେକ ବଡ଼ ନିଷ୍ପତ୍ତି ନିଆଯିବ।" ଫେବୃଆରୀ ୨ରେ ଖଡଗେ ରାଜ୍ୟସଭାରେ କହିଥିଲେ ଯେ ବିଜେପି ଏବେ ସଂଖ୍ୟାଗରିଷ୍ଠତା ହାସଲ କରି ସାରିଛି। ଦଳ ଆସନ୍ତା ଲୋକସଭାରେ ୪୦୦ରୁ ଅଧିକ ଆସନ ଜିତିବାକୁ ଚେଷ୍ଟା କରିବ ବୋଲି ସେ କହିଥିଲେ। ପ୍ରଧାନମନ୍ତ୍ରୀ ମୋଦି କଂଗ୍ରେସକୁ ସମାଲୋଚନା କରି କହିଛନ୍ତି ଯେ "ବିରୋଧୀ ଦୀର୍ଘ ସମୟ ଧରି ବିରୋଧୀ ଭାବେ ରହିବାକୁ ନିଷ୍ପତ୍ତି ନେଇଥିବାରୁ ମୁଁ ସେମାନଙ୍କୁ ସାଧୁବାଦ ଜଣାଉଛି। ଆପଣମାନେ ଯେମିତି ଦୀର୍ଘ ଦଶନ୍ଧି ଧରି ସରକାରରେ ରହିଥିଲେ, ଠିକ ସେହିପରି ଏବେ ବିରୋଧୀ ଆସନରେ ବସି ରହିବେ। ଆସନ୍ତା ନିର୍ବାଚନରେ ଆପଣ ଆହୁରି ଉଚ୍ଚକୁ ଯିବେ। ଆପଣମାନେ ଦର୍ଶକ ଗ୍ୟାଲେରୀରେ ବସିବେ।"

▶▶ପୃଷ୍ଠା ୭

# ୨୦୨୪ ଡିସେମ୍ବର ସୁଦ୍ଧା ରାଜ୍ୟର ସବୁ ସହରାଞ୍ଚଳ ହେବ ବସ୍ତିମୁକ୍ତ: ରାଜ୍ୟପାଳ



ଭୁବନେଶ୍ୱର, ୫/୨ (ନି.ପ୍ର): ଷୋଡ଼ଶ ବିଧାନସଭାର ଶେଷ ଅଧିବେଶନ ଆରମ୍ଭ ହୋଇଛି। ଅଧିବେଶନ ଆରମ୍ଭ ପୂର୍ବରୁ ରାଜ୍ୟପାଳଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ବିଧାନସଭାର ଦିବଙ୍ଗତ ସଦସ୍ୟଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ସହିଦ ଯବାନଙ୍କ ଉଦ୍ଦେଶ୍ୟରେ ଶୋକ ବ୍ୟକ୍ତ କଲେ ରାଜ୍ୟପାଳ ରଘୁବର ଦାସ। ଏହାପରେ ଗୃହରେ ନିଜର ଅଭିଭାଷଣ ରଖିଛନ୍ତି ରାଜ୍ୟପାଳ। ସମସ୍ତ ସଦସ୍ୟଙ୍କୁ ନୂଆବର୍ଷର ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସହ ନିଜ ଅଭିଭାଷଣରେ ରାଜ୍ୟ ସରକାରଙ୍କ ଉପଲବ୍ଧିକୁ ବିଧାନସଭାରେ ରଖିଛନ୍ତି।

▶▶ପୃଷ୍ଠା ୭

# ପ୍ରତି ୫ ବର୍ଷରେ ଥରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଆୟୋଜନ ହେବ: ମୁଖ୍ୟମନ୍ତ୍ରୀ

## ଆଉ ୩ ଦିନ ବଢିଲା ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ



ଭୁବନେଶ୍ୱର, ୫/୨ (ନି.ପ୍ର): ଆଉ ତିନି ଦିନ ବଢିଲା ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ। ଏଥିସହ ପ୍ରତି ୫ ବର୍ଷରେ ଏହି ସମ୍ମିଳନୀ ଆୟୋଜନ ହେବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଘୋଷଣା କରିଛନ୍ତି। ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଆଜି ଥିଲା ଉଦଯାପନୀ ଦିବସ। ତେବେ ଏହାର ଲୋକପ୍ରିୟତା, ଆଦୃତ ଓ ସଫଳତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଆଉ ୩ ଦିନ ବଢାଇବାକୁ ନିଷ୍ପତ୍ତି ନେଇଛନ୍ତି। ଫଳରେ ଜନତା ମଇଦାନରେ ୩ ତାରିଖରୁ ଆରମ୍ଭ ହୋଇଥିବା ଏହି ସମ୍ମିଳନୀ ଫେବୃଆରୀ ୮ ତାରିଖରେ ଉଦଯାପିତ ହେବ। ସୂଚନାଯୋଗ୍ୟ, ଫେବୃଆରୀ ୩ ତାରିଖରୁ ଆରମ୍ଭ ହୋଇଥିବା ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଦ୍ୱିତୀୟ ଦିବସ ଅର୍ଥାତ ଗତକାଲି ୯୬ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ସାହିତ୍ୟିକ ଡ଼. ଗାୟତ୍ରୀବାଳା ପଣ୍ଡାଙ୍କୁ ସମ୍ବର୍ଦ୍ଧିତ ତଥା ସମ୍ମାନିତ କରାଯାଇଥିଲା। ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀରେ କେବଳ ଯେ, ଓଡିଆ ଭାଷା ଓ ସାହିତ୍ୟ ଉପରେ ଆଲୋଚନା

▶▶ପୃଷ୍ଠା ୭

## ୧୫ ହଜାର ଟଙ୍କା ଲାଞ୍ଚ ନେଇ ଧରାପଡ଼ିଲେ ରେଭିନ୍ୟୁ ସୁପରଭାଇଜର

ନୂଆପଡ଼ା , ୫/୨ (ନି.ପ୍ର): ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ନୂଆପଡ଼ା ଜିଲ୍ଲା କୋମନା ତହସିଲ ଅଫିସର ରେଭିନ୍ୟୁ ସୁପରଭାଇଜର ଅକ୍ଷୟ କୁମାର ନାଏକ। ତାଙ୍କଠାରୁ ୧୫ ହଜାର ଟଙ୍କା ଜବତ କରାଯାଇଛି। ଜବରଦଖଲ ମାମଲାରେ ଜୋରିମାନା କମ୍ କରିବାକୁ ଓ ଜମି ପଟ୍ଟା ଜାରି କରିବାରେ ସହାୟତା କରିବାକୁ ଅଭିଯୋଗକାରୀ ଏବଂ ଅନ୍ୟ କିଛି ଲୋକଙ୍କୁ ଲାଞ୍ଚ ମାଗିଥିଲେ। ଆଜି ଅକ୍ଷୟ କୁମାର ନାଏକ ଅଭିଯୋଗକାରୀଙ୍କ ଠାରୁ ୧୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ପୂବ

▶▶ପୃଷ୍ଠା ୭

# ଭାରତ ଯୋଡ଼ ନ୍ୟାୟ ଯାତ୍ରାରେ କୋଇଲା ବୋହିଲେ ରାହୁଲ: ସାଇକେଲରେ ଲଦା ହୋଇଥିଲା ୨ଶହ କିଲୋ



ନୂଆଦିଲ୍ଲୀ, ୫/୨ : ଭାରତ ଯୋଡ ନ୍ୟାୟ ଯାତ୍ରା ପାଇଁ ଝାଡଖଣ୍ଡରେ ଥିବା ରାହୁଲଙ୍କ କିଛି ଏଭଳି ଅନ୍ଦାଜ ଦେଖିବାକୁ ମିଳିଛି । ୨ ଶହ କିଲୋ କୋଇଲା ଦଲା ହୋଇଥିବା ସାଇକେଲ ଶ୍ରମିକଙ୍କ ଠାରୁ ନେଇ ନିଜେ ବୋହିଛନ୍ତି କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ । ଏହି ସମୟର ଫଟୋକୁ ନିଜ ସୋସିଆଲ ମିଡିଆରେ ବି ସେୟାର କରିଛନ୍ତି ରାହୁଲ । ଭାରତ ଯୋଡ ନ୍ୟାୟ ଯାତ୍ରା ପାଇଁ ଝାଡଖଣ୍ଡରେ ଥିବା ରାହୁଲ ସୋମବାର ସକାଳୁ ନିଜ ଯାତ୍ରା ରାମଗଡ଼ର ମହାତ୍ମା ଗାନ୍ଧୀ ରୋଡ୍ରୁ ଆରମ୍ଭ କରିଥିଲେ । ଏହି ସମୟରେ କିଛି ଶ୍ରମିକ କୋଇଲା ଲଦା ସାଇକେଲ ବୋହୁଥିବାର ଦେଖିଥିଲେ ରାହୁଲ । ଗୋଟିଏ ସାଇକେଲ୍ରେ ପ୍ରାୟ ୨ଶହ କିଲୋ କୋଇଲା ବୋହୁଥିଲେ ଶ୍ରମିକମାନେ । ସେମାନଙ୍କ ସହ କିଛି ସମୟ କଥା ହୋଇ ସେମାନଙ୍କ ସାଇକେଲ୍ ନିଜେ ମଧ୍ୟ ବୋହିଥିଲେ ରାହୁଲ ଗାନ୍ଧୀ । ଏହି ସମୟରେ ରାହୁଲ କହିଥିଲେ, ସେମାନଙ୍କ କଷ୍ଟ କେହି ବୁଝି ପାରିବେ ନାହିଁ । କେବଳ ସେତିକି ନୁହେଁ ଏହା ପୂର୍ବରୁ ଧାନବାଦର ସବୁଠାରୁ ବଡ କୋଇଲା ଖଣିରେ ପହଁଚି ଶ୍ରମିକଙ୍କ ସହ ମଧ୍ୟ ବେଶ କିଛି ସମୟ ଧରି ଆଲୋଚନା କରିଥିଲେ ରାହୁଲ ଗାନ୍ଧୀ । ନ୍ୟାୟ ଯାତ୍ରା ଜରିଆରେ ଦେଶର ଗରିବ, ସାଧାରଣ ଶ୍ରମିକ ଶ୍ରେଣୀର ଲୋକଙ୍କ ପାଖରେ ପହଁଚୁଛନ୍ତି ରାହୁଲ । ସେମାନଙ୍କ ସହ ସମୟ ବିତାଉଛନ୍ତି ଏବଂ ସେମାନଙ୍କ ସମସ୍ୟା ଶୁଣୁଛନ୍ତି । କେବଳ ସେତିକି ନୁହେଁ କେନ୍ଦ୍ର ସରକାର ଗରିବଙ୍କ ସମସ୍ୟାକୁ ଅଣଦେଖା କରୁଥିବା ଅଭିଯୋଗ ବି କରୁଛନ୍ତି ରାହୁଲ । ରାହୁଲଙ୍କ ଏସବୁ ଅଭିଯୋଗ ଭିତିହୀନ କହିବା ସହ ଏହି ଯାତ୍ରାର କୌଣସି ପ୍ରଭାବ ଭୋଟରଙ୍କ ଉପରେ ପଡିବ ନାହିଁ ବୋଲି ଦାବି କରିଛି ବିଜେପି । ଜାନୁଆରୀ ୧୪ରୁ ମଣିପୁର ଥୌବାଲରୁ ଆରମ୍ଭ ହୋଇଛି କଂଗ୍ରେସର ଭାରତ ଯୋଡ ନ୍ୟାୟ ଯାତ୍ରା। ରାହୁଲଙ୍କ ନେତୃତ୍ୱରେ ଏହି ଯାତ୍ରା ୬୭ ଦିନରେ ୧୫ଟି ରାଜ୍ୟର ୧୧୦ଟି ଜିଲ୍ଲା ଦେଇ ୬, ୭୧୩ କିଲୋମିଟର ଅତିକ୍ରମ କରିବାକୁ ଲକ୍ଷ୍ୟ ରଖିଛି ଦଳ ।

# ରାଲି, ନିର୍ବାଚନୀ ପ୍ରଚାରରେ ବ୍ୟବହାର ହେବେନି ଛୋଟ ପିଲା : ନିର୍ବାଚନ ଆୟୋଗ




ନୂଆଦିଲ୍ଲୀ, ୫/୨ : ଆଗକୁ ୨୦୨୪ ଲୋକସଭା ନିର୍ବାଚନ । ଏଥିପାଇଁ ଏବେଠୁ ଅଧିକାଂଶ ରାଜନୈତିକ ଦଳମାନେ ପ୍ରସ୍ତୁତି ଆରମ୍ଭ କରିଦେଲେଣି । ଏହିକ୍ରମରେ ନିର୍ବାଚନ ଆୟୋଗ ମଧ୍ୟ ପଛରେ ପଡିନାହାଁନ୍ତି । ନିର୍ବାଚନକୁ ଆଖି ଆଗରେ ରଖି ଏବେଠୁ ପ୍ରସ୍ତୁତି ଆରମ୍ଭ କରିଦେଲେଣି ଭାରତୀୟ ନିର୍ବାଚନ ଆୟୋଗ । ସୋମବାର ନିର୍ବାଚନ ଆୟୋଗ ଦେଶର ରାଜନୈତିକ ଦଳମାନଙ୍କ ପାଇଁ ଏକ କଡା ନିର୍ଦ୍ଦେଶନାମା ଜାରି କରିଛନ୍ତି । ଯେଉଁଥିରେ ନିର୍ବାଚନ ପ୍ରଚାର, ପୋଷ୍ଟର ମାରିବା, ନିର୍ବାଚନୀ ନାରା ଦେବା ଭଳି କାମରେ ରାଜନୈତିକ ଦଳମାନେ ଛୋଟ ପିଲାଙ୍କୁ ସମ୍ପୃକ୍ତ କରିପାରିବେ ନାହିଁ ବୋଲି ନିର୍ବାଚନ ଆୟୋଗ କହିଛନ୍ତି । ନିର୍ବାଚନ ଆୟୋଗ ଏହି କଡା ନିର୍ଦ୍ଦେଶନାମା ଜାରି କରି କହିଛନ୍ତି ଯେ,

▶▶ପୃଷ୍ଠା ୭

# କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଶୃଙ୍ଖଳା ଚରମ ସୀମାରେ

କେନ୍ଦ୍ରାପଡ଼ା, ୦୫/୨ (ନି,ପ୍ର): କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଗୋଟିଏ ପରେ ଗୋଟିଏ ଛାତ୍ର ବିଶୃଙ୍ଖଳା ଘଟଣା କଲେଜକୁ କଳଙ୍କିତ କରିବାରେ ଲାଗିଛି। କିନ୍ତୁ ଏଦିଗରେ କଲେଜ କର୍ତୃପକ୍ଷଙ୍କ ପକ୍ଷରୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ଓ ଚୁପ ହୋଇ ବସିଯିବା ବିଶୃଙ୍ଖଳାକାରୀଙ୍କୁ ଉତ୍ସାହିତ କରୁଛି। ଏହାମଧ୍ୟରେ କଲେଜ ପରିସରରେ ୪ଟି ଏଭଳି ଘଟଣା ଘଟି ଯାଇଥିବା ଦେଖାଯାଇଛି। ସେଥିମଧ୍ୟରୁ କଲେଜ କର୍ମଚାରୀଙ୍କୁ ଆକ୍ରମଣ ଘଟଣା ସହ ୪ଟି ଘଟଣା କଲେଜ ପରିସରରେ ଘଟିଯାଇଥିବା ବେଳେ କଲେଜ କର୍ତୃପକ୍ଷ କୌଣସି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିନଥିବା ସାଧାରଣରେ ସନ୍ଦେହ ସୃଷ୍ଟି କରିଥିବାବେଳେ କର୍ମଚାରୀ ଓ ଅଧ୍ୟାପକ/ଅଧ୍ୟାପିକାମାନଙ୍କ ମନବଳକୁ ହ୍ରାସ କରିଥିବା ଦେଖାଯାଇଛି। ପ୍ରାୟ ବର୍ଷକ ତଳେ କଲେଜର ଜଣେ କର୍ମଚାରୀ ରମେଶ ଦାସଙ୍କୁ କଲେଜ ପରିସରରେ ଅଣଛାତ୍ରଙ୍କ ମରଣାନ୍ତକ ଆକ୍ରମଣ ଘଟଣା ପରେ ଗଣିତ ବିଭାଗର ମୁଖ୍ୟ ପ୍ରଫେସର ଅଶୋକ ମିଶ୍ରଙ୍କୁ ତାଙ୍କ ବିଭାଗୀୟ କାର୍ଯ୍ୟାଳୟରେ ଅଣଚାତ୍ରଙ୍କ ଦ୍ୱାରା ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା, ଅଶ୍ଳୀଳତା ପ୍ରଦର୍ଶନକୁ ସୁଯୋଗ ନଦେବାରୁ କଲେଜର ୨ଜଣ ଅଧ୍ୟାପିକାଙ୍କୁ ଜନୈକ ଛାତ୍ରୀ ଗାଳିଗୁଲଜ କରିବା ସହ ଅଙ୍ଗୁଳି ଦେଖାଇ ଆପତିଜନକ ଆଖେପ କରିବା ଘଟଣା ମନରୁ ଲିଭି ନଥିବାବେଳେ ଏବେ ୨ଦିନ ତଳେ ପରୀକ୍ଷା ହଲରେ ଜନୈକ ପିଜି ଛାତ୍ରର ବେଆଇନ କାର୍ଯ୍ୟକୁ ବିରୋଧ କରିବାରୁ କଲେଜର ରସାୟନ ବିଜ୍ଞାନ ବିଭାଗ ଅଧ୍ୟାପିକାଙ୍କୁ ସଂପୃକ୍ତ ଛାତ୍ରର ଅଶାଳୀନ ବ୍ୟବହାର ଘଟଣା ସାଧାରଣରେ କଲେଜର ସମ୍ମାନକୁ ଭୂଲୁଣ୍ଠିତ କରାଯାଉଥିବା ଅଭିଯୋଗ ହୋଇଛି। କେଉଁ କାରଣ ପାଇଁ କଲେଜ କର୍ତୃପକ୍ଷ ଏସମସ୍ତ ଘଟଣାକୁ ଆଖିବୁଜି ଦେଉଛନ୍ତି ତାହା ବୁଝାପଡୁନାହିଁ। କଲେଜ କର୍ତୃପକ୍ଷଙ୍କ ଏଭଳି ନିରବତାକୁ ନେଇ ସାଧାରଣରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେତେକ ବିଶୃଙ୍ଖଳିତ ଛାତ୍ରଛାତ୍ରୀଙ୍କ ଅସଦ ଆଚରଣ ଯୋଗୁଁ ସାରା ମହାବିଦ୍ୟାଳୟ ଏବେ ବିଶୃଙ୍ଖଳିତ ହୋଇପଡିଛି। ଏହି ଘଟଣା କଲେଜ କର୍ତୃପକ୍ଷଙ୍କ ମୁଣ୍ଡବିନ୍ଧାର କାରଣ ପାଲଟି ଥିଲେ ବି କେଉଁ ଅଜଣା ଭୟରେ କଲେଜ କର୍ତୃପକ୍ଷ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ତାହା ସନ୍ଦେହ ସୃଷ୍ଟି କରିଛି। ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସମର୍ଥନରେ ଜନୈକ ଛାତ୍ରନେତାଙ୍କ ପ୍ରରୋଚନାରେ କେତେକ ଅଣଛାତ୍ର କଲେଜରେ ଏଭଳି ଘଟଣା ଘଟାଇ ଚାଲିଥିବା ଅଭିଯୋଗ ହେଉଛି। ଅଧ୍ୟାପିକା ଦ୍ୱୟଙ୍କୁ ଜନୈକ ଛାତ୍ରୀଙ୍କ ଅସୌଜନ୍ୟ ଓ ବିଶୃଙ୍ଖଳିତ ଆଚରଣ ଘଟଣାରେ ଖବର ପାଇ ଟାଉନ ଥାନା ପୋଲିସ କଲେଜରେ ପହଂଚିବାରୁ ଶାନ୍ତିଭଙ୍ଗ ଘଟଣାକୁ ଏଡାଇ ଦିଆଯାଇଥିଲା। କିନ୍ତୁ ସେହି ଘଟଣାକୁ ପ୍ରାୟ ଏକମାସ ପୁରଣ ହୋଇଥିଲେ ବି କଲେଜ କର୍ତୃପକ୍ଷ ସେହି ଦୁଇ ଅଧ୍ୟାପିକାଙ୍କୁ ଏପର୍ଯ୍ୟନ୍ତ ନ୍ୟାୟ ଦେଇପାରିନାହାନ୍ତି। ଗଣିତ ବିଭାଗ ମୁଖ୍ୟ ପ୍ରଫେସର ମିଶ୍ରଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ଅଣଛାତ୍ରଙ୍କ ବିରୋଧରେ କଲେଜ ପକ୍ଷରୁ ଥାନାରେ ଅଭିଯୋଗ କରିବାକୁ ବି କଲେଜ କର୍ତୃପକ୍ଷ ଉଚିତ ମନେ କରିନାହାନ୍ତି। ଏହା ପରେ ଏବେ ରସାୟନ ବିଭାଗର ଅଧ୍ୟାପିକାଙ୍କୁ ପରୀକ୍ଷା ହଲରେ ପିଜି ଛାତ୍ରଙ୍କ ଆଶାଳୀନ ବ୍ୟବହାର ଘଟଣାକୁ କଲେଜ କର୍ତୃପକ୍ଷ ଚାପିଦେବାକୁ ଉଦ୍ୟମ କରୁଥିବା ଅଭିଯୋଗ ଅଭିଯୋଗ ହୋଇଛି। ଏସବୁ ଘଟଣାରେ କଲେଜ ପକ୍ଷରୁ ତୁରନ୍ତ ପଦକ୍ଷେପ ଗ୍ରହଣ କରାନଗଲେ ଆଗାମୀ ଦିନରେ କଲେଜର ହୃତଗୌରବ ରକ୍ଷା ନିମନ୍ତେ ପୁରାତନ ଛାତ୍ରମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେବେ ବୋଲି ପୁରାତନ ଛାତ୍ର ପରମାନନ୍ଦ ମହାରଣା, ଦୈତାରୀ ସେଠୀ, ପ୍ରତାପ ମହାନ୍ତି, ବିଶ୍ୱଜିତ ଦାସ, ପ୍ରଦୀପ ସାହୁ ପ୍ରମୁଖ ବହୁ ପୁରାତନ ଛାତ୍ର ଦାବି କରିଛନ୍ତି।

# ଏଯାଏଁ ମିଳିଲାନି ବ୍ୟାଙ୍କିଂ ସୁବିଧା: ଓଡ଼ିଶାରୁ ବ୍ୟାଙ୍କସେବା ପାଉଛନ୍ତି ଝାଡ଼ଖଣ୍ଡବାସିନ୍ଦା

ରାଉରକେଲା, ୦୫/୨ (ନି,ପ୍ର): ସୀମାନ୍ତ ଝାଡ଼ଖଣ୍ଡର ଅଧିକାଂଶ ଗ୍ରାମବାସୀଙ୍କୁ ଏଯାଏଁ ମିଳିଲାନି ବ୍ୟାଙ୍କିଂ ସୁବିଧା। ବିକଳ୍ପ ବ୍ୟବସ୍ଥା ନଥିବାରୁ ବର୍ଷ ବର୍ଷ ଧରି ଓଡ଼ିଶା ବ୍ୟାଙ୍କ ଉପରେ ଏମାନେ ନିର୍ଭରଶୀଳ। ଟଙ୍କା ଉଠାଣ ପାଇଁ ଓଡ଼ିଶା ଏଟିଏମ୍ ଏକମାତ୍ର ସାହାଭରସା। ଝାଡ଼ଖଣ୍ଡର ଏମିତି ଅନେକ ଗାଁଗୁଡ଼ିକ ଅଛି,ଯେଉଁମାନେ ସ୍ୱାଧୀନତା ପରଠାରୁ ଆଜି ପର୍ଯ୍ୟନ୍ତ ନିଜ ଅଞ୍ଚଳରେ ବ୍ୟାଙ୍କ ଗୋଟିଏ ବି ଦେଖିପାରିଲେ ନାହିଁ। ସୁନ୍ଦରଗଡ଼ ଜିଲ୍ଲା ନୂଆଗାଁ, ବିଶ୍ରା ଓ ବୀରମିତ୍ରପୁରରେ ଥିବା ଘରୋଇ ଓ ଜାତୀୟକରଣ ବ୍ୟାଙ୍କରେ ନିର୍ଭର କରିଆସୁଛନ୍ତି। ବିଭିନ୍ନ ବ୍ୟାଙ୍କରେ ପ୍ରାୟ ୧୦ ହଜାର ଝାଡ଼ଖଣ୍ଡବାସିନ୍ଦାଙ୍କ ଜମା ଖାତା ରହିଛି। ପ୍ରତି ସୋମବାରରୁ ଶନିବାର ପର୍ଯ୍ୟନ୍ତ ନୂଆଗାଁ, ସୋରଡ଼ା, ବିଶ୍ରା ଓ ବୀରମିତ୍ରପୁର ବ୍ୟାଙ୍କକୁ ଯେତିକି ସ୍ଥାନୀୟ ଗ୍ରାହକଙ୍କ ଅସାନ୍ତି, ତା'ର ୩୦% ଗ୍ରାହକ କେବଳ ସୀମାନ୍ତ ଝାଡ଼ଖଣ୍ଡ ଅଞ୍ଚଳର। ଝାଡ଼ଖଣ୍ଡ ମୁଖ୍ୟ ସହରରେ ଥିବା ବ୍ୟାଙ୍କ, ଏସବୁ ଗାଁଗୁଡ଼ିକ ପ୍ରାୟ ୪୦ରୁ ୫୦ କି.ମି. ଦୂରରେ ରହିଛି। ପାଖରେ କୌଣସି ବ୍ୟାଙ୍କ ଓ ଏଟିଏମ୍ ନଥିବାରୁ ଝାଡ଼ଖଣ୍ଡ ମୁଖ୍ୟ ସହରକୁ ଯିବା ପରିବର୍ତ୍ତେ ଏମାନେ ପ୍ରାୟ ୧୨ରୁ ୧୫ କି.ମି ନୂଆଗାଁ ଓ ସୋରଡାର ବିଭିନ୍ନ ବ୍ୟାଙ୍କରେ ଖାତା ଖୋଲିବାକୁ ବାଧ୍ୟ ହୋଇଥାନ୍ତି। ଝାଡ଼ଖଣ୍ଡ ବାନୋ ବ୍ଲକର ସାହୁବେଡା, ହାଟିଂଘଡା, ଆନନ୍ଦପୁର, ରାଇକେଲା, ଗେନମେର, ହୃଦା, ପାନିଆସାଲ୍, ସାଢ଼େ, ରୁଙ୍ଗି, ଜାମତେଇ, ଫାଟକା ଆଦି ଗ୍ରାମର ପ୍ରାୟ ୫ ହଜାରୁ ଅଧିକ ଲୋକ ନୂଆଗାଁ ଓ ସୋରଡ଼ା ବିଭିନ୍ନ ବ୍ୟାଙ୍କରେ ବର୍ଷ ବର୍ଷ ଧରି ଅର୍ଥ କାରବାର କରିଆସୁଛନ୍ତି। ରାତିରେ ଅଧରେ ଅର୍ଥର ଆବଶ୍ୟକତା ପଡ଼ିଲେ ପ୍ରାୟ ୧୨ କି.ମି. ଦୂର ସୋରଡ଼ା ଏଟିଏମ୍‌କୁ ଆସିଥାନ୍ତି। ଝାଡ଼ଖଣ୍ଡର ହୃଦାର ଗୌରବ ସିଂ କହିଛନ୍ତି, ଆମ ଅଞ୍ଚଳରେ ବ୍ୟାଙ୍କିଂ ସେବା ଆଜି ପର୍ଯ୍ୟନ୍ତ ହୋଇପାରିଲା ନାହିଁ। କିଛି ଅଞ୍ଚଳରେ କାଁଭାଁ ବିଏସ୍‌ଏନ୍‌ଏଲ୍ ନେଟ୍‌ୱାର୍କ ଧରୁଛି। ନ ହେଲେ ମୋବାଇଲ ସେବା ଏକପ୍ରକାର ଠପ୍ କହିଲେ ଚଳେ। ନେଟ୍‌ୱାର୍କ ନଥିବାରୁ ସ୍ଥାନୀୟ ଅଞ୍ଚଳର ଜାତୀୟକରଣ କିମ୍ବା ଘରୋଇ ବ୍ୟାଙ୍କ ନାହିଁ। ଆଜିକୁ ସାତ ଦଶନ୍ଧି ଧରି ଓଡ଼ିଶାର ବ୍ୟାଙ୍କ ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛୁ। ମରାନି ଗାଁର ସୋମେଶ ସାହୁ ସେହି ସମାନ କଥା କହିଛନ୍ତି। ସେ କହିଛନ୍ତି, କେବଳ ଓଡ଼ିଶା ଆମକୁ ବ୍ୟାଙ୍କ ସେବା ନୁହେଁ, ବରଂ ଜୀବିକା ଦେଉଛି। ଅନେକ ସରକାର ଗଲେଣି, କାହାରି ସୀମାନ୍ତ ଅଞ୍ଚଳବାସୀଙ୍କ ସମସ୍ୟା ପ୍ରତି ନଜର ପଡୁନି। ଅନୁରୂପ ଭାବେ ବିଶ୍ରା ସୀମାନ୍ତକୁ ଲାଗିଥିବା ଝାଡ଼ଖଣ୍ଡର ପାରୋଡିହି, ମକରଣ୍ଡା, ସମଠା, ସାଗଯୋଡି, ରେଡା, ଧାନପାଲୀ, ପାଞ୍ଚପହିଆ, ଲାଇଲୋଇ, ଫୁଲବାରି, ପ୍ରଧାନପଲ୍ଲୀ, ବିକାଳକୁଦର, ଅଭୟପୁର, ପୋଟକା, ପୁରାନାଡିହି, ନଓ୍ୱାଡିହି ଓ ଡୋମଲାଇ ଭଳି ୨୦ରୁ ଅଧିକ ଗାଁ ରହିଛି। ଏମାନଙ୍କ ମଧ୍ୟରୁ ପ୍ରାୟ ୫୦% ଲୋକ ବିଶ୍ରା ଓ ଜରେଇକେଲାରୁ ବ୍ୟାଙ୍କ ସେବା ପାଉଛନ୍ତି। କାରଣ ଏସବୁ ଗାଁଗୁଡ଼ିକରୁ ମନୋହରପୁର ପ୍ରାୟ ମୁଖ୍ୟ ବଜାର ପ୍ରାୟ ବିଶ୍ରା ଠାରୁ ଢ଼େର ଦୂର। କେବଳ ଏତିକି ନୁହେଁ, ପର୍ବ ପର୍ବାଣୀ, ବିବାହ, ବ୍ରତ, ସାମାଜିକ କାର୍ଯ୍ୟକ୍ରମରେ ଜିନିଷପତ୍ର ପାଇଁ ଏମାନଙ୍କ ପ୍ରମୁଖ ବଜାର ହେଉଛି ରାଉରକେଲା। ସ୍ୱାସ୍ଥ୍ୟସେବା ପାଇଁ ବିଶ୍ରା, ନୂଆଗାଁ, ହାତୀବାରି ଓ ବୀରମିତ୍ରପୁର ପିଏଚ୍‌ସି ଓ ସିଏଚ୍‌ସି ଉପରେ ନିର୍ଭରଶୀଳ।

## ବହୁମୁଖୀ ବାତ୍ୟା ବନ୍ୟା ଆଶ୍ରୟ ସ୍ଥଳକୁ ମଞ୍ଜୁରୀ

ପୁରୀ, ୦୫/୨ (ନି,ପ୍ର): ପୁରୀ ଜିଲ୍ଲାର ୩ ଗୋଟି ବହୁମୁଖୀ ବାତ୍ୟା, ବନ୍ୟା ଆଶ୍ରୟ ସ୍ଥଳ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସରକାରୀ ମଞ୍ଜୁରୀ ମିଳିଛି ବୋଲି ଜିଲ୍ଲାପାଳ ବିଜୟ କୁମାର ଦାଶ ସୂଚନା ଦେଇଛନ୍ତି।ବ୍ରହ୍ମଗିରି ବ୍ଲକ ର ମାଣିକ ପଂଚାୟତ ମିର୍ଜାପୁର ଗ୍ରାମର ଖାତା ନମ୍ବର ୪୨ ପ୍ଲଟ ନମ୍ବର ୧୬୯ ରେ ଗୋଟିଏ, ପଣସପଦା ପଂଚାୟତ ରାମେଶ୍ୱରପୁର ସାମିଲ ପାଇକସାହିର ଖାତା ନମ୍ବର ୧୨୩ ପ୍ଲଟ ନମ୍ବର ୫୮୩ ରେ ଗୋଟିଏ ଓ କୃଷ୍ଣ ପ୍ରସାଦ ବ୍ଲକ ବଡ଼ଝାଡ ପଂଚାୟତ ଓ ବଡ଼ଝାଡ ଗ୍ରାମର ଖାତା ନମ୍ବର ୨୦୬ ପ୍ଲଟ ନମ୍ବର ୨୫୧ ରେ ଗୋଟିଏ ଏହିଭଳି ୩ ଗୋଟି ବହୁମୁଖୀ ଆଶ୍ରୟ ସ୍ଥଳ ନିର୍ମାଣ ହେବ।

ପୁରୀ ଜିଲ୍ଲା ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଅଂଚଳ। ବିଶେଷ କରି ବ୍ରହ୍ମଗିରି ଓ କୃଷ୍ଣ ପ୍ରସାଦ ବ୍ଲକରେ ଏହି ବହୁମୁଖୀ ଆଶ୍ରୟ ସ୍ଥଳର ଆବଶ୍ୟକତା ରହିଥିଲା। ସରକାର ଏହାକୁ ମଞ୍ଜୁର କରିବା ଦ୍ୱାରା ଅଂଚଳ ବାସୀ ଙ୍କର ଅନେକ ସୁବିଧା ହେବା ସହ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏହାର ସର୍ବାଧିକ ଉପଯୋଗ ହୋଇପାରିବ ବୋଲି ଜିଲ୍ଲାପାଳ ଶ୍ରୀ ଦାଶ କହିଛନ୍ତି।

# ନିର୍ବାଚନ ଟିକଟ ବଂଟନରେ ସ୍ୱଚ୍ଛତା ରକ୍ଷା ପାଇଁ କଂଗ୍ରେସର ନିଆରା ପଦକ୍ଷେପ

## ସାଧାରଣ ଲୋକଙ୍କୁ ନେତୃତ୍ୱ ନେବାର ସୁଯୋଗ ଦେବ ପ୍ରୋଜେକ୍ଟ ପ୍ରଗମନ

ଭୁବନେଶ୍ୱର, ୦୫/୨ (ନି,ପ୍ର): ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଟିକଟ ବଂଟନରେ ସ୍ୱଚ୍ଛତା ରକ୍ଷା ଏବଂ ବାସ୍ତବରେ ଜନସାଧାରଣଙ୍କ ନିକଟତର ହୋଇ ସେମାନଙ୍କ ସେବା କରିବାକୁ ଚାହୁଁଥିବା ବ୍ୟକ୍ତିଙ୍କୁ ନିର୍ବାଚନ ଲଢ଼ିବାର ସୁଯୋଗ ଦେବାକୁ ଭାରତୀୟ ଜାତୀୟ କଂଗ୍ରେସ ଏକ ନିଆରା ପଦକ୍ଷେପ ଗ୍ରହଣ କରିଛି। ପ୍ରୋଜେକ୍ଟ ପ୍ରଗମନ ନାମକ ଏହି ଅଭିଯାନ ମାଧ୍ୟମରେ କଂଗ୍ରେସ ସାଧାରଣଲୋକଙ୍କୁ ନେତୃତ୍ୱ ଦେବାର ସୁଯୋଗ ସୃଷ୍ଟି କରିଛି। ଅର୍ଥାତ୍ ଆସନ୍ତା ସାଧାରଣ ନିର୍ବାଚନରେ କଂଗ୍ରେସରୁ ପ୍ରାର୍ଥୀ ହେବାକୁ ଚାହୁଁଥିବା ବ୍ୟକ୍ତି ଡବଲ୍ୟୁଡବଲ୍ୟୁଡବଲ୍ୟୁ ପ୍ରଗମନ.ଇନ ଲିଙ୍କ ରେ ଲଗ୍‌ଇନ୍ କରି ଫର୍ମ ଯୋଗେ ଟିକଟ ପାଇଁ ଆବେଦନ କରିପାରିବେ ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ ପ୍ରଭାରୀ ଡ.ଅଜୟ କୁମାର ସୂଚନା ଦେଇଛନ୍ତି। ରବିବାର କଂଗ୍ରେସ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଡ. ଅଜୟ କୁମାର କହିଲେ ଯେ ଆସନ୍ତା ସାଧାରଣ ନିର୍ବାଚନରେ ଟିକଟ ବଂଟନ କ୍ଷେତ୍ରରେ ସ୍ୱଚ୍ଛତା ରକ୍ଷା ନିମନ୍ତେ କଂଗ୍ରେସ ଏକ ନିଆରା ଓ ନୂତନ ପଦକ୍ଷେପ ଗ୍ରହଣ କରିଛି। ଓଡ଼ିଶାର ପ୍ରକୃତ ବିକାଶ ଚାହୁଁଥିବା ଏବଂ ସାଧାରଣ ଲୋକଙ୍କ ହକ୍ ପାଇଁ ଲଢ଼େଇ କରୁଥିବା ସ୍ୱାଭିମାନୀ ଓଡ଼ିଆଙ୍କ ହାତରେ ନେତୃତ୍ୱ ଦେବାକୁ ଦଳ ନିଷ୍ପତି ନେଇଛି। ଭାରତୀୟ ଜନତା ପାର୍ଟି ଏବଂ ବିଜୁ ଜନତା ଦଳର ଟିକଟ ବଂଟନ ସଲାସୁତରାରେ ଚାଲିଛି। ଭାରତୀୟ ଜନତା ପାର୍ଟିରେ କିଛି ମୁଷ୍ଟିମେୟ ଲୋକଙ୍କ ହାତରେ ଟିକଟ ପ୍ରଦାନର କ୍ଷମତା ରହିଛି। ସେହିପରି ବିଜୁ ଜନତା ଦଳରେ ଜଣେ ତାମିଲ ବାବୁ ଟିକଟ ବଂଟନ କରିବାର କ୍ଷମତା ରଖିଛନ୍ତି। ସେହି ବ୍ୟକ୍ତି ଜଣଙ୍କ ବିଜୁ ଜନତା ଦଳର ଟିକଟ ବଂଟନ ସହିତ ଭାରତୀୟ ଜନତା ପାର୍ଟିର ଟିକଟ ବଂଟନରେ ମଧ୍ୟ ନିର୍ଣ୍ଣାୟକ ଭୂମିକା ନିର୍ବାହ କରୁଛନ୍ତି। ମାତ୍ର କଂଗ୍ରେସ ଦଳରେ ସେମିତି ବ୍ୟବସ୍ଥା ନାହିଁ। କଂଗ୍ରେସ ଦଳ ମଧ୍ୟରେ ଗଣତାନ୍ତ୍ରିକ ପ୍ରକ୍ରିୟା ବଜାୟ ରହିଛି। କୌଣସି ସ୍ୱାଭିମାନୀ ଓଡ଼ିଆ ଓଡ଼ିଶାର ସେବା କରିବା ନିମନ୍ତେ ନେତୃତ୍ୱ ନେବାକୁ ତାମିଲ ବାବୁଙ୍କ ପାଖରେ ହାତ ପତେଇବାକୁ ପଡ଼ିବ ନାହିଁ। କଂଗ୍ରେସ ସବୁବେଳେ ସାଧାରଣ ଲୋକଙ୍କ ସହିତ ରହିଆସିଛି। କଂଗ୍ରେସ ଟିକଟ ପାଇଁ କୌଣସି ପ୍ରକାର ସୁପାରିଶ କି ଅର୍ଥ କାରବାର ହୋଇପାରିବ ନାହିଁ। ଆଶାୟୀ ପ୍ରାର୍ଥୀଙ୍କୁ ଆଉ ଏଥିପାଇଁ ବାରମ୍ବାର ଦିଲ୍ଲୀ ମଧ୍ୟ ଦୌଡ଼ିବାକୁ ପଡ଼ିବ ନାହିଁ। ଓଡ଼ିଶାର ଯେକୌଣସି ଓଡ଼ିଆ ବ୍ୟକ୍ତି, ଯୁବ ନେତୃତ୍ୱ, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ପଛୁଆ ବର୍ଗର ଯୁବକ ଏବଂ ମହିଳା ମଧ୍ୟ କଂଗ୍ରେସରୁ ଟିକଟ ପାଇ ନିର୍ବାଚନ ଲଢ଼ିପାରିବେ। ଏଥିପାଇଁ କେବଳ ସେମାନଙ୍କର ଭଲ ଲୋକ ସମ୍ପର୍କ ରହିଥିବା ଆବଶ୍ୟକ। ତାଙ୍କ ପ୍ରତି ସ୍ଥାନୀୟ ଜନସାଧାରଣଙ୍କ ସମର୍ଥନ ରହିଥିବା ଆବଶ୍ୟକ ବୋଲି ଡ. ଅଜୟ କୁମାର ପ୍ରକାଶ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି ସଭାପତି ପ୍ରସାଦ ହରିଚନ୍ଦନ କହିଲେ ଯେ ସାଧାରଣ ଲୋକ, ଲୋକ ସେବକ, ବଳିଷ୍ଠ ସଂଗଠକ, ଯାହାଙ୍କର ନିଜ ନିର୍ବାଚନମଣ୍ଡଳୀରେ ଜନାଧାର ରହିଛି, ଭଲ ଲୋକ ସମ୍ପର୍କ ରହିଛି ସେମାନଙ୍କ ପାଇଁ କଂଗ୍ରେସ ଏକ ଅପୂର୍ବ ଅବକାଶ ଆଣି ଦେଇଛି। ଜାତି, ଧର୍ମ, ବର୍ଣ୍ଣ, ଧନୀ, ଗରିବ ନିର୍ବିଶେଷରେ ଯେଉଁମାନଙ୍କର ଦେଶ ଓ ରାଜ୍ୟ ପାଇଁ ସେବା କରିବାର ମନୋବୃତି ରହିଥିବ ସେମାନେ କଂଗ୍ରେସ ଟିକେଟ ପାଇଁ ଆବେଦନ କରିପାରିବେ। ଏଥିପାଇଁ ସାରା ଭାରତରେ ପ୍ରଥମ କରି ଓଡ଼ିଶାରେ ପ୍ରୋଜେକ୍ଟ ପ୍ରଗମନ ନାମରେ ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରାଯାଇଛି। ଓଡ଼ିଶାକୁ ପ୍ରୟୋଗଶାଳା କରି ଜାତୀୟ କଂଗ୍ରେସ ନିର୍ବାଚନରେ ସଂସ୍କାର ଆଣିବାକୁ ଏଭଳି ନିଷ୍ଠାପର ଉଦ୍ୟମ ଆରମ୍ଭ କରିଛି। ରାଜତନ୍ତ୍ର କାଳରେ ଯେଭଳି ଜଣେ ସାଧାରଣ ଯୁବକ କପିଳେନ୍ଦ୍ର ରାଉତରାୟଙ୍କୁ ଲୋକେ ବାଛି ରାଜା କପିଳେନ୍ଦ୍ର ଦେବ କରିଥିଲେ, ସେହିଭଳି ସାଧାରଣ ଲୋକଙ୍କ ଭିତରୁ ବଳିଷ୍ଠ ନେତୃତ୍ୱ ସୃଷ୍ଟି କରିବାର ସୁଯୋଗ ଦେବାକୁ କଂଗ୍ରେସ ପ୍ରୟାସ କରୁଛି। ପ୍ରୋଜେକ୍ଟ ପ୍ରଗମନର ଚେୟାରମ୍ୟାନ ପ୍ରବୀଣ ପାଠକ କହିଲେ ଯେ ଡବଲ୍ୟୁଡବଲ୍ୟୁଡବଲ୍ୟୁ ପ୍ରଗମନ.ଇନ ରେ ଉଭୟ ଓଡ଼ିଆ ଏବଂ ଇଂରାଜୀରେ ଫର୍ମ ଉପଲବ୍ଧ ରହିଛି। ଆଶାୟୀ ପ୍ରାର୍ଥୀମାନେ ଏଥିରେ ଆବେଦନ କରିବା ପରେ ପ୍ରକୃତ ଯୋଗ୍ୟ ପ୍ରାର୍ଥୀଙ୍କୁ ଚୟନ କରାଯାଇ ଟିକଟ ପ୍ରଦାନ କରାଯିବ। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା କଂଗ୍ରେସ ସହପ୍ରଭାରୀ ଖ୍ରୀଷ୍ଟଫର ତିଲକ, ଓଡ଼ିଶା ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ଅଧ୍ୟକ୍ଷ ଡ.ବିଶ୍ୱରଞ୍ଜନ ମହାନ୍ତି, ଏଆଇସିସି ଗଣମାଧ୍ୟମ ସଂଯୋଜକ ବବିତା ଶର୍ମା, ସୋସିଆଲ ମିଡିଆ ବିଭାଗର ଅମିୟ ପାଣ୍ଡବ ଓ ଡ. ସୁମିତ୍ ଦୁବେ ପ୍ରମୁଖ ଉପସ୍ଥିତ ଥିଲେ।

## ଭାରତୀ ବିଦ୍ୟା ମନ୍ଦିରର ୨୮ତମ ବାର୍ଷିକ ଉତ୍ସବ ଓ ମାତୃ ସମ୍ମିଳନୀ

କେନ୍ଦ୍ରାପଡ଼ା, ୦୫/୨ (ନି,ପ୍ର): କେନ୍ଦ୍ରାପଡା ସହରର ଅନ୍ୟତମ ଜଣାଶୁଣା ଶିକ୍ଷାନୁଷ୍ଠାନ ଭାରତୀ ବିଦ୍ୟା ମନ୍ଦିରର ୨୮ ତମବାର୍ଷିକ ଉତ୍ସବ ଓ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବିଧାୟକ ଶଶି ଭୂଷଣ ବେହେରା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଜଣେ ଜଣେ ସୁ ନାଗରିକ ହୋଇ କେନ୍ଦ୍ରାପଡା ତଥା ଦେଶର ନାମ ରଖିବା ପାଇଁ ପରାମର୍ଶ ଦେଇଥିଲେ । ଏହା ସହ ଏହି ବିଦ୍ୟାଳୟ ର ସୁନାମ କୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଶିକ୍ଷକ/ଶିକ୍ଷୟିତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ପରିଚାଳନା କମିଟିର ସଭାପତି ଅଶ୍ୱିନୀ କୁମାର ସାହୁ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବିଶିଷ୍ଟ ପ୍ରବଚକ ବିରେନ୍ଦ୍ର ପଣ୍ଡା ଶିଶୁ ମାନଙ୍କୁ ଉତ୍ତମ ନାଗରିକ ଗଢି ତୋଳିବା ପାଇଁ ମା ମାନଙ୍କ ଭୂମିକା ଓ ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରି ଶୃଙ୍ଖଳିତ ଜୀବନ ହିଁ ସବୁ ସଫଳତାର ଚାବିକାଠି ବୋଲି କହିବା ସହ ନିଜ ଭାଗ୍ୟକୁ ନିଜେ ଗଢିବା ପାଇଁ ଏବେ ଠାରୁ ଉଦ୍ୟମ କରିବାକୁ ମା ମାନେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । ଓଡିଆ ଭାଷା ସାହିତ୍ୟ ଗବେଶିକା ନବଜ୍ୟୋତି ରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଭିନ୍ନ ଗଳ୍ପ ଛଳରେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ସଂପାଦକ ଆଇନଜୀବି ଶାନ୍ତି ସ୍ୱରୂପ ଭୂୟାଁ ବାର୍ଷିକ ବିବରଣୀ ପାଠ ଓ ପ୍ରଧାନ ଆଚାର୍ଯ୍ୟା ବିଜୟିନୀ ଦାସ ସ୍ୱାଗତ ଭାଷଣ ରଖିଥିଲେ। ବିଦ୍ୟାଳୟର ମୁଖପତ୍ର "ଦୀପଜ୍ୟୋତି" ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ବିଦ୍ୟାଳୟର ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ ନୟନା ଦାସଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ୧ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରାଯାଇ ଥିଲା । ଏହି ଅବସର ରେ ବୃତି ପରୀକ୍ଷା, କ୍ରୀଡା ଚମ୍ପିୟାନ, ୧୦ମ ପରୀକ୍ଷାରେ ଟପର ଛାତ୍ରଛାତ୍ରୀଙ୍କୁ ଅଶ୍ୱିନୀ କୁମାର ସାହୁ, ମୁରଲୀଧର ଦାସ, ବିଶ୍ୱନାଥ ବେହେରା, ପୀତବାସ ପଣ୍ଡା, ଶିବ ନାରାୟଣ ମହାନ୍ତି ଓ ଅରକ୍ଷିତ ସେଠୀ ପ୍ରମୁଖ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ ।

## ଜମିରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ମାଲକାନଗିରି, ୦୫/୨ (ନି,ପ୍ର): ମାଲକାନଗିରି ଜିଲ୍ଲା ଅନ୍ତର୍ଗତ ପଡିଆ ଥାନା ଅନ୍ତର୍ଗତ ପାଲାଗୁଡା ଗ୍ରାମର ସାବଲାମ ଦେବା (୬୨)ଙ୍କୁ କେହି ଦୁର୍ବୃତ ବେକ କାଟି ହତ୍ୟା କରି ତାଙ୍କ ମୃତଦେହକୁ ଜମିକୁ ଯିବା ରାସ୍ତାରେ ଥିବା ଲାଡି ନିକଟରେ ପକାଇ ଦେଇଥିବା ଦେଖିବାକୁ ମିଳିଛି। ଏ ନେଇ ମୃତ ସାବଲାମ ଦେବାଙ୍କ ପୁଅ ସାବଲାମ ଈଶ୍ୱର ପଡିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଗତକାଲି ଠାରୁ ହତ୍ୟା ହୋଇଥିବା ନେଇ ପରିବାର ବର୍ଗ ପ୍ରକାଶ କରିଥିବା ବେଳେ ମୃତ ସାବଲାମ ଦେବା ଘରକୁ ନ ଆସିଥିବା ଯୋଗୁଁ ପରିବାର ବର୍ଗ ବହୁତ ଖୋଜା ଖୋଜି କରିଥିଲେ ତଥାପି ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା । କିନ୍ତୁ, ଆଜି ସକାଳେ ମୃତ ବ୍ୟକ୍ତିଙ୍କ ପୁତ୍ରବଧୂ ଜଙ୍ଗଲକୁ କାଠ ଆଣିବାକୁ ଯାଇଥିବା ବେଳେ ଜମିକୁ ଯିବା ରାସ୍ତାରେ ତାଙ୍କ ଶଶୁରଙ୍କ ମର ଶରୀର ପଡିଥିବା ଦେଖି ଆସି ପରିବାର ବର୍ଗଙ୍କୁ ଜଣାଇ ଥିଲେ । ତା ପରେ ତାଙ୍କ ପୁଅ ଈଶ୍ୱର ଚନ୍ଦ୍ର ସାବଲାମ ପଡିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ କରୁଥିବା ବେଳେ ସାଇଂଟିଫିକ ଦଳ ଆସିଲେ ଶବ ଜବତ କରାଯିବ ଓ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ଶବ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି।

# ୭ରେ ବିଧାନସଭା ସମ୍ମୁଖରେ ଇଂଜିନିୟରିଂ ବିଭାଗର ୱାର୍କଚାର୍ଜଡ୍/ ନିୟମିତ କର୍ମଚାରୀଙ୍କ ଗଣଧାରଣା ଓ ବିକ୍ଷୋଭ ପ୍ରଦର୍ଶନ

ଭୁବନେଶ୍ୱର, ୦୫/୨ (ନି,ପ୍ର): ଫେବୃୟାରୀ ୭ରେ ବିଧାନସଭା ସମ୍ମୁଖରେ ଇଂଜିନିୟରିଂ ବିଭାଗର ୱାର୍କଚାର୍ଜଡ୍ / ନିୟମିତ କର୍ମଚାରୀ ଏବଂ ବିନା ପେନ୍‌ସନ୍‌ରେ ଅବସର ଗ୍ରହଣ କରିଥିବା କର୍ମଚାରୀମାନେ ପେନ୍‌ସନ୍ ଦାବି ନେଇ ମାଷ୍ଟରକ୍ୟାଂଟିନ୍ ଛକରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ଓଡ଼ିଶା ଇଂଜିନିୟରିଂ ୱାର୍କଚାର୍ଜଡ୍ / ରେଗୁଲାର କର୍ମଚାରୀ ମିଳିତମ ନିଷ୍ପତି ନେଇଛି। ଆଜି ୟୁନିଟ୍-୫, ଭୁବନେଶ୍ୱରସ୍ଥିତ କର୍ମଚାରୀ ଭବନରେ ପୂର୍ତ୍ତ, ଜଳସମ୍ପଦ, ଗ୍ରାମ୍ୟ ନିର୍ମାଣ, ଗୃହ ଓ ନଗର ଉନ୍ନୟନ ଏବଂ ପ ।ୟତିରାଜ ବିଭାଗ ଅଧିନରେ ୧୯୮୧ ମସିହାରୁ କାର୍ଯ୍ୟ କରିଆସିଥିବା ଏନ୍.ଏମ୍.ଆର / ଡି.ଏଲ୍.ଆର ରୁ ରୂପାନ୍ତରିତ ୱାର୍କଚାର୍ଜଡ୍ କର୍ମଚାରୀ, ୱାର୍କଚାର୍ଜଡ୍‌ରୁ ରୂପାନ୍ତରିତ ରେଗୁଲାର କର୍ମଚାରୀଙ୍କୁ ପେନ୍‌ସନ୍ ପ୍ରଦାନ ପାଇଁ ମିଳିତମ ଦାବି କରିଛି। ମିଳିତମଂଚର ମୁଖ୍ୟ ସଂଯୋଜକ ଗଗନ ଭଞ୍ଜ, ଆବାହକ ସର୍ବଶ୍ରୀ କୃଷ୍ଣଚନ୍ଦ୍ର ନାୟକ, ପ୍ରସନ୍ନ ପ୍ରଧାନ, ଯଦୁମଣି ପ୍ରଧାନ, ଅଶୋକ ମୁଦୁଲି, ଆଶିଷ ନନ୍ଦ, ଅରୁଣ ପରିଡ଼ା ପ୍ରମୁଖ ଏକ ସ୍ୱରରେ କହିଛନ୍ତି ଯେ, ଇଂଜିନିୟରିଂ ବିଭାଗ ଗୁଡ଼ିକରେ ୧୯୮୧ ମସିହାଠାରୁ ଆଜି ପର୍ଯ୍ୟନ୍ତ ୩୦ରୁ ୪୦ ବର୍ଷ ଧରି ସେବା ଦେଇ ଆସିଥିବା ଉପରୋକ୍ତ ବର୍ଗର କର୍ମଚାରୀମାନଙ୍କୁ ବିନା ପେନ୍‌ସନ୍‌ରେ ଚାକିରିରୁ ଅବସର ଦେବା ଅତ୍ୟନ୍ତ ଦୁଃଖଦାୟକ ଓ ୬୦ ବର୍ଷ ପରେ ପରିଣତ ବୟସରେ ଏହି କର୍ମଚାରୀମାନେ ବଂଚିବେ କିପରି ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ସତୁରାଂ ତା ୧୨.୦୪.୧୯୯୩ରିଖ ପୂର୍ବରୁ କାର୍ଯ୍ୟରତ ଏନ୍.ଏମ୍.ଆର / ଡି.ଏଲ୍.ଆର. / ଜବ୍ କଂଟ୍ରାକ୍ଟ କର୍ମଚାରୀମାନଙ୍କୁ ନିୟମିତ ନିଯୁକ୍ତି ଦେବାପାଇଁ ଅର୍ଥ ବିଭାଗ ତା ୧୫.୦୫.୧୯୯୭ରିଖରେ ଏକ ସଂକଳ୍ପ ପତ୍ର ପ୍ରକାଶ କରିଥିଲା । ୧୯୯୭ ରୁ ୨୦୦୮ ମସିହା ଭିତରେ ଏହି ବର୍ଗର କର୍ମଚାରୀମାନଙ୍କୁ ନିୟମିତ ନିଯୁକ୍ତି ନ ମିଳିବା ଫଳରେ ଏମାନେ ଆଜି ପେନ୍‌ସନଭୁକ୍ତ କର୍ମଚାରୀ ଭାବେ ପରିଗଣିତ ହୋଇପାରି ନାହାଁନ୍ତି । ସ୍ମରଣଯୋଗ୍ୟଯେ, ଗୋଟିଏ ରିଜୁଲେସନ୍‌ରେ ସମ୍ପୃକ୍ତ ଥିବା ଏହି ବର୍ଗର କର୍ମଚାରୀମାନଙ୍କ ମଧ୍ୟରୁ କେବଳ ଜେ.ସି. କର୍ମଚାରୀଙ୍କୁ ସରକାର ପେନ୍‌ସନ୍ ପ୍ରଦାନ କରିଥିବା ବେଳେ ଅନ୍ୟମାନଙ୍କୁ ଅବହେଳା କରାଯିବା ନେଇ ମିଳିତମ ସମାଲୋଚନା କରିଛି । ଉଲ୍ଲେଖଯୋଗ୍ୟଯେ, ଅର୍ଥ ବିଭାଗ ୧୪.୦୯.୧୯୮୧ମସିହାରେ ଏନ୍‌ଏମ୍‌ଆର ଓ ତା ୧୨.୪.୧୯୯୩ରିଖରେ ଡିଏଲ୍‌ଆର ନିଯୁକ୍ତିରେ କଟକଣା ଜାରି କରିଥିଲା । ସୁତରାଂ ଏହି କର୍ମଚାରୀମାନଙ୍କୁ ନିୟମିତ କରିବା ପାଇଁ ଅର୍ଥ ବିଭାଗ ୧୯୯୭ ମସିହାରେ ଯେଉଁ ସଂକଳ୍ପପତ୍ର ପ୍ରକାଶ କରିଥିଲା ଇଂଜିୟରିଂ ବିଭାଗର କର୍ତୃପକ୍ଷମାନେ ଯଦି ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଥାନ୍ତେ ତେବେ ଉପରୋକ୍ତ ବର୍ଗର କର୍ମଚାରୀ ଆଜି ପେନ୍‌ସନ୍ ପାଇବା ପାଇଁ ଦାବି କରିନଥାନ୍ତେ । ସରକାରଙ୍କୁ ୩୦ ରୁ ୪୦ ବର୍ଷ କାଳ ଏହି କର୍ମଚାରୀମାନେ ସେବା ଦେଇ ଆସିଥିବାରୁ ମାନ୍ୟବର କୋର୍ଟ ବହୁ ମକଦ୍ଦମାକୁ ବିଚାର କରି ଉପରୋକ୍ତ ବର୍ଗର କର୍ମଚାରୀଙ୍କୁ ପେନ୍‌ସନ୍ ଦେବାକୁ ସରକାରଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛି । ତେବେ ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା / ଅଧ୍ୟକ୍ଷ, '୫-ଟି' ଏବଂ 'ନବୀନ ଓଡ଼ିଶା' / ମୁଖ୍ୟ ଶାସନ ସଚିବ, ଓଡ଼ିଶା / ଅର୍ଥ ସଚିବ / ଇଂଜିନିୟରିଂ ବିଭାଗ ଗୁଡ଼ିକର ସଚିବଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ବୈଠକରେ ନିଷ୍ପି ନେଇ ଏହି କର୍ମଚାରୀଙ୍କ କ୍ଷେତ୍ରରେ ପୁରୁଣା ପେନ୍‌ସନ୍ ନିୟମ ୧୯୯୨ ପେନ୍‌ସନ୍ ପ୍ରଦାନ ନିମନ୍ତେ ବିଜ୍ଞପ୍ତି ଜାରି କରିବା ପାଇଁ ମିଳିତମ ଦାବି କରିଛି ।

# ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ ନ୍ୟାୟ ଯାତ୍ରା ଓଡ଼ିଶା ସମନ୍ୱୟ କମିଟି ଗଠିତ

ଭୁବନେଶ୍ୱର, ୦୫/୨ (ନି,ପ୍ର): ଓଡ଼ିଶାରେ ରାହୁଲ ଗାନ୍ଧୀଜୀଙ୍କ ଭାରତ ଯୋଡ଼ ନ୍ୟାୟ ଯାତ୍ରା ଆସନ୍ତା ୬ତାରିଖରେ ପହଂଚିବ। ଏହି ପରିପ୍ରେକ୍ଷିରେ ଭାରତ ଯୋଡ଼ ନ୍ୟାୟ ଯାତ୍ରୀଙ୍କୁ ସ୍ୱାଗତ କରିବା ସହ ଏହି ଯାତ୍ରାକୁ ଓଡ଼ିଶାରେ ସୁପରିଚାଳନା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ବିଭିନ୍ନ ସମନ୍ୱୟ କମିଟିମାନ ଗଠନ କରାଯାଇଛି। ଏହି କମିଟିରେ ଅଧ୍ୟକ୍ଷ- ବିଧାୟକ ସନ୍ତୋଷ ସିଂ ସାଲୁଜା, ଉପାଧ୍ୟକ୍ଷ-ନବଜ୍ୟୋତି ପଟ୍ଟନାୟକ, ଆବାହାକ-ମାନସ ରଞ୍ଜନ ଚୌଧୁରୀ ରହିଛନ୍ତି। ସେହିପରି ଅବସ୍ଥାନ ସୁବିଧା କମିଟି, ଝାରସୁଗୁଡ଼ା ପାଇଁ ବିଧାୟକ ତାରାପ୍ରସାଦ ବାହିନିପତି, ରାଉରକେଲା ପାଇଁ ବିଧାୟକ ମହମ୍ମଦ ମୁକିମ୍, ଖାଦ୍ୟ ଓ ପ୍ରଚାର-ପ୍ରସାରଣ କମିଟି ପାଇଁ ମାନସ ରଞ୍ଜନ ଚୌଧୁରୀ, ପରିବହନ କମିଟି ପାଇଁ ବିଧାୟକ ମହମ୍ମଦ ମୁକିମ୍, ପ୍ରଶାସନିକ ସ୍ୱୀକୃତି ପ୍ରାପ୍ତି ଓ ସୁରକ୍ଷା କମିଟି ପାଇଁ ବିଜୟ ପଟ୍ଟନାୟକ, ସାଧାରଣ ନାଗରିକ ସମାଜ ଓ ସାଂସ୍କୃତିକ କମିଟି ପାଇଁ ପୂର୍ବତନ ପିସିସି ସଭାପତି-ପ୍ରସାଦ ହରିଚନ୍ଦନ, ସଜ୍ଜିକରଣ କମିଟି ପାଇଁ ପ୍ରଚାର କମିଟି ଅଧ୍ୟକ୍ଷ ପୂର୍ବତନ ପ୍ରଶାସକ ବିଜୟ ପଟ୍ଟନାୟକ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ବିଧାୟକ-ତାରାପ୍ରସାଦ ବାହିନପତି, ରମେଶ ଜେନା, ଦାଶରଥି ଗମାଙ୍ଗୋ, ସୁରେଶ କୁମାର ରାଉତରାୟ, ଜନସମୂହ ନିୟନ୍ତ୍ରଣ ଓ ଶୃଙ୍ଖଳା କମିଟି ପାଇଁ ଓଡ଼ିଶା ପ୍ରଦେଶ ସେବାଦଳ ମୁଖ୍ୟ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନପତି, ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ଓ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ, ପ୍ରଚାର ଓ ସରଞ୍ଜାମ ନିୟନ୍ତ୍ରଣ ପାଇଁ ପୂର୍ବର୍ତନ ପିସିସି ସଭାପତି ଜୟଦେବ ଜେନା, ଗଣମାଧ୍ୟମ କମିଟି ପାଇଁ ଏହାର ଅଧ୍ୟକ୍ଷ ବିଶ୍ୱରଞ୍ଜନ ମହାନ୍ତି, ସାମାଜିକ ଗଣମାଧ୍ୟମ କମିଟି ପାଇଁ ଅଧ୍ୟକ୍ଷ ଅମୀୟ ପାଣ୍ଡବ, ନ୍ୟାୟ ଯାତ୍ରା ରାସ୍ତା କମିଟି ପାଇଁ ବିଧାୟକ ସନ୍ତୋଷ ସିଂ ସାଲୁଜା, ସାଧାରଣ ସଭା ଓ ରାଲି ରାଉଲକେଲା ପାଇଁ ବିଧାୟକ ସନ୍ତୋଷ ସିଂ ସାଲୁଜା ଓ ଜିଲ୍ଲା ସଭାପତି ରଶ୍ମିରଞ୍ଜନ ପାଢ଼ୀ, ରାଜଗାଙ୍ଗପୁର ପାଇଁ ବିଧାୟକ-ଡ. ସି.ଏସ୍.ରାଜନ ଏକ୍କା, ସୁନ୍ଦରଗଡ଼ ପାଇଁ ବିଧାୟକ ଅଧିରାଜ ପାଣିଗ୍ରାହି ଓ ଜିଲ୍ଲା ସଭାପତି ଜନାର୍ଦ୍ଦନ ଦେହୁରୀ, ଝାରସୁଗୁଡ଼ା ପାଇଁ ବିଧାୟକ ତାରାପ୍ରସାଦ ବାହିନିପତି ଓ ଜିଲ୍ଲା ସଭାପତି ସିଆରାମ ଦାସ, କନକତୁରା ପାଇଁ ପୂର୍ବତନ ବାଚସ୍ପତି କିଶୋର ଚନ୍ଦ୍ର ପଟେଲ ଓ ବେଲପାହାଡ଼ ପାଇଁ ଏହି ମ୍ୟୁନିସିପାଲଟି ଅଧ୍ୟକ୍ଷ ବୁଲୁ ପଣ୍ଡା ପ୍ରମୁଖଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।

# ପୂଜ୍ୟପୂଜା ସଂସଦ ପକ୍ଷରୁ ମଧୁବାବୁ ଏବଂ ରାଧାକୃଷ୍ଣଙ୍କ ତିରୋଧାନ ଦିବସ ପାଳିତ

ଜୟପୁର, ୦୫/୨ (ନି,ପ୍ର): ଜୟପୁର ପୂଜ୍ୟପୂଜା ସଂସଦ ଦେଶ ଏବଂ ରାଜ୍ୟର ବରପୁତ୍ର ମାନଙ୍କ ଜନ୍ମ ଜୟନ୍ତୀ ଏବଂ ତିରୋଧାନ ଦିବସ ଗୁଡିକୁ ନିସ୍ୱାର୍ଥପର ଭାବେ ପାଳନ କରି ଆସୁଛି। ସ୍ୱର୍ଗତ ଉତ୍କଳର ଗୌରବ ମଧୁସୂଦନ ଦାସ ଏବଂ ସ୍ୱାଧୀନତା ସଂଗ୍ରାମୀ ପୂର୍ବତନ ରାଜ୍ୟ ରାଷ୍ଟ୍ର ମନ୍ତ୍ରୀ ରାଧାକୃଷ୍ଣ ବିଶ୍ୱାସରାଇ ଙ୍କ ତିରୋଧାନ ଦିବସ ପାଳନ କରିଥିଲେ। ରଘୁନାଥ ମନ୍ଦିର ଛକ ଠାରେ ସ୍ଥାପିତ ହୋଇଥିବା ଉତ୍କଳମଣି ମଧୁସୂଦନ ଦାସ ଏବଂ ବିଶ୍ୱାସରାଇ ଛକଠାରେ ସ୍ଥାପିତ ହୋଇଥିବା ସ୍ୱାଧୀନତା ସଂଗ୍ରାମୀ ରାଧାକୃଷ୍ଣଙ୍କ ଆବକ୍ଷ୍ୟ ପ୍ରତିମୂର୍ତି ଗୁଡିକରେ ଦୀପ ଧୂପ ପୁଷମାଲ୍ୟ ଦେଇ ସ୍ମୃତି ଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜୟପୁର ପୂଜ୍ୟପୂଜା ସଂସଦର ସଭାପତି ଇଂ. କେଦାରନାଥ ବେହେରା, ଅବସରପ୍ରାପ୍ତ ଆକାଶବାଣୀ କେନ୍ଦ୍ରର ଉଦଘୋଷକ ଉଦୟ ଶଙ୍କର ଯାନୀ, ସଂସଦ ସମ୍ପାଦକ ତପନ କିରଣ ତ୍ରିପାଠୀ, କୋଷାଧ୍ୟକ୍ଷ ବୈରାଗୀ ସାହୁ ଏବଂ ଅନ୍ୟାନ୍ୟ ସଂସଦର ସଭ୍ୟମାନେ ଉପସ୍ଥିତ ରହିଥିଲେ।

# ଜେଏସଏମ କମର୍ସ ଏଣ୍ଡ ଆର୍ଟସ୍ କଲେଜର ବାର୍ଷିକ ଉତ୍ସବ ପାଳନ

ବଲାଙ୍ଗିର, ୦୫/୨ (ନି,ପ୍ର): ସ୍ଥାନୀୟ ଟାଉନ ଗାର୍ଲ୍ସ ହାଇସ୍କୁଲ ପରିସରରେ ଜେଏସଏମ କମର୍ସ ଏଣ୍ଡ ଆର୍ଟସ୍ କଲେଜର ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି। ସଭା ପ୍ରାରମ୍ଭରେ ଅତିଥି ମାନଙ୍କ ଦ୍ୱାରା ଗଣେଶଙ୍କ ପ୍ରତିମୂର୍ତିରେ ପ୍ରଦୀପ ପ୍ରଜ୍ୱଳନ ସହ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ସ୍ୱାଗତ ଭାଷଣ କଲେଜ୍ ର ଅଧ୍ୟକ୍ଷ ପୀତବାସ ପଣ୍ଡା ଦେଇଥଲେ। ଆଜିର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବଲାଙ୍ଗୀର ପୌରଧ୍ୟକ୍ଷ୍ୟ ଶ୍ରୀମତୀ ଲୀକା ସାହୁ, ମୁଖ୍ୟବକ୍ତା ବୈଦିକ ସାଇନ୍ସ କଲେଜ୍ ର ଅଧ୍ୟକ୍ଷ ସୁକାନ୍ତ ମହାପାତ୍ର, ସମ୍ମାନିତ ଅତିଥି ଭାବରେ ମନୋରଞ୍ଜନ ସାହୁ ଏବଂ କଲେଜ୍ ର ନିର୍ଦେଶିକା ସୁମନ୍ ଶର୍ମା ଯୋଗଦାନ କରିଥିଲେ । କଲେଜ୍ ର ପ୍ରତିଷ୍ଠାତା ସିଏ ଶ୍ରୀକାନ୍ତ ଶର୍ମା ଉତ୍ସବ ପାଳନକୁ ସଫଳ କରିବା ସହ ଉପସ୍ଥିତ ସମସ୍ତଙ୍କୁ ବୌଦ୍ଧିକ ଭାଷଣ ଦେଇ ଚକିତ କରିଥିଲେ। ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତିନି ଜଣ ମହାନୁଭବଙ୍କୁ ମାନପତ୍ର ଓ ଉପଢ୍ୌକନ ଦେଇ ସମ୍ମାନିତ କରାଯାଇଥିଲା। ଶିକ୍ଷକ ବିବେକାନନ୍ଦ ମିଶ୍ର, ଖେଳ ଶିକ୍ଷକ ସୁନୀଲ ଚନ୍ଦ୍ର ବିଶ୍ୱାଳ ଓ କାହ୍ନା ସତପଥୀ ସମ୍ବର୍ଦ୍ଧିତ ହୋଇଥିଲେ। କଲେଜର ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ପୂର୍ବତନ ଶିକ୍ଷକ ମନୋରଞ୍ଜନ ସାହୁଙ୍କ ମନମୁଗ୍ଧକର ଭାଷଣରେ ସଭିଏଁ ଚକିତ ହୋଇଯାଇଥିଲେ। ସେ କେବଳ ଜଣେ ଶିକ୍ଷାବିତ୍ ନୁହଁନ୍ତି ବରଂ ଜଣେ ସାମାଜ ସୁଧାରକ ଭାବେ ବେଶ୍ ପରିଚିତ। ଏହି ବାର୍ଷିକ ଉତ୍ସବରେ ବହୁ ଛାତ୍ର ଛାତ୍ରୀ, ଅଭିଭାବକ, କଲେଜ୍ ର ପୂର୍ବତନ ଛାତ୍ର ଛାତ୍ରୀ ଓ ଶୁଭେଚ୍ଛୁ ଉପସ୍ଥିତ ରହି ବାର୍ଷିକ ଉତ୍ସବକୁ ସଫଳ କରିବା ସହ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଆୟୋଜିତ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।

## ପୋଷ୍ଟ ଟ୍ରମାଟିକ୍ ଗ୍ରୋଥ

ଡାକ୍ତର ସମ୍ରାଟ କର



ମୋର ଅନୁଜ ପ୍ରତିମ ଲିପିକାର ବନ୍ଧୁ ଶ୍ରୀକାନ୍ତ ମଝିରେ ଛୁଟି କଟାଇବା ପାଇଁ ଗାଁକୁ ଯାଇଥିଲେ। ସେ ସେଠାରୁ ଫେରିବା ପରେ ବଡ଼ ବ୍ୟସ୍ତ ହୋଇ ମୋ କ୍ଲିନିକରେ ମୋତେ ସାକ୍ଷାତ କଲେ ତାଙ୍କୁ ଚା ପିଇବା ପାଇଁ ଦେଇ କହିଲି ବ୍ୟସ୍ତତାର କାରଣ କ'ଣ ଟିକେ କୁହ ? ସେ ମୋତେ କହିଲେ ମୋର ଜଣେ ସମ୍ପର୍କୀୟ ଭାଇ ସୁକୁଟା ଭାରି ମନସ୍ତାପରେ ରହୁଛି। ପଇସାପତ୍ର ଧନ୍ଦା ଏଣେତେଣେ କ'ଣ କରିଦିଏ, ତାର ଝିଅପିଅ ଚକ୍କର ତା ଭାଉଜ ଅର୍ଥାତ୍ ମୋ ଧର୍ମପତ୍ନୀ ଥରେ ଅଧେ ମୋ କାନରେ ପକାଇଥିଲେ କିନ୍ତୁ ସୁକୁଟାଟା ବାସ୍ତବରେ ଶାରୀରିକ ଭାବେ ସୁକୁଟା ହୋଇଗଲାଣି । ତା ବୋଉ ଅର୍ଥାତ୍ ମୋର ନାନି ଭାରି କନ୍ଦାକଟା କରି କହିଲେ ସେ କେଜାଣି କାହିଁ ଭାରି ଚୁପଚାପ ରହୁଛି, ପଇସା ପତର କାରବାର କରୁଥିଲା ବୁଡ଼ି ଯାଇଛି ବୋଧ କିମ୍ବା ଜନୈକ ନର୍ସଙ୍କ ସହ ତାର ଯେଉଁ ଭାବନାବ ଥିଲା ତାକୁ ନେଇ ସମ୍ଭବତଃ କ'ଣ ଗୋଟା ହୋଇଛି। ମୁଁ ସୁକୁଟା ସହ ଭେଟିବା ପରେ ସେ ପୁରା ଚୁପଚାପ। ମୁଁ ଯାହା କହିଲି ଦୁଇ ଚାରିପଦ ସିନା କଣ କହିଲା କିନ୍ତୁ ସେ ଚୁପ ଚାପ ପ୍ରାୟତଃ ରହିଲା। ଆପଣ ସାର ଟିକେ ମୋତେ କଣ ପରାମର୍ଶ ଦିଅନ୍ତୁ। ଆପଣ ଅନୁମତି ଦେଲେ ମୁଁ ସୁକୁଟାକୁ ସାଙ୍ଗରେ ନେଇ ଆସନ୍ତି। ଶ୍ରଦ୍ଧେୟ ଶ୍ରୀକାନ୍ତର ସବୁକଥା ଶୁଣି ମୋତେ ବି ଭାରି ଉଦାସ ଲାଗିଲା ମୁଁ ତାଙ୍କୁ କହିଲି ପଇସା ପତ୍ର କାରଣରୁ କିମ୍ବା ଝିଅ ସମ୍ପର୍କ କାରଣରୁ କୌଣସି ଅଘଟଣ ହିଁ ସୁକୁଟାର ମାନସିକତାକୁ ପୁରାପୁରି ଶୁଖେଇ ଦେଇଛି। ଆମ ମାନସିକ ଚିକିତ୍ସା କ୍ଷେତ୍ରରେ ଏହାକୁ ପୋଷ୍ଟ ଟ୍ରମାଟିକ ଗ୍ରୋଥ କୁହାଯାଏ। ମୁଁ ତାଙ୍କୁ ସବିଶେଷ ବୁଝାଇ କହିଲି ଯେ ଦୈନନ୍ଦିନ ଜୀବନରେ ଆମେ ଅନେକ ଅନୁଭୂତି ଦେଇ ଗତି କରୁ। ଯେଉଁଠି କିଛି ଭଲ ଥାଏ ଆଉ କିଛି ଖରାପ। ହେଲେ ଖରାପ ଅନୁଭବ ଆମ ମନରେ ଏମିତି ଛାପ ଛାଡ଼ିଥାଏ ଯାହା ବର୍ଷ ବର୍ଷ ପର୍ଯ୍ୟନ୍ତ ଭୁଲି ହୁଏନାହିଁ। କିନ୍ତୁ ସେହି ଅନୁଭବ ଆମକୁ ଜୀବନରେ ଅନେକ କିଛି ଶିଖାଇବାରେ ମଧ୍ୟ ସାହାଯ୍ୟ କରେ। କିଛିଲୋକ ଏହି ପ୍ରକାର ପରିସ୍ଥିତି ଦେଇ ଗତି କରିବା ପରେ ପୋଷ୍ଟ ଟ୍ରମାଟିକ ଡ଼ିସଅର୍ଡ଼ର ଶିକାର ହେଉଥିବା ବେଳେ ଆଉ କିଛି ଲୋକ ପୋଷ୍ଟ ଟ୍ରମାଟିକ ଗ୍ରୋଥର ରାସ୍ତା ବାଛନ୍ତି। ଯାହା ଜୀବନରେ ଆସିବାକୁ ଥିବା ଚ୍ୟାଲେଞ୍ଜଗୁଡ଼ିକର ସାମନା କରିବାରେ ସାହାଯ୍ୟ କରିଥାଏ। ଯେତେବେଳେ ଜଣେ ବ୍ୟକ୍ତିଙ୍କ ଜୀବନରେ କୌଣସି ମାନସିକ ଆଘାତ ପହଞ୍ଚିଥାଏ, ଯେଉଁ କାରଣରୁ ସେ ମାନସିକ ସ୍ତରରେ ହାରି ଯାଆନ୍ତି। ସେହି ବଡ଼ ଘଟଣା ବା ଟ୍ରମାରୁ ବାହାରି ଆସିବାର ପରିସ୍ଥିତିକୁ ପୋଷ୍ଟ ଟ୍ରମାଟିକ ଗ୍ରୋଥ କୁହାଯାଇଥାଏ। ପୋଷ୍ଟ ଟ୍ରମାଟିକ ଗ୍ରୋଥ ସମୟରେ ବ୍ୟକ୍ତିର ଆଚାର ଏବଂ ବ୍ୟବହାରରୁ ନେଇ ତାଙ୍କର ବିଚାରରେ ମଧ୍ୟ ପରିବର୍ତ୍ତନ ଅନୁଭବ ହୋଇଥାଏ।

ଜୀବନରେ ଯେତେବେଳେ ବଡ଼ ସଙ୍କଟ ଆସେ ଯେମିତି ହଠାତ ନିଜର ଲୋକଙ୍କୁ ହରାଇବା, ଚାକିରି ଚାଲିଯିବା, ଅର୍ଥ ସଙ୍କଟ, ଗମ୍ଭୀର ରୋଗ, ପ୍ରେମରେ ଧୋକା ଏସବୁ ପରିସ୍ଥିତିରେ ବହୁତ ଲୋକ ଜୀବନରେ ହାରିଯାଇ ଅବସାଦର ଶିକାର ହୁଅନ୍ତି। କିନ୍ତୁ କିଛି ଲୋକ ଏପରି ପରିସ୍ଥିତିରୁ ବାହାରକୁ ଆସିବାକୁ ଚେଷ୍ଟା କରିବା ପାଇଁ ସେମାନଙ୍କୁ ପରିବର୍ତ୍ତନ କରିଥାନ୍ତି। ପୋଷ୍ଟ ଟ୍ରମାଟିକ ଗ୍ରୋଥ ଯୋଗୁଁ ବ୍ୟବହାରରେ ପରିପକ୍ୱ, ଭଲ ଏବଂ ଖରାପ ବୁଝିବାର ଶକ୍ତି, ଜିନିଷକୁ ଗୁରୁତ୍ୱ ଦେବା, ଲୋକଙ୍କ ପ୍ରତି ଉଦାର ବ୍ୟବହାର ଅନେକଙ୍କ ଠାରେ ଲକ୍ଷ କରାଯାଏ। କୌଣସି ବି ସ୍ଥିତିରେ ବ୍ୟକ୍ତିଙ୍କ ଆଗରେ ଯେତେ ବଡ଼ ସମସ୍ୟା ଥାଉ ନା କାହିଁକି ସେମାନେ ସହଜରେ ଏହି ସମସ୍ୟାରୁ ବାହାରି ଆସିଯାଆନ୍ତି। ସ୍ଥିତିକୁ ନିୟନ୍ତ୍ରଣ କରିବାର ଦୃଷ୍ଟିଭଙ୍ଗୀ ପୁରାପୁରି ବଦଳିଯାଇଥାଏ। ପରିପକ୍ୱତା ସହିତ ନିଷ୍ପତ୍ତି ନିଅନ୍ତି। ସେମାନଙ୍କ ଜୀବନରେ କ'ଣ ଠିକ ତାହା ଭଲ ଭାବରେ ଜାଣିବାକୁ ସକ୍ଷମ ହୋଇଥାନ୍ତି। ଏକ ସକରାତ୍ମକ ଢ଼ଙ୍ଗରେ ଜୀବନକୁ ଆଗକୁ ନେବାକୁ ଚେଷ୍ଟା କରନ୍ତି। ଅସଲ କଥା ହେଉଛି ଏହାର ପୀଡ଼ିତ ମାନଙ୍କୁ ଆପଣ ସବୁକଥା ଖୋଲି କୁହନ୍ତୁ ନାହିଁ କିମ୍ବା ତାଙ୍କ ସହ ଅଯଥା ଗପସପ ବା ଯୁକ୍ତିତର୍କ କରନ୍ତୁ ନାହିଁ। ତାଙ୍କ ପାଇଁ ଗୋଟିଏ ଭଲ ମାନସିକ ସ୍ୱାସ୍ଥ୍ୟ ଭିତ୍ତିକ ରୁଟିନ ତିଆରି କରନ୍ତୁ। ନିଶାଦ୍ରବ୍ୟ ସେ ଯେପରି ଗ୍ରହଣ କରିବେ ନାହିଁ ସେ ଦିଗକୁ ଦେଖନ୍ତୁ। ତାଙ୍କ ଖାଇବା ପିଇବା, ବିଶ୍ରାମ ଓ ତାଙ୍କ ଆଖପାଖର ମିଳାମିଶା କରୁଥିବା ଲୋକଙ୍କ ସମ୍ପର୍କଙ୍କୁ ନେଇ ଟିକିଏ ସଚେତନ ରୁହନ୍ତୁ। ସେ ଯେପରି ଯଦି ଇଛା କରୁଥାନ୍ତି ପ୍ରାଣାୟମ ବା ସକାଳ ବୁଲା ପାଇଁ ଏହା ଏକ ଭଲ ଅଭ୍ୟାସ କିନ୍ତୁ ଏହି ଅଭ୍ୟାସକୁ ଆପଣ ଭଲ ଭାବେ ବ୍ୟକ୍ତିଗତ ଭାବେ ତଦାରଖ କରନ୍ତୁ। ସୁଷମ ଖାଦ୍ୟ ଖାଇବାକୁ ଦିଅନ୍ତୁ, ଯୋଗାସନ ପ୍ରାଣାୟମ ବହୁତ ଭଲ ତେବେ ପୀଡ଼ିତ ଜଣଙ୍କ କୌଣସି ପରିସ୍ଥିତିରେ ଯେପରି ଉତ୍ତ୍ୟକ୍ତ ନୁହଅନ୍ତି ସେ ଦିଗକୁ ଦେଖନ୍ତୁ। ପୀଡ଼ିତ ଜଣଙ୍କ ଯେଉଁ ମାନସିକ ସମସ୍ୟାକୁ ନେଇ ଏହି ରୋଗର ଶିକାର ହୋଇଛନ୍ତି ସେହି ଘଟଣାକୁ ନେଇ ଆପଣ ତାଙ୍କ ସହ କୌଣସି ଆଲୋଚନା କରନ୍ତୁ ନାହିଁ। ତାଙ୍କୁ ସବୁ କଥାରେ ପରାମର୍ଶ ଦିଅନ୍ତି ଓ ଭଲ ଉପଦେଶ ଦିଅନ୍ତୁ। ମନ ଭିତରେ କିଛି କଥା ନରଖି ଉତ୍ତମ ସମ୍ପର୍କ ରଖନ୍ତୁ। ଅଧିକ କୌଣସି ସମସ୍ୟା ହେଲେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ,
(ମୋ) ୯୧୩୨୪୩୩୩୩୩

## ଏବେ ଦେଖିବାକୁ ମିଳୁଛି ହାଇଡ୍ରା ଫେସିଆଲ୍‌ର ଚାହିଦା, ଜାଣନ୍ତୁ କ'ଣ ଏହାର ଫାଇଦା



ଆଜିକାଲିର ଆଧୁନିକା ତରୁଣୀ ଓ ମହିଳାମାନେ ଉଜ୍ଜ୍ୱଳ, ମସୃଣ ତ୍ୱଚା ପାଇଁ ଅଧିକ ଆଗ୍ରହ ପ୍ରକାଶ କରୁଛନ୍ତି। ମୁହଁରୁ କଳା, ଧଳା ଦାଗ ଦୂର କରିବା, ଓପନ୍‌ପୋରସ ଟ୍ରିଟ୍‌ମେଣ୍ଟ, ଆଖି ତଳୁ କଳାଦାଗ ଦୂର ପାଇଁ ଅଣ୍ଡର ଆଇ ଟ୍ରିଟ୍‌ମେଣ୍ଟ, କଳା ଓଠକୁ ସୁନ୍ଦର କରିବାକୁ ଲିପ୍ ଲାଇଟ୍‌ନିଂ ଟ୍ରିଟ୍‌ମେଣ୍ଟ, ତ୍ୱଚାକୁ ଦାଗମୁକ୍ତ ଓ ଉଜ୍ଜ୍ୱଳ କରିବାକୁ ସ୍କିନ୍ ଗ୍ଲୋ ଟ୍ରିଟ୍‌ମେଣ୍ଟ ଆଦି ଏବେ ସହରର ବିଭିନ୍ନ ପାର୍ଲରଗୁଡ଼ିକରେ କରାଯାଉଛି। ଏଥିସହ ତ୍ୱଚାର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିବାକୁ ଏବେ ହାଇଡ୍ରା ଫେସିଆଲ୍, ମେଡିକାଲ୍ ଗ୍ରେଡ୍ ଫେସିଆଲ୍, କେମିକାଲ୍ ପିଲ୍, ଏଲ୍‌ଇଡି ଲାଇଟ୍ ଥେରାପି ଇତ୍ୟାଦି ବିୟୁଟି ଟ୍ରିଟ୍‌ମେଣ୍ଟ କରୁଛନ୍ତି। ତେବେ ଏସବୁ ଭିତରୁ ହାଇଡ୍ରା ଫେସିଆଲ୍‌ର ଚାହିଦା ବଢ଼ୁଛି। ଏହି ଫେସିଆଲ୍‌ରେ ବୈଦ୍ୟୁତିକ ସୌନ୍ଦର୍ଯ୍ୟ ଉପକରଣ ସାହାଯ୍ୟରେ ଚେହେରାରୁ ମୃତ କୋଷଗୁଡ଼ିକୁ ବାହାର କରାଯାଇଥାଏ। ଚର୍ମ ଭିତରେ ଆଣ୍ଟିଅକ୍ସିଡାଣ୍ଟ ସେରମ୍ ଭର୍ତ୍ତି କରାଯାଇଥାଏ। ଯେଉଁଥିପାଇଁ ଚର୍ମର ଚମକ ଫେରି ଆସେ। ଏହାଦ୍ୱାରା କୌଣସି ପାର୍ଶ୍ୱପ୍ରତିକ୍ରିୟା ଦେଖାଦିଏ ନାହିଁ। ଏହି ଫେସିଆଲ୍ ଦ୍ୱାରା ମୁହଁରୁ କଳାଦାଗ, ବାର୍ଦ୍ଧକ୍ୟ, ତ୍ୱଚାର କୁଞ୍ଚନ, ମୁଖବ୍ରଣ, ଆକ୍‌ନେ ଆଦି ସମସ୍ୟାର ସମାଧାନ ହୋଇଥାଏ। ସମ୍ପୂର୍ଣ୍ଣ ମେସିନ୍ ସାହାଯ୍ୟରେ ଏହି ଫେସିଆଲ୍ କରାଯାଇଥାଏ। ଏଥିରେ ଏଲ୍‌ଇଡି ମାସ୍କ ବ୍ୟବହାର କରାଯାଏ ଏବଂ ପରେ ବିଭିନ୍ନ ସେରମ୍, କ୍ରିମ୍ ଆଦି ଲଗାଯାଏ। ମସାଜ୍, କ୍ଲିନ୍‌ଜିଙ୍ଗ୍, ସ୍କ୍ରବିଙ୍ଗ୍, ଆଖି ଓ ନାକ ତଳ ସଫା ପାଇଁ ସୁପରସୋନିକ୍ ମେସିନ୍ ବ୍ୟବହାର କରାଯାଏ। 'ହେୟାର ହାକର' ପାର୍ଲରର କର୍ମଚାରୀ ଦୟାନନ୍ଦ ଠାକୁର କୁହନ୍ତି, ତାଙ୍କ ପାର୍ଲର ୯ ମାସ ହେଲାଣି ଏହି ଫେସିଆଲ୍ ଆରମ୍ଭ ହୋଇଛି। ଗ୍ରାହକଙ୍କ ରୁଚି ଅନୁଯାୟୀ ଓ ତ୍ୱଚା ଅନୁଯାୟୀ ଆମେ ଫେସିଆଲ୍ କିଟ୍ ବ୍ୟବହାର କରିଥାଉ। ଏହାର ଦାମ୍ ୩୫୦୦ରୁ ଆରମ୍ଭ ହୋଇ ୫୦୦୦ ପର୍ଯ୍ୟନ୍ତ ରହିଛି। ଡ଼ଓ୩+, ଲାଲୁସା ଓ ମେଟ୍ ଫେସିଆଲ୍‌ର ଚାହିଦା ଅଧିକ ରହିଛି। ପ୍ରତି ୨୦ ଦିନରେ ଥରେ ହାଇଡ୍ରା ଫେସିଆଲ୍ କରିବାଦ୍ୱାରା ମୁହଁର ମୃତ ଚର୍ମକୋଷଗୁଡ଼ିକ ନଷ୍ଟ ହୋଇ ଚର୍ମରେ ଆର୍ଦ୍ରତା ଭରିଥାଏ। ଏଥିରେ ଆମକୁ ହାତ ମାରିବାକୁ ପଡ଼ି ନ ଥାଏ। ସମ୍ପୂର୍ଣ୍ଣ କାର୍ଯ୍ୟ ମେସିନ୍ ହିଁ କରିଥାଏ। ତ୍ୱଚାରେ ଚର୍ମର ଆବଶ୍ୟକତା ଅନୁଯାୟୀ ମେସିନ୍‌ଟି ତା'ର କାର୍ଯ୍ୟ କରିଥାଏ। ସେଥିପାଇଁ ଆଜିକାଲି ଅଧିକାଂଶ ମହିଳା ଏହି ଫେସିଆଲ୍‌କୁ ପସନ୍ଦ କରୁଛନ୍ତି ବୋଲି ଶ୍ରୀ ଠାକୁର କହିଛନ୍ତି।



## ଏହି କ୍ଷେତ୍ରରେ ଅତ୍ୟଧିକ କଲରା ଖାଇବା ମନା

ପାଟିକୁ ପିତା, ହେଲେ ଦେହ ପାଇଁ ଭାରି ହିତ। ଏଭଳି ଏକ ପରିବା ହେଉଛି କଲରା। କଲରା ପିତା ହେଲେ ବି ଭାରି ସ୍ୱାଦିଷ୍ଟ। କଲରା ଖାଇବାର ମଜା ଯିଏ ଜାଣିଛନ୍ତି ସେମାନଙ୍କର ଏହି ପରିବା ପ୍ରିୟ ପରିବା ଭିତରେ ଗଣା ହୋଇଯାଏ। ଏହାକୁ ଆପଣ କଞ୍ଚା ବି ଜୁସ୍ କରି ପିଇପାରିବେ। କଲରା ଖାଇବା ଦ୍ୱାରା ବିଭିନ୍ନ ପ୍ରକାରର ଚର୍ମ ରୋଗ ଦୂର ହୋଇଥାଏ। ମୁହଁ ବ୍ରଣରୁ ନେଇ ଯାଦୁ, କାଛୁ, କୁଣ୍ଡିଆ ଆଦି ସମସ୍ୟାକୁ କଲରା ଖାଇବା ଦ୍ୱାରା ନିୟନ୍ତ୍ରଣରେ ରଖାଯାଇପାରେ। କଲରାରେ ବହୁ ଗୁରୁତ୍ୱପୂର୍ଣ୍ଣ ନ୍ୟୁଟ୍ରିଏଣ୍ଟସ୍ ରହିଛି। ଏହାକୁ ଖାଇବା ଦ୍ୱାରା ରକ୍ତଚାପକୁ ନିୟନ୍ତ୍ରଣରେ ରଖାଯାଇପାରେ। ମଧୁମେହ ରୋଗୀଙ୍କ ପାଇଁ କଲରା ଔଷଧ ପରି କାମ କରେ। କର୍କଟ ସହ ଲଢ଼ିବା ପରି ରୋଗ ପ୍ରତିରୋଧକ ଶକ୍ତି ରହିଛି କଲରା ଭିତରେ। ଏଥିରେ କୋଲେଷ୍ଟ୍ରଲ୍ ସ୍ତର ବି ନିୟନ୍ତ୍ରଣରେ ରହେ। ଓଜନ ହ୍ରାସ ସହ ତ୍ୱଚାକୁ ଯୁବା ରଖିବାକୁ ଚାହୁଁଥିଲେ ମଧ୍ୟ ଆପଣ କଲରା ଖାଇବା ଅଭ୍ୟାସ ରଖନ୍ତୁ। ଏକ ଗୁରୁତ୍ୱପୂର୍ଣ୍ଣ କଥା ଜାଣିରଖନ୍ତୁ। ଆପଣ ଯଦି ମଧୁମେହ ରୋଗୀ ତେବେ କଲରା ଏକ ସୀମା ମଧ୍ୟରେ ଖାଇବେ। ମଧୁମେହ ରୋଗୀ ଔଷଧ ଖାଉଥିବା ହେତୁ କଲରା ଖାଇଲେ ରକ୍ତରେ ଶର୍କରା ପରିମାଣ ଅତ୍ୟନ୍ତ କମ୍ ହୋଇ ଯାଇପାରେ। ଅସ୍ତ୍ରୋପଚାର ପରେ ମଧ୍ୟ କଲରା ଖାଇଲେ ଆପଣ ଅସୁବିଧାରେ ପଡ଼ିପାରନ୍ତି। ଏହି ସମୟରେ ବି ରକ୍ତରେ ଶର୍କରା ପରିମାଣ କମ୍ ହେବାର ସମ୍ଭାବନା ରହିଛି।



## ପ୍ରତି ପାଞ୍ଚରେ ଜଣେ ମହିଳା ଭୋଗୁଛନ୍ତି ଆଡେନୋମାୟସିସ୍



ଆଡେନୋମାୟସିସ୍ ଥିବା ମହିଳାଙ୍କର ମାଇଓମେଟ୍ରିଅମ୍ ସ୍ଥାନରେ ଭୁଲ୍‌ରେ ଏଣ୍ଡୋମେଟ୍ରିଅମ୍ ପରି କୋଷ ରହିଥାଏ। ଏହି କୋଷୀୟ ବ୍ୟତିକ୍ରମ ଯନ୍ତ୍ରଣାର କାରଣ ହୋଇଥାଏ। ଆଗେ ଗର୍ଭାଶୟକୁ ଅସ୍ତ୍ରୋପଚାର ଦ୍ୱାରା କାଢ଼ି ତାହାର ଜୀବନ୍ତ କୋଷ ପରୀକ୍ଷଣ ପରେ ଆଡେନୋମାୟସିସ୍ ରହିଥିବା କଥା ଜଣାପଡୁଥିଲା।

ଅନେକ ସମୟରେ ମହିଳାମାନେ ସେମାନଙ୍କ ତଳିପେଟରେ ଭୀଷଣ ଯନ୍ତ୍ରଣା ହେଉଥିବା କଥା ପ୍ରକାଶ କରିଥା'ନ୍ତି। ତାହା ଏପରି ଅସହ୍ୟ ହୋଇଥାଏ ଯେ, କୌଣସି କାମ କରିବା ତ ଦୂରର କଥା, ବସିବା ମଧ୍ୟ କଷ୍ଟକର ହୋଇପଡ଼େ। ପ୍ରତି ପାଞ୍ଚ ଜଣରେ ପ୍ରାୟ ଜଣେ ମହିଳା ଏହାକୁ ଅଙ୍ଗେ ନିଭାଉଥିବା ବେଳେ ଏ ବାବଦରେ ଖୁବ୍ କମ୍ ମୁହଁ ଖୋଲିଥା'ନ୍ତି। ତେବେ ଏପରି ଯନ୍ତ୍ରଣା ଭୋଗୁଥିବା ମହିଳାମାନେ 'ଆଡେନୋମାୟସିସ୍' ନାମକ ଏକ ଅଳ୍ପ ଜଣାଶୁଣା ରୋଗରେ ପୀଡ଼ିତ ଯାହା ଗର୍ଭାଶୟକୁ ପ୍ରଭାବିତ କରୁଥିବା ଏକ ଦୀର୍ଘସ୍ଥାୟୀ ଅବସ୍ଥା। ଏହାଦ୍ୱାରା ଅନିୟମିତ ମାସିକ ଋତୁସ୍ରାବ ସହ ଭୀଷଣ ରକ୍ତସ୍ରାବ ଏବଂ ତଳିପେଟ ଯନ୍ତ୍ରଣା ପରି ଲକ୍ଷଣ ଦେଖାଦେଇଥାଏ। ଏହା ମଧ୍ୟ ମହିଳାଙ୍କର ପ୍ରଜନନ କ୍ଷମତାକୁ ପ୍ରଭାବିତ କରିଥାଏ। 'ଆଡେନୋମାୟସିସ୍'ରେ ପୀଡ଼ିତ ଥିବା ମହିଳାମାନେ କୌଣସି ସମୟରେ ଗର୍ଭବତୀ ହେଲେ, ସେମାନଙ୍କ ଠାରେ ଗର୍ଭପାତ, ନିର୍ଦ୍ଧାରିତ ସମୟ ପୂର୍ବରୁ ପ୍ରସବ ଏବଂ ପ୍ରସବ ପରେ ଭୀଷଣ ରକ୍ତସ୍ରାବର ଆଶଙ୍କା ଅଧିକ ରହିଥାଏ। ସୂଚନାଯୋଗ୍ୟ, ଗର୍ଭାଶୟ ଭିତରେ ଦୁଇଟି ପ୍ରମୁଖ ସ୍ତର ରହିଛି। ତାହାର ଅନ୍ତଃସ୍ତରଟି ହେଉଛି ଏଣ୍ଡୋମେଟ୍ରିଅମ୍, ଯେଉଁଠି ଶୁକ୍ରାଣୁ ଓ ଡିମ୍ବାଣୁ ମିଶି ଭ୍ରୂଣ ସୃଷ୍ଟି ହୋଇଥାଏ। ଗର୍ଭଧାରଣ ନ ହୋଇଥିଲା ଯାଏ ଏହା ପ୍ରାଞ୍ଜଳ ହୋଇ ରହିଥାଏ। ଅନ୍ୟ ମାଂସଳ ସ୍ତରଟି ହେଉଛି ମାଇଓମେଟ୍ରିଅମ୍ ଯାହା ଗର୍ଭଧାରଣ ବେଳେ ସମ୍ପ୍ରସାରିତ ହୋଇଥାଏ। ତେବେ ଆଡେନୋମାୟସିସ୍ ଥିବା ମହିଳାଙ୍କର ମାଇଓମେଟ୍ରିଅମ୍ ସ୍ଥାନରେ ଭୁଲ୍‌ରେ ଏଣ୍ଡୋମେଟ୍ରିଅମ୍ ପରି କୋଷ ରହିଥାଏ। ଏହି କୋଷୀୟ ବ୍ୟତିକ୍ରମ ଯନ୍ତ୍ରଣାର କାରଣ ହୋଇଥାଏ। ଆଗେ ଗର୍ଭାଶୟକୁ ଅସ୍ତ୍ରୋପଚାର ଦ୍ୱାରା କାଢ଼ି ତାହାର ଜୀବନ୍ତ କୋଷ ପରୀକ୍ଷଣ ପରେ ଆଡେନୋମାୟସିସ୍ ରହିଥିବା କଥା ଜଣାପଡୁଥିଲା। ଏବେ କିନ୍ତୁ ଏମ୍‌ଆରଆଇ ଓ ତଳିପେଟ ଅଲ୍‌ଟ୍ରାସାଉଣ୍ଡ ଦ୍ୱାରା ବିଶେଷଜ୍ଞ ଡାକ୍ତରମାନେ ତାହା ଠଉରେଇ ପାରୁଛନ୍ତି। ମାତ୍ର ପୀଡ଼ିତାମାନେ ନିରବ ରହି ଆସୁଥିବାରୁ ଏହାର ଉପଶମ ପାଇଁ କୌଣସି ନିଶ୍ଚିତ ଉପଚାର ବାହାରି ପାରିନାହିଁ। କେବଳ ଅସ୍ତ୍ରୋପଚାର ଦ୍ୱାରା ଗର୍ଭାଶୟ କାଢ଼ିଦେବା ହିଁ ବର୍ତ୍ତମାନ ସୁଦ୍ଧା ଏକମାତ୍ର ସମାଧାନ ବୋଲି ଧରି ନିଆଯାଇଛି। ତେବେ ଏହାର ଚିକିତ୍ସା ଦିଗରେ ଗବେଷଣା ଜାରି ରହିଛି।

## ଡେରିରେ ଉଠିବା ଭଲ ଲକ୍ଷଣ

ବଡ଼ି ଭୋରରୁ ଉଠି ନିତ୍ୟକର୍ମ ସାରିବା ଲାଗି ଆମେ ସର୍ବଦା ପିଲାମାନଙ୍କୁ ଉପଦେଶ ଦେଉ। ତେବେ ସକାଳୁ ସକାଳୁ ଶଯ୍ୟା ଛାଡ଼ିପାରୁନଥିବା ବ୍ୟକ୍ତିଙ୍କ ପାଇଁ ଏକ ଭଲ ଖବର ଆଣିଛନ୍ତି ଆମେରିକାର ମାସାଚ୍ୟୁସେଟ୍‌ସ ଜେନେରାଲ ହସ୍ପିଟାଲ୍‌ର ଦଳେ ଗବେଷକ। ସେମାନେ ଚଳାଇଥିବା ଅନୁଧ୍ୟାନ ଅନୁଯାୟୀ, ଯେଉଁମାନେ ସକାଳେ ଶୀଘ୍ର ଉଠିଥା'ନ୍ତି ସେମାନଙ୍କ ଠାରେ 'ଆନୋରେକ୍ସିଆ ନର୍ଭୋସା' ନାମକ ଏକ ପ୍ରକାର ଖାଦ୍ୟ ବିକାର ଦେଖାଦେବାର ଆଶଙ୍କା ଅଧିକ ଥାଏ। ଏଥି ସହିତ ନିଦ୍ରାହୀନତା (ଇନ୍‌ସୋମ୍ନିଆ) ସହିତ ଆନୋରେକ୍ସିଆ ନର୍ଭୋସା ମଧ୍ୟରେ ଥିବା ସଂଯୋଗ ବାବଦରେ ମଧ୍ୟ ଗବେଷକମାନେ ଜାଣିପାରିଛନ୍ତି। ପୂର୍ବ ଗବେଷଣାରୁ ଖାଦ୍ୟ ବିଶୃଙ୍ଖଳା ଓ ଶରୀରର ଆଭ୍ୟନ୍ତରୀଣ ଘଣ୍ଟା ବା 'ସିର୍କାଡିଆନ୍ କ୍ଲକ୍' ମଧ୍ୟରେ ସଂଯୋଗ ଥିବା କଥା ସ୍ପଷ୍ଟ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଏହି ସିର୍କାଡିଆନ୍ କ୍ଲକ୍ ହିଁ ଶରୀରର ନିଦ୍ରା ସମେତ ଅନେକ ଜୈବିକ କ୍ରିୟାକୁ ନିୟନ୍ତ୍ରଣ କରିଥାଏ। ଗବେଷକମାନେ ଆନୋରେକ୍ସିଆ ନର୍ଭୋସା ସହ ଜଡ଼ିତ ଗୁଣସୂତ୍ର ଓ ମର୍ନିଂ କ୍ରୋନୋଟାଇପ୍ (ରାତିରେ ଶୀଘ୍ର ଶୋଇ ସକାଳେ ଶୀଘ୍ର ଉଠିବା) ସହ ଜଡ଼ିତ ଗୁଣସୂତ୍ର ମଧ୍ୟରେ ଏକ ଦ୍ୱିପାକ୍ଷିକ ସମ୍ପର୍କର ସନ୍ଧାନ କରିପାରିଛନ୍ତି। ତାହାକୁ ବିଶ୍ଳେଷଣ କଲା ପରେ ଇନ୍‌ସୋମ୍ନିଆ ସହ ଜଡ଼ିତ ଗୁଣସୂତ୍ର ମଧ୍ୟ ଏଥିରେ ସଂପୃକ୍ତ ଥିବା ଜଣାପଡ଼ିଥିଲା। ବର୍ତ୍ତମାନ ସୁଦ୍ଧା ଆନୋରେକ୍ସିଆ ନର୍ଭୋସା ପରି ରୋଗର କାରଣ ସଠିକ୍ ଭାବେ ଜଣାପଡ଼ିନଥିବା ବେଳେ ଏହାର ଚିକିତ୍ସା ମଧ୍ୟ ସୀମିତ। ସେହିପରି ବିଭିନ୍ନ ପ୍ରକାର ମାନସିକ ରୋଗରେ ମୃତ୍ୟୁବରଣ କରୁଥିବା ରୋଗୀଙ୍କ ମଧ୍ୟରେ ଆନୋରେକ୍ସିଆ ନର୍ଭୋସା ରୋଗୀଙ୍କ ସଂଖ୍ୟା ଦ୍ୱିତୀୟ ସର୍ବାଧିକ। ତେଣୁ, କେହି ଯଦି ସ୍ୱତଃପ୍ରବୃତ୍ତ ଭାବେ ସକାଳେ ବିଳମ୍ବରେ ଉଠୁଛି, ତେବେ ତାହାକୁ ପରୋକ୍ଷରେ ଏକ ସୁସ୍ଥ ଅବସ୍ଥା ବୋଲି ଭାବିବାକୁ ପଡ଼ିବ।



## ମାନସନନ୍ଦିନୀ ସରଯୂ ନଦୀ

'ଅଧ୍ୟାତ୍ମ ରାମାୟଣ'ରେ ଉଲ୍ଲିଖିତ ଏହି ଉକ୍ତି ଯେଉଁ ନଦୀ ସଂପର୍କରେ କୁହାଯାଇଛି, ସେହି ନଦୀ ହେଉଛି ଲୋକପାବନୀ ସରଯୂ, ସାରଦା, କାଳୀନଦୀ, ଘାଘରା ବା ଘର୍ଘରା। ଏହା ଉତ୍ତର ଭାରତରେ ପ୍ରବାହିତ ଏକ ନଦୀ। ଏହି ପୁଣ୍ୟତୋୟା ନଦୀର ଉଲ୍ଲେଖ 'ମହାଭାରତ', 'ରାମାୟଣ', 'ପଦ୍ମପୁରାଣ' ଓ ପାଣିନୀଙ୍କ 'ଅଷ୍ଟାଧ୍ୟାୟୀ' ଆଦିରେ ମଧ୍ୟ ଦେଖାଯାଏ। ଏହି ନଦୀର ଜନ୍ମ ସଂପର୍କରେ ଏକ ମଧୁମୟ କାହାଣୀର ଉଲ୍ଲେଖ ଅଛି। ଏକଦା ଶଙ୍ଖାସୁର ବଧ ପରେ ଶ୍ରୀବିଷ୍ଣୁଙ୍କ ଆନନ୍ଦାଶ୍ରୁ ତାଙ୍କ ନଖ କୋଣରେ ସଂଚିତ ହୋଇ ରହିଥିଲା। ଭଗୀରଥଙ୍କ ତପସ୍ୟାରେ ତାହା ଭାଗୀରଥି ହୋଇ ବିଷ୍ଣୁଙ୍କର ଦକ୍ଷିଣ ପାଦରୁ ବହିର୍ଗତ ହୋଇଥିଲା। ସେହିପରି, ଯେତେବେଳେ ମନୁ ଅଯୋଧ୍ୟାନଗରୀ ନିର୍ମାଣ କଲେ, ସେତେବେଳେ ଶୁଭକାରିଣୀ ସରଯୂନଦୀ ଭଗବାନ ବିଷ୍ଣୁଙ୍କର ବାମପାଦର ଅଙ୍ଗୁଷ୍ଠି କୋଣରୁ ନିର୍ଗତ ହୋଇ ଅଯୋଧ୍ୟା ଭୂମିକୁ ଧୌତ କଲା। ଅତଏବ ଅଯୋଧ୍ୟାର ସଂପୂର୍ଣ୍ଣ ଇତିହାସର ମୂକସାକ୍ଷୀ-ଦେବ ପାବନୀ ସରଯୂ। ସରଯୂ ଅର୍ଥ ସ୍ରୋତ। ଏହା ଘର୍ଘର ନାଦ କରି ହିମାଳୟର ପର୍ବତଶ୍ରେଣୀରୁ ନିର୍ଗତ ହେଉଥିବାରୁ ଏହାର ନାମ ଘର୍ଘରା। ମାନସରୋବରରୁ ଏହାର ଉତ୍ପତ୍ତି ହେତୁ 'ତୁଳସୀ ରାମାୟଣ'ରେ ଏହାକୁ 'ମାନସନନ୍ଦିନୀ' ନାମରେ ନାମିତ କରାଯାଇଛି। ପୁରାଣର ବର୍ଣ୍ଣନା ଅନୁସାରେ, କୋଶଳ ଦେଶ ନାମକ ଏକ ମହାନ ଧନଧାନ୍ୟପୂର୍ଣ୍ଣ ଦେଶ ସରଯୂ ନଦୀ ତୀରରେ ଥିଲା। ଏହି ନଦୀ ହିମାଳୟରୁ ବାହାରି ପ୍ରାୟ



'ଅଧ୍ୟାତ୍ମ ରାମାୟଣ'ରେ ଉଲ୍ଲିଖିତ ଏହି ଉକ୍ତି ଯେଉଁ ନଦୀ ସଂପର୍କରେ କୁହାଯାଇଛି, ସେହି ନଦୀ ହେଉଛି ଲୋକପାବନୀ ସରଯୂ, ସାରଦା, କାଳୀନଦୀ, ଘାଘରା ବା ଘର୍ଘରା। ଏହା ଉତ୍ତର ଭାରତରେ ପ୍ରବାହିତ ଏକ ନଦୀ।

୩୫୦ କିଲୋମିଟର ଅତିକ୍ରମ କରି ଚେରାନ ତୀର୍ଥରେ ଗଙ୍ଗା ସହିତ ମିଳିତ ହୋଇଛି। କଥିତ ଅଛି, ଏହି ତୀର୍ଥରେ ଦଶରଥଙ୍କର ପିତା ଅଜ ଦେହତ୍ୟାଗ କରିଥିଲେ। ପୁରାଣ ଅନୁସାରେ, ଏହି ନଦୀ ତୀରର ଘନ ଜଙ୍ଗଲରେ ସୂର୍ଯ୍ୟବଂଶୀ ରାଜାମାନେ ମୃଗୟା କରୁଥିଲେ। ଦଶରଥ ସେହି ମୃଗୟା କାଳରେ ଶବ୍ଦଭେଦୀ ବାଣ ପ୍ରୟୋଗ କରି, ଶ୍ରବଣକୁମାରଙ୍କୁ ବଧ କରି ଅଭିଶପ୍ତ ହୋଇଥିଲେ। ଏହି ନଦୀରେ ଦେହତ୍ୟାଗ କରି ଲକ୍ଷ୍ମଣ ଶେଷନାଗ ହୋଇ ପାତାଳପୁରୀ ଯାତ୍ରା କରିଥିଲେ। ଉର୍ମିଳା ମଧ୍ୟ ଏଠାରେ ଦେହତ୍ୟାଗ କରିଥିଲେ। ସ୍ୱୟଂ ରାମଚନ୍ଦ୍ର ସରଯୂ ନଦୀରେ ଦେହତ୍ୟାଗ କରି ବୈକୁଣ୍ଠ ଗମନ କରିଥିଲେ। ଏଣୁ ସରଯୂକୁ କୁହାଯାଏ ବୈକୁଣ୍ଠ ଗମନର ଦ୍ୱାର। ଏହି ନଦୀରେ ସ୍ନାନ କଲେ ବୈକୁଣ୍ଠରେ ସ୍ଥାନ ମିଳେ ବୋଲି ବିଶ୍ୱାସ କରାଯାଏ। 'ରାମକି ପୈଡ଼ି' ନାମରେ ସରଯୂ ନଦୀରେ ୨୫ଟି ଘାଟ ରହିଛି, ଯେଉଁଠି ଶ୍ରଦ୍ଧାଳୁମାନେ ସ୍ନାନ କରିଥାନ୍ତି। ଏସବୁ ସତ୍ତ୍ୱେ ସରଯୂକୁ ଶିବଙ୍କର ଅଭିଶାପ ଗ୍ରହଣ କରିବାକୁ ପଡ଼ିଥିଲା। ରାମଚନ୍ଦ୍ର ଏହି ନଦୀରେ ଦେହତ୍ୟାଗ କରିବାରୁ କ୍ରୋଧିତ ହୋଇ ଶିବ ସରଯୂକୁ ଅଭିଶାପ ଦେଇଥିଲେ- ତୋର ଜଳରେ ଯେ ଆଚମନ କରିବ ସେ ନର୍କଗାମୀ ହେବ। ଏଥିରେ ସରଯୂ ଦୁଃଖିତ ହେବାରୁ ଶିବ ତାକୁ ସେହି ଦଣ୍ଡରୁ ମୁକ୍ତ କରିଥିଲେ। ସରଯୂ ନଦୀ ଭାରତ ଓ ନେପାଳ ସୀମାରେ ପ୍ରବାହିତ ହୋଇ ଉତ୍ତର ପ୍ରଦେଶ ମଧ୍ୟ ଦେଇ ବିହାରର ସାରନ୍ ଜିଲ୍ଲାର ଚେରାନ୍ ଠାରେ ଗଙ୍ଗା ନଦୀରେ ମିଳିତ ହୋଇଛି।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଅର୍ଥନୀତିରେ ଷ୍ଟାର୍ଟଅପ୍ ...

ଭାରତ ଭଳି ଏକ ବିକାଶଶୀଳ ରାଷ୍ଟ୍ରରେ ବୃହତ୍ ଶିଳ୍ପ ତୁଳନାରେ ଅଣୁ, କ୍ଷୁଦ୍ର ତଥା ମଧ୍ୟମ ଶିଳ୍ପ(ଏମ୍ଏସ୍ଏମ୍ଇ)ଗୁଡ଼ିକ ଉତ୍ପାଦନ, ନିଯୁକ୍ତି ଓ ଆୟ ବୃଦ୍ଧି କରିବା ସହ ସୁଷମ ଶିଳ୍ପ ବିକାଶ, ଆଞ୍ଚଳିକ ବୈଷମ୍ୟ ଦୂରୀକରଣ, ଆଞ୍ଚଳିକ ସ୍ତରରେ ସୁଲଭ୍ୟ କଞ୍ଚାମାଲ ସଦୁପଯୋଗ ତଥା ଆଞ୍ଚଳିକ ବଜାର ସମ୍ପ୍ରସାରଣ କ୍ଷେତ୍ରରେ ବିଶେଷ ଭୂମିକା ଗ୍ରହଣ କରିଥା'ନ୍ତି । ସୁତରାଂ ଅର୍ଥନୀତିରେ ନିଯୁକ୍ତି ସୃଷ୍ଟି ଓ ଦ୍ରୁତ ଆର୍ଥିକ ବିକାଶ ଏମଏସଏମଇ ଶିଳ୍ପର ଆଭିମୁଖ୍ୟ ଅଟେ । କିନ୍ତୁ ସମ୍ପ୍ରତି ଆମ ଦେଶରେ ଉତ୍ପାଦନ, ନିଯୁକ୍ତି, ଆୟ ଓ ପୁଞ୍ଜି ନିବେଶର ମାତ୍ରାକୁ ବୃଦ୍ଧି କରି ନୂତନ ଚିନ୍ତାଧାରା ଭିତ୍ତିରେ ଏକ ଅଭିନବ ବ୍ୟବସାୟିକ ମଡେଲ ହିସାବରେ ଷ୍ଟାର୍ଟଅପ୍‌ର ଅଭ୍ୟୁଦୟ ହୋଇଛି । ଏହାକୁ 'ଷ୍ଟାର୍ଟଅପ୍ ଇଣ୍ଡିଆ' ନାମରେ କାର୍ଯ୍ୟକାରୀ କରାଯାଉଛି । ଇନୋଭେସନ୍ ବା ନୂତନତ୍ୱର ପରିପ୍ରକାଶ ନିମନ୍ତେ ଏକ ଦୃଢ଼ ବାତାବରଣ ଗଠନ କରିବା ପାଇଁ ୨୦୧୬ ମସିହା ଜାନୁୟାରୀ ମାସ ୧୬ ତାରିଖରେ ଭାରତ ସରକାର ଯେଉଁ ପଦକ୍ଷେପ ନେଇଥିଲେ ତାହା ହିଁ 'ଷ୍ଟାର୍ଟଅପ୍ ଇଣ୍ଡିଆ' । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ଷ୍ଟାର୍ଟଅପ୍ ଇଣ୍ଡିଆ' କୁ 'ଷ୍ଟାଣ୍ଡଅପ୍ ଇଣ୍ଡିଆ' ସ୍ଲୋଗାନରେ ପରିଣତ କରିବା ଦିନଠାରୁ ଭାରତରେ 'ଷ୍ଟାର୍ଟଅପ୍ ଇକୋ-ସିଷ୍ଟମ'ର ଗତି ଦ୍ରୁତତର ହୋଇପାରିଛି । 'ଷ୍ଟାର୍ଟଅପ୍' ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ଓ ରୂପାନ୍ତରଣର ଇଞ୍ଜିନ ସଦୃଶ । ସମ୍ପୂର୍ଣ୍ଣ ନୂତନ ନିଯୁକ୍ତି, ନୂତନ ଉତ୍ପାଦ ତଥା ନୂତନ ସେବାର ଉତ୍ସ । ଷ୍ଟାର୍ଟଅପ୍ ଅନ୍ୟାନ୍ୟ ପ୍ରତିଷ୍ଠିତ ବ୍ୟବସାୟ ତୁଳନାରେ ଅଧିକ ଅନିଶ୍ଚିତ ଓ ବିପଦପୂର୍ଣ୍ଣ ସତ, କିନ୍ତୁ ସମ୍ଭାବ୍ୟ ଆୟ କିମ୍ବା ରୋଜଗାର ଉତ୍ପତ୍ତି କ୍ଷେତ୍ରରେ ଅଧିକ ପ୍ରଭାବଶାଳୀ । ସାଧାରଣତଃ, ଉପଯୁକ୍ତ ଚାହିଦା ଥିବା ଏକ ନିର୍ଦ୍ଦିଷ୍ଟ ଉତ୍ପାଦ କିମ୍ବା ସେବାକୁ ପରୀକ୍ଷା ନିରୀକ୍ଷା ବଳରେ ବିକଶିତ କରିବା ସହ ଏକ କିମ୍ବା ଏକାଧିକ ଉଦ୍ୟୋକ୍ତାଙ୍କ ଦ୍ୱାରା ଷ୍ଟାର୍ଟଅପ୍ ପ୍ରତିଷ୍ଠିତ ହୋଇଥାଏ । ସାଧାରଣତଃ ଏକ ଚିନ୍ତାଧାରାକୁ ଭିତ୍ତି କରି ତାହାକୁ ବାସ୍ତବତାରେ ରୂପାନ୍ତରିତ କରିବା ସହ ବ୍ୟବସାୟକୁ ଲାଭଦାୟକ କରିବା ନିମନ୍ତେ ଷ୍ଟାର୍ଟଅପ୍ କମ୍ପାନୀ ଗଠନ କରାଯାଇଥାଏ । ତେଣୁ ଷ୍ଟାର୍ଟଅପ୍ ମୁଖ୍ୟତଃ ନୂତନ ତଥା ସର୍ବପ୍ରଥମ ବ୍ୟବସାୟିକ ମଡେଲ । ଏହି ବ୍ୟବସାୟ କ୍ଷୁଦ୍ରଶିଳ୍ପ ଉତ୍ପାଦନଠାରୁ ଭିନ୍ନ ଅଟେ । କ୍ଷୁଦ୍ରଶିଳ୍ପଗୁଡ଼ିକ ସୁପ୍ରତିଷ୍ଠିତ ବଜାର ଓ ପ୍ରମାଣିତ ବ୍ୟବସାୟିକ ମଡେଲ ଭିତ୍ତିରେ କାର୍ଯ୍ୟ କରୁଥିବା ବେଳେ ଷ୍ଟାର୍ଟଅପ ଉଦ୍ୟୋଗ ପୂର୍ବରୁ ନ ଥିବା ଦ୍ରବ୍ୟ ଓ ସେବା ଉତ୍ପାଦନ କରିଥାଏ । ଅନୁକୂଳ ସରକାରୀ ନୀତି, ପରିବର୍ଦ୍ଧିତ ଅର୍ଥବ୍ୟବସ୍ଥା, ଉନ୍ନତ ଔଦ୍ୟୋଗିକ ଉତ୍ସାହ, ପ୍ରଯୁକ୍ତିବିଦ୍ୟା, ଇ-କମର୍ସ ଓ ହେଲଥ କେୟାର ଆଦି ଅନେକ ଉପାଦାନ ସମୂହ ଆମଦେଶରେ ଷ୍ଟାର୍ଟଅପକୁ 'ହଟ୍‌ସ୍ପଟ୍' ବା ଆକର୍ଷଣର କେନ୍ଦ୍ର ଭାବରେ ରୂପାନ୍ତରିତ କରିପାରିଛି । ଭାରତରେ ୬ଗୋଟି ଷ୍ଟାର୍ଟଅପ୍ ଯଥା ବାଇଯୁଜ, ସ୍ୱିଗୀ, ଓୟୋ ରୁମ୍ସ, ଡ୍ରିମ୍ ୧୧, ଓଲା କ୍ୟାବସ, ରାଜୋ ପେ ଆଦି ବିଶ୍ୱସ୍ତରରେ କାର୍ଯ୍ୟ କରୁଛନ୍ତି । ବ୍ୟାଙ୍କ୍ ଋଣ ସହାୟତା ସହ ନୂତନ ବ୍ୟବସାୟ ପ୍ରତିଷ୍ଠା, ଯୁବ ଭାରତୀୟମାନଙ୍କର ବ୍ୟବସାୟିକ ଉତ୍ସାହକୁ ଦୃଢ଼ୀଭୂତ କରିବା, ଷ୍ଟାର୍ଟଅପ ନିମନ୍ତେ ଆଧାର ରଚନା କରିବା ତଥା ରାଷ୍ଟ୍ରକୁ ଟେକ୍ ବ୍ୟବସାୟର ସର୍ବୋତ୍କୃଷ୍ଟ ଲକ୍ଷ୍ୟସ୍ଥଳରେ ପହଞ୍ଚାଇବା ପାଇଁ ଆରମ୍ଭ ହୋଇଥିବା ଏହି ଉଦ୍ୟମ ମୋଟାମୋଟି ଆଶାନୁରୂପ ଗତି କରୁଛି ବୋଲି କୁହାଯାଇପାରେ । ଭାରତରେ କର୍ମ ଅନ୍ୱେଷଣକାରୀ ଯୁବ ପ୍ରତିଭାମାନଙ୍କ ନିମନ୍ତେ ସୁଚିନ୍ତିତ ଷ୍ଟାର୍ଟଅପ୍ ନୀତି, ଷ୍ଟାର୍ଟଆପ ପୋର୍ଟାଲ ଓ ହେଲ୍ପଲାଇନର ଆବଶ୍ୟକତା ରହିଛି । ଏହାବ୍ୟତୀତ, ଇନକ୍ୟୁବେଶନ ସେଣ୍ଟର, ସହକାର୍ଯ୍ୟ ସ୍ଥଳ, ଔଦ୍ୟୋଗିକ ପ୍ରକୋଷ୍ଠ ଆଦିର ମଧ୍ୟ ଯଥେଷ୍ଟ ଆବଶ୍ୟକତା ରହିଛି । ଅର୍ଥନୈତିକ ବିକାଶ, ନୂତନତ୍ୱର ପ୍ରୟୋଗ, ଦ୍ରବ୍ୟ ଓ ସେବାର ଉତ୍ପାଦନ ବୃଦ୍ଧି, ସହରାଞ୍ଚଳର ବିକାଶ, ଔଦ୍ୟୋଗିକରଣକୁ ଉତ୍ସାହିତ କରିବା, ଜୀବନଧାରଣର ମାନ ବୃଦ୍ଧି, ପ୍ରତିଯୋଗିତା କ୍ଷମତାକୁ ଅଧିକ ବେଗବାନ କରିବା ତଥା ନୂତନ ଦୃଷ୍ଟିଭଙ୍ଗୀ, ବୈଷୟିକ ଜ୍ଞାନ ଓ ସୃଜନଶୀଳତାର ପ୍ରୟୋଗ ଆଦି ବହୁମୁଖୀ ଭୂମିକା ଷ୍ଟାର୍ଟଅପ ବ୍ୟବସାୟ ପରିସୀମାରେ ଆସୁଛି । ୨୦୨୩ ମସିହା ସେପ୍ଟେମ୍ବର ମାସରେ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁଇଗୋଟି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି । ପ୍ରଥମଟି ହେଲା – 'ଓଡ଼ିଶା ଷ୍ଟାର୍ଟଅପ ଯାତ୍ରା -୨୦୨୩' ଓ ଦ୍ୱିତୀୟଟି 'ଷ୍ଟାର୍ଟଅପ ଏକ୍ସପ୍ରେସ -୨୦୨୩' । ଏହି ବ୍ୟାପକ ଅଭିଯାନର ଅଂଶ ହିସାବରେ 'ଓଡ଼ିଶା ଷ୍ଟାର୍ଟଅପ୍' ରାଜ୍ୟବ୍ୟାପୀ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ଭ୍ୟାନ କ୍ୟାମ୍ପ ସମ୍ପାଦନ କରିଛି । ୩୫୦୦ ରୁ ଉର୍ଦ୍ଧ୍ୱ ଅନନ୍ୟ ଷ୍ଟାର୍ଟଅପ ଚିନ୍ତାଧାରା ସୃଷ୍ଟି କରିବା ଉଦ୍ଦେଶ୍ୟରେ ୧୨୦ ରୁ ଉର୍ଦ୍ଧ୍ୱ ଶିବିର ଆୟୋଜନ କରିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଛାତ୍ରଛାତ୍ରୀଙ୍କ ମଧ୍ୟରେ ତୃଣମୂଳସ୍ତରରୁ ଔଦ୍ୟୋଗିକ ଉତ୍ସାହ ଓ ପ୍ରେରଣା ତଥା ନୂତନତ୍ୱ ଉଦ୍ଭାବନ ଚିନ୍ତାଧାରା ଜାଗ୍ରତ କରିବା ଏହି ଅଭିଯାନର ପ୍ରଥମ ଲକ୍ଷ୍ୟ । ଓଡ଼ିଶାର ୩୦ ଗୋଟି ଜିଲ୍ଲାରେ ୨୦୦ ରୁ ଅଧିକ ମହାବିଦ୍ୟାଳୟ ଓ ୬୦ରୁ ଅଧିକ ବିଦ୍ୟାଳୟକୁ ଏଥିରେ ସାମିଲ କରାଯାଇଛି । ୨୫୦୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପକୃତ ହେବାର ଲକ୍ଷ୍ୟ ରଖାଯାଇଛି । ଓଡ଼ିଶା ସରକାରଙ୍କର ଏହି ଅଭିନବ ପଦକ୍ଷେପ ଛାତ୍ରଛାତ୍ରୀମାନଙ୍କର ଅନ୍ତର୍ଦୃଷ୍ଟି, ବ୍ୟବସାୟିକ ଧାରଣା ତଥା ନୂତନତ୍ୱର ସଫଳ ପ୍ରୟୋଗ କରିବା ଦିଗରେ ସହାୟକ ହୋଇପାରିବ । ଷ୍ଟାର୍ଟଅପ୍‌ର ବିକାଶ ପାଇଁ ଉତ୍କୃଷ୍ଟ ପରିବେଶ ସୃଷ୍ଟି କରିବା ସହ ସୁଚିନ୍ତିତ ଷ୍ଟାର୍ଟଅପ ନୀତି ଏକାନ୍ତ ଜରୁରୀ ।

# ଜାତୀୟ ଶିଶୁ ଶ୍ରମିକ ନୀତିରେ ଓଡ଼ିଶାର ଉଲ୍ଲେଖନୀୟ ପଦକ୍ଷେପ



ଅଲେଖ ଚନ୍ଦ୍ର ସାମଲ

ସମଗ୍ର ଭାରତ ବର୍ଷରେ ଓଡ଼ିଶା ଆଜି ଏକ ବିକଶିତ ଓ ଅଭିବୃଦ୍ଧି ସମ୍ପନ୍ନ ରାଜ୍ୟ ଭାବେ ଅନେକ କ୍ଷେତ୍ରରେ ନିଜ ସ୍ୱତନ୍ତ୍ରତା ରଖିପାରିଛି । ଓଡ଼ିଶା ସରକାର ଅନେକ ଜନକଲ୍ୟାଣ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ଯାହାକି ସିଧାସଳଖ ଲୋକମାନଙ୍କ ହିତ ପାଇଁ କେବଳ ପ୍ରସ୍ତୁତ ହୋଇନାହିଁ ଏହା ସଠିକ ସମୟରେ ଲୋକମାନଙ୍କ ପାଖରେ ମଧ୍ୟ ପହଞ୍ଚି ପାରିଛି । ବିଶେଷକରି ଓଡ଼ିଶାର ଶ୍ରମ ଶକ୍ତିର ବିକାଶ ପାଇଁ ସରକାର ଅନେକ ଯୋଜନା ନିର୍ଦ୍ଦିଷ୍ଟ ଅବଧି ମଧ୍ୟରେ କାର୍ଯ୍ୟକାରୀ କରିବାରେ ସଫଳ ହୋଇଛନ୍ତି । ଅଧିକ ସଂଖ୍ୟକ ବିଦ୍ୟାଳୟ ଖୋଲା ଯିବା ସହ ଶିକ୍ଷକ ନିଯୁକ୍ତି ଯଥାର୍ଥ ସମୟରେ କରାଯିବାକୁ ଗୁରୁତ୍ୱ ଦିଆଯିବା ସହ ଡ୍ରପଆଉଟ ପିଲାମାନଙ୍କ ପାଇଁ ମଧ୍ୟ କାର୍ଯ୍ୟ ଖସଡ଼ା ତିଆରି କରାଯାଇଛି । ସେହିପରି ଓଡ଼ିଶାର ବିଶେଷକରି କିଛି ଜିଲ୍ଲାକୁ ଫୋକସରେ ରଖି ବାଲ୍ୟ ବିବାହ ମୁକ୍ତ ଗାଁ ଭାବେ ଘୋଷଣା କରାଯାଇଛି ।

ନିକଟରେ ଉପସ୍ଥାପିତ ଏକ ରିପୋର୍ଟ ଓଡ଼ିଶା ସରକାରଙ୍କ ସଫଳତା ସମ୍ବନ୍ଧରେ ଉଲ୍ଲେଖ କରିଛି । ଜାତୀୟ ଶିଶୁ ଶ୍ରମିକ ନୀତି ନ୍ୟାସନାଲ ପଲିସି ଅନ ଚାଇଲ୍ଡ ଲେବରକୁ ପ୍ରଭାବଶାଳୀ ଢ଼ଙ୍ଗରେ କ୍ରିୟାନ୍ୱୟନ କରିବାରେ ଓଡ଼ିଶାର ପଦକ୍ଷେପକୁ ଶ୍ରମ, ହସ୍ତତନ୍ତ ଓ ଦକ୍ଷତା ବିକାଶ ସଂପର୍କିତ ସଂସଦୀୟ ଷ୍ଟାଣ୍ଡିଂ କମକିଟିର ୫୨ତମ ରିପୋର୍ଟରେ ପ୍ରଶଂସା କରାଯାଇଛି । ବିଜେଡ଼ି ସାଂସଦ ଭର୍ତ୍ତୃହରି ମହତାବଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିର ନ୍ୟାସନାଲ ପଲିସ ଅନ ଚାଇଲ୍ଡ ଲେବର ଆନ ଆସେସମେଣ୍ଟ ଶୀର୍ଷକ ୫୯୨ ପୃଷ୍ଠାର ରିପୋର୍ଟକୁ ସଂସଦରେ ଉପସ୍ଥାପନ କରାଯାଇଛି । ରିପୋର୍ଟରେ କୁହାଯାଇଛି ଓଡ଼ିଶା ସରକାରଙ୍କ ଦ୍ୱାରା ରାଜ୍ୟ ଆକସନ ପ୍ଲାନ ଯୋଜନା ଅନ୍ତର୍ଗତ ଶିଶୁ ଶ୍ରମକୁ ଉଚ୍ଛେଦ କରିବା ଉଦ୍ଦେଶ୍ୟରେ ଜାତୀୟ ଶିଶୁ ଶ୍ରମିକ ନୀତିକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରଶଂସନୀୟ ପଦକ୍ଷେପ ନିଆଯାଇଛି । ଯେଉଁଥିରେ ଶିଶୁ ଓ କିଶୋର ଶ୍ରମ ନିୟମ ୨୦୧୮ର ନୋଟିଫିକେସନକୁ ଜାରି, କୋଭିଡ଼ ସମୟରେ ଶିଶୁ ଶ୍ରମକୁ ଏଡ଼ାଇବା ପାଇଁ ପଦକ୍ଷେପ ନେବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶନାମା ଜାରି କରିବା ଭଳି ପଦକ୍ଷେପ ସାମିଲ ରହିଛି । ଓଡ଼ିଶାରେ ସ୍ୱୟଂ ସହାୟକ ଗୋଷ୍ଠୀ ଆନ୍ଦୋଳନ ବହୁତ ମଜଭୁତ ଥିବାରୁ ରାଜ୍ୟ ସରକାର ଏସଏଚଜି ଓ ସିଭିଲ ସୋସାଇଟି ସଂସ୍ଥାକୁ ମିସନ ମୋଡ଼ ଅନ୍ତର୍ଗତ ପ୍ରତ୍ୟେକ ଗ୍ରାମ ପଞ୍ଚାୟତସ୍ତରରୁ ଶିଶୁ ଶ୍ରମିକଙ୍କୁ ଚିହ୍ନଟ କରିବା ସମ୍ଭାବନାକୁ ତଲାସ କରିବା ପାଇଁ କମିଟି ମତବ୍ୟକ୍ତ କରିଛି ।

ରିପୋର୍ଟରେ କୁହାଯାଇଛି ରାଜ୍ୟ ସରକାରଙ୍କ ପକ୍ଷାରୁ ଅନନ୍ୟ ପଦକ୍ଷେପ ଅନ୍ତର୍ଗତ ଶୁଶି ଶ୍ରମ ମାଇଗ୍ରେସନ ପ୍ରସଙ୍ଗରେ ଋତୁଭିତ୍ତିକ ହଷ୍ଟେଲ ଖୋଲାଯାଇଛି । ଏସବୁ ହଷ୍ଟେଲ ଗୁଡ଼ିକ ସେହି ଶିଶୁ ମାନଙ୍କ ପାଇଁ ଯେଉଁମାନଙ୍କ ମାତାପିତା ତଥା ପରିବାରର ଅନ୍ୟ ସଦସ୍ୟ ଉତ୍ତମ ଜୀବନଜୀବିକା ନିମନ୍ତେ ଅନ୍ୟ ସ୍ଥାନକୁ ଯାଇଥାନ୍ତି । କମିଟି ପକ୍ଷରୁ ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗର ଏହି ପଦକ୍ଷେପକୁ ପ୍ରଶଂସ କରାଯିବା ସହିତ କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ସ୍କୁଲ ଶିକ୍ଷା ଓ ସାକ୍ଷରତା ବିଭାଗକୁ ଅନ୍ୟ ରାଜ୍ୟରେ ଯେଉଁଠି ଅଧିକ ସଂଖ୍ୟ ମାଇଗ୍ରେସନ ହୋଇଥାଏ ସେଠାରେ ଏଭଳି ଋତୁଭିତ୍ତିକ ହଷ୍ଟେଲ ସ୍ଥାପନ କରିବା ସମ୍ଭାବନା ଖୋଜିବାକୁ ସୁପାରିସ କରାଯାଇଛି । ସଂସଦୀୟ ସ୍ଥାୟୀ କମିଟିର ରିପୋର୍ଟରେ ଉଦ୍ଧାର ହୋଇଥିବା ଶିଶୁ ମାନଙ୍କର ସ୍କୁଲରେ ଉପସ୍ଥିତିକୁ ବଜାୟ ରଖିବା ପାଇଁ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ଗ୍ରାମସ୍ତରରୁ ବ୍ୟକ୍ତିଗତଭାବେ ସ୍କୁଲ ଶିକ୍ଷକମାନଙ୍କୁ ସ୍ୱତନ୍ତ୍ର ଅଭିଯାନ ଅନ୍ତର୍ଗତ ଡ୍ରପଆଉଟ ପିଲାମାନଙ୍କ ଘରକୁ ପଠାଯାଇଥାଏ ବୋଲି ଉଲ୍ଲେଖ କରାଯାଇଛି । ସେମାନେ ପିତାମାତାଙ୍କୁ ତଥା ପରିବାରର ସଦସ୍ୟଙ୍କୁ ସଚେତନ କରାଇବା ପରେ ଶିଶୁମାନେ ସ୍କୁଲକୁ ଫେରିଥାନ୍ତି ବୋଲି ରିପୋର୍ଟରେ କୁହାଯାଇଛି । ରାଜ୍ୟ ସରକାରଙ୍କ ଏହି ନୂଆ ପଦକ୍ଷେପକୁ ଅନ୍ୟ ରାଜ୍ୟରେ ଅନୁକରଣ କରାଯାଇପାରିବ ବୋଲି କମିଟି କହିଛି । ଏଥି ସହିତ ଓଡ଼ିଶାରେ କିଛି ଗାଁ, ଜିଲ୍ଲା ଗୁଡ଼ିକୁ ବାଲ୍ୟ ବିବାହ ମୁକ୍ତ ଗାଁ ବୋଲି ଘୋଷଣା କରାଯାଇଛି । ରାଜ୍ୟ ସରକାର ଘୋଷିତ ଗାଁ ଗୁଡ଼ିକୁ ପୁରସ୍କାର ପ୍ରଦାନ କରିଥାନ୍ତି ଯାହା ଗ୍ରାମ ପାଇଁ ଗର୍ବର ବିଷୟ ହୋଇଥାଏ । ଅନୁରୂପ ଭାବେ ଜିଲ୍ଲା ପ୍ରଶାସନ ଶିଶୁ ଶ୍ରମ ମୁକ୍ତ ଗାଁ ବ୍ଲକ ବୋଲି ଘୋଷଣା କରିବା ସହିତ ଆର୍ଥିକ ରୂପେ ପୁରସ୍କୃତ କରିବା ପାଇଁ କମିଟି ପକ୍ଷରୁ କୁହାଯାଇଛି । ଯାହା ଫଳରେ ସରପଞ୍ଚ, ୱାର୍ଡ଼ ମେମ୍ବର ମାନଙ୍କୁ ପିଲାମାନଙ୍କର ସ୍କୁଲ ଯିବା ଉପରେ ନଜର ରଖିବାକୁ ପ୍ରୋତ୍ସାହିତ କରିବା ରାଜ୍ୟ ସରକାରଙ୍କ ପକ୍ଷରୁ ନିୟମିତ ବ୍ୟବଧାନରେ ବିଭିନ୍ନ ଆସୋସିଏସନ ଓ ଅନ୍ୟ ଅଂଶଦାର ମାନଙ୍କ ସହିତ ଶିଶୁ ଶ୍ରମ ଉଚ୍ଛେଦ ତଥା ଶିଶୁଙ୍କ ମାନବ ଅଧିକାର ପ୍ରତି ସଚେତନତା ସୃଷ୍ଟି କରିବା ପାଇଁ ବିଶେଷ ଅଭିଯାନ କରାଯାଉଛି । ଜିଲ୍ଲା ପ୍ରଶାସନ ସହ ଉଚିତ ସମନ୍ୱୟ ରଖି ରାଜ୍ୟ ସରକାରଙ୍କ ଦ୍ୱାରା କ୍ରିୟାନ୍ୱୟନ କରାଯାଉଥିବା ସଚେତନତା ପଦକ୍ଷେପକୁ କମିଟି ପକ୍ଷରୁ ପ୍ରଶଂସା କରାଯାଇଛି । କମିଟି ପକ୍ଷରୁ ଗାଁ, ବ୍ଲକସ୍ତରରେ ସଚେତନତା କାର୍ଯ୍ୟକ୍ରମର ତଦାରଖ ପାଇଁ କଠୋର ତଦାରଖ ତନ୍ତ୍ରର ଆବଶ୍ୟକତା ଉପରେ କୁହାଯାଇଛି । ଓଡ଼ିଶା ସରକାରଙ୍କ ଏହି ସମବେତ ଓ ସାମଗ୍ରିକ ଯୋଜନା ନିଶ୍ଚିନ୍ତ ଭାବେ ଓଡ଼ିଶାର ବିକାଶର ବେଗକୁ ଆହୁରି ତ୍ୱରାନ୍ୱିତ କରିବା ସହ ରାଜ୍ୟର ବିକାଶରେ ସରକାରଙ୍କ ଏହି ଯୋଜନା ମଧ୍ୟ ଲୋକାଭିମୁଖୀ ।


+ପୂର୍ବତନ ଡିଏଫ୍‌ଓ, ପଲାଇ,
ବାଲିଚନ୍ଦ୍ରପୁର, ଯାଜପୁର,
ମୋ : ୯୪୩୭୨୫୭୧୨୩


# ମାଟିର ମହକ ସଂସ୍କୃତି ସାଧକ ସାଧୁ ମେହେର



ଅନୁପମା ଭୂୟାଁ

ମଞ୍ଚ ଓ ଚଳଚ୍ଚିତ୍ର ଜଗତର ଖ୍ୟାତନାମା ବ୍ୟକ୍ତିତ୍ୱ ଏକାଧାରାରେ ପ୍ରଯୋଜକ, ଅଭିନେତା ଆଉ ନିର୍ଦ୍ଦେଶକ ପଦ୍ମଶ୍ରୀ ଡକ୍ଟର ସାଧୁ ମେହେରଙ୍କର ୮୪ ବର୍ଷ ବୟସରେ ପରଲୋକ ଘଟିଛି । ଓଡ଼ିଆ, ସମ୍ବଲପୁରୀ, ହିନ୍ଦୀ ଓ ବଙ୍ଗଳାରେ ଚାଳିଶରୁ ଉର୍ଦ୍ଧ୍ୱ ସିନେମାରେ ତାଙ୍କ ସ୍ୱାକ୍ଷର ରହିଛି । ବୌଦ୍ଧ ଜିଲ୍ଲାର କଣ୍ଢମାଳ ବ୍ଲକର ଗୁଡୁଭେଲି ପଦର ଗାଁରେ ଜାନୁଆରୀ ୧ ତାରିଖ ୧୯୪୦ ମସିହାରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ବାପା ରାଧାମୋହନ ଓ ମାତା ଦୀପ୍ତି ଦେବୀଙ୍କର ସେ ଥିଲେ ଏକମାତ୍ର ସନ୍ତାନ । ଗୌନ୍ତିଆ ପରିବାରର ପିଲାଟି ଭାବେ ତାଙ୍କ ବାପା ବୃତ୍ତିରେ ଜଣେ ଭଲ ବୁଣାକାର ଥିଲେ । ସାଧୁ ମେହେର ପିଲାବେଳୁ ହିଁ ଜଣେ ଅଧ୍ୟବସାୟ ଓ ମେଧାବୀ ଛାତ୍ର ଥିଲେ । ତାଙ୍କ ପ୍ରାଥମିକ ପାଠପଢ଼ା ଗୁଡିଭେଲି ପଦର ଗାଁରେ ହୋଇଥିବାବେଳେ ପରେ ମାମୁଁ ଘର ଗାଁ ବର୍ତ୍ତମାନର ସୁବର୍ଣ୍ଣପୁର ଜିଲ୍ଲାରେ ସେ ମାଧ୍ୟମିକ ଶିକ୍ଷା ପାଠ ପଢ଼ିଥିଲେ ପରେ ପୃଥ୍ୱୀରାଜ ହାଇସ୍କୁଲରୁ ମାଟ୍ରିକ, ବଲାଙ୍ଗୀରର ରାଜେନ୍ଦ୍ର କଲେଜରୁ +୨ ଓ ସ୍ନାତକ ଶିକ୍ଷା ଶେଷ କରିଥିଲେ ସମ୍ବଲପୁରର ଗଙ୍ଗାଧର ମେହେର କଲେଜରୁ ।

ପିଲାଟିବେଳୁ ତାଙ୍କ ଅଭିନୟର ଦୁର୍ବଳତା ଜଣାପଡ଼ିଥିଲା । ତରଭା ସ୍କୁଲରେ ପାଠ ପଢ଼ିବା ବେଳେ ବାର୍ଷିକ ସାଂସ୍କୃତିକ କାର୍ଯ୍ୟକ୍ରମରେ ସେ ପ୍ରଥମେ 'କୃଷ୍ଣଲୀଳା' ନାଟକରେ ଯେଉଁ ହୃଦୟସ୍ପର୍ଶୀ ଅଭିନୟ କରିଥିଲେ ଏହାପାଇଁ ପ୍ରଚୁର ତାଳିମାଡ଼ ତାଙ୍କୁ ପ୍ରେରଣା ଯୋଗାଇଥିଲା । ପରବର୍ତ୍ତୀ ସମୟରେ ଶିକ୍ଷକମାନେ ଅତ୍ୟନ୍ତ ଶ୍ରଦ୍ଧା କରି ନର୍ତ୍ତକୀ ରୂପେ ଅଭିନୟର ସୁଯୋଗ ଦେଇଥିଲେ । କହିବାକୁଗଲେ ଏହି ଅଭିନୟ ହିଁ ଥିଲା ତାଙ୍କର ପ୍ରଥମ ଖଡ଼ି ଛୁଆଁର ଜୀବନ । ଯଦିଓ ପରେ ରାଜେନ୍ଦ୍ର କଲେଜରେ ଛାତ୍ର ଥିବାବେଳେ ଏକ ମହିଳା ଚରିତ୍ରରେ ତାଙ୍କ ଅଭିନୟ ଦର୍ଶକଙ୍କୁ ଏପରି ମୁଗ୍ଧ କରିଥିଲା ଯେ ସେ ପୁରସ୍କୃତ ମଧ୍ୟ ହୋଇଥିଲେ । ତାଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ସମ୍ମାନିତ କରାଯାଇଥିଲା । ନାଟ୍ୟ ସଂସଦର ସମ୍ପାଦକ ରୂପେ ନିର୍ବାଚିତ ହେବାପରେ ଅନେକ ନାଟକରେ ସେ ଅଭିନୟ କରିଥିଲେ । ତତ୍କାଳୀନ ସମୟରେ ଦର୍ଶକଙ୍କ ଦ୍ୱାରା ଢ଼େର ଗ୍ରହଣୀୟ ହୋଇଥିବା ନାଟକ 'ଜନନୀ'ରେ ତାଙ୍କ ଅଭିନୟ କ୍ୟାରିୟରର ଟର୍ଣ୍ଣିଂ ପଏଣ୍ଟ ହୋଇଥିଲା । ଏହାପରେ ଭଲ ଅଭିନୟ ଶିକ୍ଷା ସହ ଏହାକୁ ପେଷା କରିବା ପାଇଁ କୋଲକାତାର ରବୀନ୍ଦ୍ର ଭାରତୀ ବିଶ୍ୱବିଦ୍ୟାଳୟରେ ପହଞ୍ଚିଥିଲେ ଯେଉଁଠାରେ ତାଙ୍କ ବିଧିବଦ୍ଧ ନାଟକ ଶିକ୍ଷା ଜୀବନ ଆରମ୍ଭ ହୋଇଥିଲା । ପାଠ ପଢ଼ିବା ସମୟରେ ଅନେକ ବଙ୍ଗଳା ନାଟକରେ ସେ ଯେଉଁ ଅଭିନୟ କରିଥିଲେ ଏହା ତାଙ୍କୁ ସିନେମାରେ ଅଭିନୟ କରିବା ପାଇଁ ପ୍ରେରଣା ଯୋଗାଇଥିଲା । ଯଦିଓ ପରେ ପୁନାର ନାମଜାଦା ଫିଲ୍ମ ଆଣ୍ଡ ଟେଲିଭିଜନ ଇନଷ୍ଟିଚ୍ୟୁଟ ଅଫ ଇଣ୍ଡିଆରେ ନାମ ଲେଖାଇଥିଲେ । ଏହାପରେ ସେ ପହଞ୍ଚିଥିଲେ ଅଭିନୟର ମାୟା ନଗରୀ..... ମୁମ୍ବାଇ ।

ଏହି ମୁମ୍ବାଇରେ ହିଁ ସେ ବିନା ଗଡ଼ଫାଦରରେ କ୍ୟାରିଅର ତିଆରି କରିବା ପାଇଁ ଏକଲା ଚଲୋ ନୀତିରେ ଆଗେଇ ଥିଲେ । ୧୯୬୯ରେ ହିନ୍ଦୀ ଚଳଚ୍ଚିତ୍ର 'ଭୁବନ ସୋମ'ରେ ତାଙ୍କ ସିନେ ଅଭିନୟ ଜୀବନ ଆରମ୍ଭ ହୋଇଥିଲା । ଜଣେ ମୂକ ପକ୍ଷୀ ଧରାଳୀ ଭାବେ ତାଙ୍କ ଜୀବନ୍ତ ଅଭିନୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା । ତେବେ ଏହାପରେ ପାଖାପାଖି ଛଅ ବର୍ଷ ଭିତରେ ସେ ଆଉ କୌଣସି ସୁଯୋଗ ପାଇନଥିଲେ ଯାହାଫଳରେ ପୁଣି ମଞ୍ଚକୁ ଫେରିଥିଲେ । ତତ୍କାଳୀନ ସମୟରେ ଥିଏଟରର ପ୍ରସିଦ୍ଧ ବ୍ୟକ୍ତିତ୍ୱ ପଣ୍ଡିତ ସତ୍ୟଦେବ ଦୁବେଙ୍କର ମୁମ୍ବାଇରେ ଥିବା ହିନ୍ଦୀ ଥିଏଟରରେ ମଞ୍ଚ ନାଟକର ସୁଯୋଗ ପାଇଥିଲେ ଆଉ ତୁରନ୍ତ ସେ ନିଜକୁ ମରାଠୀ ଓ ହିନ୍ଦୀ ମଞ୍ଚ ନାଟକରେ ଜଡ଼ିତ କରିଥିଲେ । ସେ ହିନ୍ଦୀ ଥିଏଟରରେ ସକ୍ରିୟ ଥିଲାବେଳେ ତାଙ୍କ ସହ ସହକଳାକାର ଭାବେ ଯେଉଁ ଉଚ୍ଚକୋଟୀର ଅଭିନେତା ଅଭିନେତ୍ରୀମାନେ ଥିଲେ ସେମାନେ ହେଉଛନ୍ତି ନାସିରୁଦ୍ଦିନ ଶାହା, ଅମ୍ରେଶପୁରୀ, ଅମୂଲପାଲେକର, ଚିତ୍ରା ପାଲେକର, ଆରି.ବି.ଦେଶପାଣ୍ଡେ, ସୁଲଭ ଦେଶପାଣ୍ଡେ, ସ୍ମିତା ପାଟିଲ ଓ ସବନା ଆଜମୀ । ତେବେ ଦୁବେଙ୍କର ପରିଚିତ ବନ୍ଧୁ ତଥା ଖ୍ୟାତିସମ୍ପନ୍ନ ସିନେ ନିର୍ଦ୍ଦେଶକ ଶ୍ୟାମ ବେନେଗାଲ ଥରେ ତାଙ୍କ ଅଭିନୟ ଦେଖି ଏକ ପ୍ରକାର ତନ୍ମୟ ହୋଇପଡ଼ିଥିଲେ । ସେଇଠି ସେ ନିଷ୍ପତ୍ତି ନେଇଥିଲେ ଆଉ ଏହା ଥିଲା ତାଙ୍କ ହିନ୍ଦୀ ଚଳଚ୍ଚିତ୍ର 'ଅଙ୍କୁର' । ସାଧୁମେହେରଙ୍କ କ୍ୟାରିଅର ଜୀବନର ମୋଡ଼କୁ ବଦଳାଇ ଦେଇଥିଲା ଏହି ସିନେମା କାରଣ ଏହି ସିନେମାରେ ଅଭିନୟ ପାଇଁ ସେ ୧୯୭୪ରେ ଜାତୀୟ ପୁରସ୍କାର ପାଇଥିଲେ । ଅନେକ ହୁଏତ ଜାଣିନଥିବେ ଏଯାବତ ଶ୍ରୀ ମେହେର ହେଉଛନ୍ତି ଏକ ବିରଳ ଗୌରବର ଅଧିକାରୀ ଯିଏ ଏକମାତ୍ର ଓଡ଼ିଆ ଅଭିନେତା ଏକାଦିକ୍ରମେ ହିନ୍ଦୀ, ଓଡ଼ିଆ ଓ ବଙ୍ଗଳା ସିନେମାରେ ଅଭିନୟ ସହ ଅଙ୍କୁର ସିନେମା ପାଇଁ ଶ୍ରେଷ୍ଠ ଅଭିନେତା ଭାବେ ରଜତ କମଳ ପୁରସ୍କାର ପାଇଛନ୍ତି । ଏହାପରେ ତାଙ୍କ ପାଖକୁ ସିନେମାର ଧାଡ଼ି ଛୁଟିଥିଲା ନିର୍ଦ୍ଦେଶକମାନଙ୍କ ଠାରୁ । ସେ ସବୁ ସିନେମାରେ ପୋଖତ ଓ ଜୀବନ୍ତ ଅଭିନୟ କରିପାରନ୍ତି । ତାହା କଳାତ୍ମକ ସିନେମା 'ମୃଗୟା' ହେଉ ବା ବ୍ୟବସାୟିକ ସିନେମା 'ହମ୍ ଆପକେ ଦିଲ ମେଁ ରହେତେ ହେଁ' ଉଭୟ ହିନ୍ଦୀ ଓ ବଙ୍ଗଳା ସିନେମାରେ ପାଖାପାଖି ଚାଳିଶରୁ ଉର୍ଦ୍ଧ୍ୱ ସିନେମା ହେଉଛି ତାଙ୍କ ଜୀବନର ବଡ଼ ଉପଲବ୍ଧି ।

୨୦୧୭ରେ ଭାରତ ସରକାରଙ୍କ ଠାରୁ ପଦ୍ମ ପୁରସ୍କାରରେ ସମ୍ମାନିତ ହୋଇଥିଲେ । ୧୯୮୨, ୧୯୯୧, ୧୯୯୨ ଓ ୧୯୯୬ରେ ସେ ଇଣ୍ଡିଆନ ପାନରୋମାର ଜୁରି ମେମ୍ବର ଭାବେ ଓ ୧୯୮୮ରେ ଜାତୀୟ ଚଳଚ୍ଚିତ୍ରର ଜୁରି ମେମ୍ବର ଭାବେ କାର୍ଯ୍ୟ କରିଛନ୍ତି । ସେହିପରି ୧୯୭୫ରେ ଆନ୍ତର୍ଜାତୀୟ ବର୍ଲିନ ଚଳଚ୍ଚିତ୍ର ଉତ୍ସବରେ ଭାରତର ପ୍ରତିନିଧିତ୍ୱ କରିଥିଲେ ଓ ୧୯୯୪ରେ ଜୁରି ମେମ୍ବର ଭାବେ ପ୍ରାଣ ପୁରସ୍କାର କମିଟିର ଦାୟିତ୍ୱ ନିର୍ବାହ କରିଥିଲେ । ତାଙ୍କର ଅଭିନୟ ଦକ୍ଷତାର ଜୀବନ୍ତ ସ୍ୱାକ୍ଷର ସିନେମା ଗୁଡ଼ିକ ଭିତରେ ରହିଛି 'ଜୟ ଜଗନ୍ନାଥ', 'ନା ଜାନେ କୋଇ', 'ଦେବଶିଶୁ', 'କସ୍ତୁରୀ', 'ସଫେଦ ହାଦୀ', 'ନିଶାନ୍ତ', 'ମନ୍ଥନ', 'ଇନକାର', 'ଘରୋନ୍ଦା' ଓ 'ସତେଇଶ ଡାଉନ' । ସେ ଅଭିନୟ କରିଥିବା ଓଡ଼ିଆ ଚଳଚ୍ଚିତ୍ର ଭିତରେ 'ଅଭିମାନ', 'ଶେଷ ଦୃଷ୍ଟି' ଓ 'ଶୀତରାତି' । ଏହି ଅଭିମାନ ସିନେମାରେ ସେ ସଙ୍ଗାତରେ ରାଧାକୃଷ୍ଣ ଭଞ୍ଜ ଓ ଅଭିନେତା । ଅଭିନେତ୍ରୀ ଭାବେ ଉତ୍ତମ ମହାନ୍ତି, ଅଜିତ ଦାସ ଓ ଅପରାଜିତାଙ୍କୁ ସୁଯୋଗ ଦେଇଥିଲେ । ତାଙ୍କ ନିର୍ଦ୍ଦେଶିତ ଓଡ଼ିଆ ସିନେମା ହେଉଛି 'ଅପରିଚିତା', 'ଅଭିଳାସ', 'ଅଭିମାନ' ଓ 'ଗୋପରେ ବଢ଼ୁଛି କଳା କହ୍ନେଇ' ସେହିପରି ତାଙ୍କ ନିର୍ଦ୍ଦେଶିତ ପ୍ରଥମ ଓଡ଼ିଆ ଶିଶୁ ଚଳଚ୍ଚିତ୍ର ହେଉଛି 'ବାବୁଲା' । ତାଙ୍କର ନିର୍ଦ୍ଦେଶନା ଜୀବନରେ ସେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ନିର୍ଦ୍ଦେଶକ ମୃଣାଳ ସେନ, ଶ୍ୟାମ ବେନଗଲା, ବୁଦ୍ଧଦେବ ଦାସଗୁପ୍ତା, ଭୀମସେନ, ବିମଳ ଦତ୍ତ, ଉତ୍ପଳେନ୍ଦୁ ଚକ୍ରବର୍ତ୍ତୀ ଓ ତପନ ସିହ୍ନାଙ୍କ ପରି ସହିତ କାମ କରିବାର ସୁଯୋଗ ପାଇଛନ୍ତି । ପ୍ରସିଦ୍ଧ ଓଡ଼ିଆ କଥାକାର ବ୍ୟକ୍ତିତ୍ୱ ସୁରେନ୍ଦ୍ର ମହାନ୍ତିଙ୍କ ଲୋକପ୍ରିୟ 'ନୀଳଶୈଳ'କୁ ନେଇ ୧୯୮୦ ସମୟରେ ଏକ ସିନେମା ତିଆରି କରିବା ପାଇଁ ଉଦ୍ୟମ କରିଥିଲେ । କେବଳ ସେତିକି ନୁହେଁ ଏଥିରେ ଜଗୁନି ଚରିତ୍ରରେ ମଧ୍ୟ ସିଏ ଅଭିନୟ ଆରମ୍ଭ କରିଥିଲେ । ତେବେ ଆକାଶଛୁଆଁ ବଜେଟ ଥିବା ଏହି ସିନେମା ଅଳ୍ପ କିଛି ଦିନ ପରେ ଏହାର ସୁଟିଂ ବନ୍ଦ କରିବାକୁ ବାଧ ହୋଇଥିଲା । ଏହାଥିଲା ସମ୍ଭବତଃ ସାଧୁ ମେହେରଙ୍କ ଅଧୁରା ଶେଷ ସିନେମା । ମାଟିର ମହକ ଏହି ମହାନ ସଂସ୍କୃତି ସାଧକଙ୍କ ଅମର ଆତ୍ମାର ସଦଗତି କାମନା କରି ପ୍ରାର୍ଥନା କରୁଛି ।




+'ସାଇବିଥି' ୭ଡି/୧୩୫୪,
ସେକ୍ଟର-୯, ସିଡିଏ, କଟକ





## ଶୀତ ଦିନର ସ୍ମୃତି

### ଅକ୍ଷୟ କୁମାର ରାଉତ



ସମୟ ସହିତ ଅନେକ କିଛି ବଦଳି ଯାଇଛି
ଆମ ଖାଦ୍ୟପେୟ, ପୋଷାକ ପରିଚ୍ଛେଦ,
ଚାଲି ଚଳଣ, ଏମିତି କି ଆଚାର ବ୍ୟବହାର
ହେଲେ ଶୀତ ସେଇଠି ଅଛି
ଠିକ୍ ପଚାଶ ବର୍ଷ ତଳେ ଯେଉଁଠି ଥିଲା ।

କାର୍ତ୍ତିକ ପୂର୍ଣ୍ଣିମାରେ ଡଙ୍ଗା ଭସାଇବା ପାଇଁ ଯେତିକି ଆଗ୍ରହ
ତାଠୁ ଅଧିକ କୁଣ୍ଠାବୋଧ ସକାଳୁ ସକାଳୁ
ପୋଖରୀ, ଗଡ଼ିଆ, ନଦୀର ଥଣ୍ଡା ଜଳରେ ବୁଡ଼ ପକାଇବାକୁ
ହେଲେ ଏବେ ଗ୍ରାମରୁ ପୋଖରୀ ଗାଡ଼ିଆ ସବୁ ଉଭାନ
ହାତ ଗଣତି କେତେଟାକୁ ଛାଡ଼ିଲେ ନଦୀ ପ୍ରାୟତଃ ଶୁଖି ଗଲାଣି
ସହରୀ ଲୋକଙ୍କୁ ଏବେ ୱାଟର ପାର୍କ କିମ୍ବା ସୁଇମିଂ ପୁଲରେ
ଡଙ୍ଗା ଭସାଇବାର ସୌଭାଗ୍ୟ ପ୍ରାପ୍ତି ହେଉଛି ।

ବୋଉ ଶୀତ ଦିନେ ଧାନ ଉଁଷେଇବା ବେଳେ
ଆମେ ନିଆଁ ଚୁଲି ପାଖରେ ବସି ସେକି ହେଉଥିଲୁ
ଧାନ ହାଣ୍ଡିରେ ବୋଉ ସାରୁ ମୁଣ୍ଡା,ଭେଲୁ ବାଇଗଣ
(ବଡ଼ ଗୋଲ ବାଇଗଣ)
ସିଝେଇବାକୁ ରଖି ଆଳୁ କୁ ଚୁଲି ନିଁଆରେ ପୋଡୁ ଥିଲା
ହେଲେ ଆଜି କିଏ ଆଉ ଗାଁ ରେ ଧାନ ଉଁଷେଇ କୁଟି ଖାଉଛି
ସମସ୍ତେ କିଣି ଖାଇବାକୁ ପସନ୍ଦ କରୁଛନ୍ତି
ଆଉ କିଛି ଲୋକେ ସରକାର ଙ୍କ ଟଙ୍କିକିଆ ଚାଉଳରେ ଖୁସ୍ ।

ଗାଁରେ ପ୍ରାୟତଃ ସମସ୍ତ ଙ୍କ ଘରେ ବଡ଼ି ତିଆରି ହେଉଥିଲା
ରାତି ଚାରିରୁ ଉଠି ମହିଳାମାନେ ଶିଳ ରେ
ବୁଢ଼ା ପାଣି କଖାରୁ ଓ ବୁଢ଼ା ନାଉ କୁ କୋରି ବିରି ମିଶାଇ
ଶିଳରେ ବାଟି ସକାଳେ ଖରାରେ ସୁଖାଉଥିଲେ
ଆଜିକାଲି ଆମେ ସବୁ ଗ୍ରାଇଣ୍ଡରରେ ମସଲା ପେଶୁଛୁ
ଆଉ ବଡ଼ି ଖାଇବାକୁ ମନ ହେଲେ ବଜାରରୁ
ପ୍ୟାକେଟ ବାଲା ବଡ଼ି କିଣି ଆଣୁଛୁ ।

ଶୀତ ଦିନେ କଅଁଳା ବାଛୁରୀ ଗାଁ ଦାଣ୍ଡରେ ଡିଆଁ ମାରୁଥିଲେ
ତା ପଛେ ପଛେ ଛେଳି ଛୁଆ
ଦୌଡ ଲଗାଉଥିଲା ଚାରି ଗୋଡ଼କୁ ଟେକି
ହେଲେ ଏବେ ଗାଆଁରେ ହାତ ଗଣତି କେତେଟା
ଲୋକଙ୍କୁ ଛାଡ଼ିଲେ ଗାଇ ଗୋରୁ କିଏ ରଖୁଛି !
ଏମାନଙ୍କୁ ପୋଷିବାକୁ କିଛି ଲୋକେ ଲଜ୍ୟା ବୋଧ କଲେଣି
ଆଉ କିଛି କୁଡ଼ିଆ ପାଲଟି ଗଲେଣି
ତା ଛଡ଼ା ଥୋକେ ଗାଇ ଗୋରୁ ରଖିଲେ ତାର ଆୟ ବ୍ୟୟର
ତର୍ଜମା କରି ଏଥିରେ କ୍ଷତି ହେଉଛି କହି
ଗାଇ ଗୋରୁଙ୍କୁ ବିକ୍ରି କରି ଦେଇଛନ୍ତି
ଆଉ ଛେଳି କଥା କିଏ ପଚାରେ !
ଯଦିଓ ଛେଳିର ଚାହିଦା ଗାଇ ଠାରୁ ଅଧିକ
ହେଲେ ଆମେ ଏବେ ଆଧୁନିକ ରାସ୍ତାର ପଥିକ ସାଜିଛୁ
ଏ ସବୁ କାର୍ଯ୍ୟ କରିବାକୁ ଲଜ୍ଜା ବୋଧ ହେଉଛି ।

ସତୁରୀ ବର୍ଷ ବୟସ ରେ ଗଣି ବୁଢ଼ା ସକାଳୁ ସକାଳୁ
ପୋଖରୀ ରେ ବୁଡ଼ ପକାଇ ଗ୍ରାମ ଦେବତୀ ଙ୍କୁ ମୁଣ୍ଡିଆ ମାରି
ଘରକୁ ଫେରି ଦେହରେ ସୋରିଷ ତେଲ ଲଗାଇ ହେଉଥିଲା
ତେଲ ଲଗା ସରୁ ସରୁ ଗଣି ବୁଢ଼ୀ ଅଧ କଂସାଏ ନାଲି ଚାହା
ବଢ଼ାଇ ଦେଉଥିଲା ଗଣି ବୁଢ଼ା ହାତକୁ
ସୁଡ଼... ସୁଡ...କରି ଚା ଢକ ପିଇ
ଗୋରୁଙ୍କୁ ଚାରା ଦେବାକୁ ଚାଲି ଯାଉଥିଲା ବାଡିକୁ
ବାଡି ପଟ କୁଟା ଗଦା ମୂଳେ ଗଣ୍ଡାଏ ଛଅଟା କୁକୁର ଛୁଆ
କେଁ .. କେଁ.. ହେଉଥିବାର ଦେଖି ପୁଳାଏ କୁଟା
ତାଙ୍କ ଚାରି ପାଖକୁ ଆଉଜେଇ ଦେଉଥିଲା ଗଣି ବୁଢ଼ା
ଶୀତ ରୁ ଟିକେ ନିସ୍ତାର ମିଳିବ ବୋଲି ।

ବାଡି ପଟ ହାଣ୍ଡିଶାଳ ଚୁଲିରୁ ପାଉଁଶ କାଢୁଥିଲା ବେଳେ
ଚୁଲି ପାଖରେ ସୋଇଥିବା ନବଜାତ ବିଲେଇ ଛୁଆଙ୍କୁ
ଚୁଲି ପାଖରୁ ଆଣି ଗୋଟେ ଛିଣ୍ଡା ଅଖା ଉପରେ
ଶୁଆଇ ଦେଉ ଦେଉ ଗଣି ବୁଢ଼ୀ ପାଟିକୁ ଚିଲ୍ଲେଇ କହୁଥିଲା
ଏ ଗୁଡ଼ାଙ୍କୁ ଆଉ ଜାଗା ଯୁଗୁତି ମିଳୁନି
ମୋ ହାଣ୍ଡିଶାଳକୁ ଧର୍ମଶାଳା କରିଦେଲେଣି ।

ଆଜି ସ୍ଥିତି ଏମିତି ନାହିଁ ମାଟି ଚୁଲି ସ୍ଥାନରେ ଗ୍ୟାସ୍ ଚୁଲା
ଅବା ଇଲେକ୍ଟ୍ରିକାଲ ଚୁଲା ରାଜୁତି କଲେଣି
ବୁଲା କୁକୁର ବିଲେଇ ଙ୍କ ଅବସ୍ଥା ନକହିବା ଭଲ
ଗଣି ବୁଢ଼ା ଭଳି ଲୋକେ ଗୋଟେ ଅଧେ ମିଳିବା କଷ୍ଟ
କିଏ ଥଣ୍ଡା ପାଣିରେ ଗାଧୋଇ କଂସାଏ ନାଲି ଚା ପିଉଛି ଆଜି !
ଥଣ୍ଡା ପାଣିରୁ ନିସ୍ତାର ପାଇଁ ଆମେ ଗିଜର ବ୍ୟବହାର କରୁଛୁ
ଚା ପିଇବା ପାଇଁ ନାନା ପ୍ରକାର ଦାମି
ଡିଜାଇନ୍ କପ୍ ବ୍ୟବହାର କରୁଛୁ
ବିଜ୍ଞାନ, ଆଧୁନିକତା ଆମକୁ ଅନେକ ଆଗକୁ ନେଇ ଆସିଛି
ହେଲେ ଆମ ଭିତରେ ମାନବିକତାର କେତେ ପ୍ରଗତି ହୋଇଛି !
ଗଣି ବୁଢ଼ାର ବୁଲା କୁକୁରଙ୍କ ପ୍ରତି ଆତ୍ମୀୟତା
ଗଣି ବୁଢ଼ୀର ବୁଲା ବିଲେଇଙ୍କ ପ୍ରତି ସହାନୁଭୂତି, ସମବେଦନା
କେତେ ବଞ୍ଚିଛି ଆମ ଭିତରେ !


❤ବାଳକାଟି, ଆଳି, କେନ୍ଦ୍ରାପଡା
ମୋ.୯୭୧୧୦୬୯୪୨୫

## ଜୀବନ ଏକ ଚିରନ୍ତନ ଧାରା
### ରତ୍ନାକର ରାଉତ



ବୁଲି ବୁଲି ଦେଶ ମହାଦେଶ ସସାଗର ଧରା
ମୁଁ ଦେଖିଲି ସବୁଠି ଜୀବନ
ସେହି ଗୋଟିଏ ପସରା ମଧ୍ୟେ
ଗୋଟିଏ ଭାଣ୍ଡର ।
ଦେଖିବାକୁ ଭଲି ଭଲି ନାନା ରକମର
ରୂପ ରଂଗ ଦେହ ପରିପାଟୀ ଭିନ୍ନ ଭିନ୍ନ
ଭିନ୍ନ ଭିନ୍ନ ଦେହର ଗଢ଼ଣ ଓ ଚାଲିଚଳଣ ।
ଭିନ୍ନ ଭିନ୍ନ କଥାବାର୍ତ୍ତା, ଭାବ ଭଂଗୀ
ଓ ଶବ୍ଦ ଉଚ୍ଚାରଣ,
ମାତ୍ର ଜୀବ ମଧ୍ୟେ ଜୀବନ ପରାୟେ
ସଭିଙ୍କର ପିଣ୍ଡମଧ୍ୟେ ପ୍ରାଣଟି ସମାନ ।

ଅସମାନ ହେଲେ ମଧ୍ୟ ଆକୃତିରେ
ଏବଂ ଭିନ୍ନ ହେଲେ ମଧ୍ୟ
ଦେଶ କାଳ ପାତ୍ର ଦୃଷ୍ଟେ
ନିଜ ନିଜ ଜୀବନ ଶୈଳୀ
ସଭିଏଁ ତ ଏକାପରି ସୂକ୍ଷ୍ମ ବିଚାରରେ
ଭାବ ଅନୁଭବେ ଯେଣୁ ସଭିଏଁ ସମାନ ।

ପ୍ରଣୟର ପରିଣତି କାମନାର ଖେଳ
ପୀରତିର ପୁଲକରେ ସଭିଏଁ ଉଦ୍‌ବେଳ
ପରିଣୟ ପାର୍ବଣରେ
ଆଲୋଡ଼ିତ ସଭିଙ୍କ ହୃଦୟ
ପ୍ରୀତିର କଦମ୍ବଫୁଲ କାହା ଦେହେ ସୃଜେନି
ରୋମାଞ୍ଚ ?
ପ୍ରେମର ପରଶ ପାଇ କାହା ମନେ
ଜାଗେ ନାହିଁ ଉଚ୍ଚାଟନ ?

ବାତ୍ସଲ୍ୟ ସ୍ନେହରେ
ସଭିଙ୍କର ଉଲ୍ଲାସରେ ପୂରଇ ଅନ୍ତର
ସେହିପରି ସଫଳତା ସମସ୍ତଙ୍କୁ
କରିଥାଏ ଆନନ୍ଦେ ଅଧୀର
ଧନ ଓ ସଂପତ୍ତି, କ୍ଷମତା ମାନ ସନମାନ
ସଭିଙ୍କ ମନେ ରଚଇ ଖୁସିଖୁସି ଭାବ ।
ବିରହର ଦୁଃଖ ଏ ସଂସାରେ
କାହାକୁ ଘାରେନି ?
ବିଚ୍ଛେଦରେ ଭାଙ୍ଗିପଡ଼େ
ସଭିଙ୍କର ହୃଦୟ ଓ ମନ
କାହା ଆଖିରୁ ବହୁଥାଏ ଅବିରତ
ଧାରଧାର ଲୁହ
ଆଉ କିଏ ଅବା ସହୁଥାଏ
ଅସରନ୍ତି ବୁକୁ ଫଟା କୋହ ।

ଆତ୍ମୀୟଙ୍କ ବିୟୋଗରେ
ଏ ସଂସାରେ ଏପରି ଅଛି କିଏ ଜଣେ
ଯିଏ ହୁଏନି କାତର ?
ଦୁଃଖ ଓ ଭୟରେ କିଏ ହୁଏନାହିଁ ଜଡ଼ସଡ଼
ଏମିତି କିଏ ସେ ଅଛି ବିଫଳତା
ତା' ପାଇଁ ଆଣେନାହିଁ ଅବସୋସ
ଓ ଅସନ୍ତୋଷ ଡାକି ?

ହରେଇବା ଆଶଙ୍କାରେ
କିଏ ଅବା ରୋକିପାରେ ନିଜ ଦୀର୍ଘଶ୍ୱାସ ?
ପ୍ରେମରେ ବିରହ
କାହାପାଇଁ ଆଣେନାହିଁ ଡାକି ଅନ୍ତର୍ଦାହ ?
ଏପରି କିଏ ସେ ଅଛି
ନିନ୍ଦା, ଅପବାଦ, ସବୁ ସହିଯାଏ ହସିହସି
କ୍ଷଣସ୍ଥାୟୀ ଏ ମହୀ ମଣ୍ଡଳେ ?
କିଏ ଅଛି ଦାରିଦ୍ର୍ୟର କଷାଘାତ
ନେଉଥାଏ ଆନନ୍ଦେ ଆଦରି ?
ଅନାଚାର, ଅତ୍ୟାଚାର, ଲୁଣ୍ଠନ, କଷଣ,
ବ୍ୟଭିଚାର, ପରସ୍ତ୍ରୀ ହରଣ
ମାନବର ଧର୍ମଭାବେ ଏ ପୃଥ୍ୱୀରେ
କେଉଁଠାରେ ଗ୍ରହଣୀୟ ହୁଏ ?
ଯାହା ଯାହା ମୌଳିକ ଭାବ ଅନୁଭବ
ତାହା ସବୁକାଳେ ଧର୍ମ ବୋଲି ବିବେଚିତ
ଯାହା ମାନବୀୟ ଧର୍ମଭାବେ ପରିଚିତ ।
ଏପରିକି ଜୀବଜନ୍ତୁ, ପଶୁପକ୍ଷୀ
କୀଟତରୁ ପତଙ୍ଗ ପର୍ଯ୍ୟନ୍ତ
ସଭିଙ୍କ ମଧ୍ୟରେ ଜୀବର
ମୌଳିକ ଭାବ ସୁରକ୍ଷିତ ଅଛି
ଯାହା ସବୁ ନିୟତିର ବରଦାନ
ସୁଖଦୁଃଖ, ଭଲମନ୍ଦ, ଉତ୍‌ଥାନ ପତନ,
ପ୍ରେମପ୍ରୀତି, ବିରହ ବିଚ୍ଛେଦ, ଜନ୍ମମୃତ୍ୟୁ,
ଆବିର୍ଭାବ, ତିରୋଧାନ
ସେସବୁ ହୁଏ ପ୍ରକଟିତ ।

ମୌଳିକ ଭାବ ସମୂହ ଈଶ୍ୱରଙ୍କ ଦାନ
ଜନ୍ମସହ ସାଥୀ ହୋଇ ଆସିଥାଏ ତାହା
ଏ ସଂସାରୁ ବାହୁଡ଼ିବା ବେଳେ
ଯାଏ ସେ ସାଥିରେ
ଅଜାଣତେ ରହିଥାଏ ତାହା ଗୁପ୍ତ ପଂଜିକାରେ
ସଂସାରରେ ଜୀବ ଓ ଜୀବନ ଯେଣୁ ଏକ
ଚିରନ୍ତନ ଧାରା ।

ମୌଳିକ ଏ ଭାବ ସବୁ
ସେ ନିମନ୍ତେ ଚିରନ୍ତନୀ ନିର୍ଝର ପରାୟେ
ବିରାଜିତ ସଭିଙ୍କ ହୃଦୟେ
ଏ ପୃଥ୍ୱୀର କୋଣେ ଅନୁକୋଣେ
ନିମଗ୍ନେ ନିବିଷ୍ଟ ଚିତ୍ତେ ପ୍ରାଣୀ ସମୂହକୁ
ଅନୁଧ୍ୟାନ କଲେ
ଯାହ ଅନାୟାସେ ପଡ଼ିଥାଏ ଜଣା ।


♥ ଭୁବନେଶ୍ୱର
(ମୋ) ୯୪୩୭୩୮୨୨୮୧


## ବସନ୍ତେ ସର୍ବ ମଞ୍ଜୁଳ
### ବାଉରିବନ୍ଧୁ ଲେଙ୍କା



ଅପସରି ଯାଏ ଶୀତ
ଋତୁରାଜଙ୍କର ଆଗମନ ଲାଗି
ମିଳିଲାଣି ସୁସଙ୍କେତ ?
ବହଇ ମନ୍ଦ ମଳୟ
ଦିବସ ସମୟ ଅତି ଉପଭୋଗ୍ୟ
ଦିନାନ୍ତ ବି ରମଣୀୟ ?

ବୃକ୍ଷମାନେ ପଲ୍ଲବିତ
ଆମ୍ବ ବଉଳର ବାସ୍ନା ଚହଟଇ
ପରଭୃତ ଗାଏ ଗୀତ ?
ପୁଷ୍ପେ ଭରା ଉପବନ
ସତେକି ଅତନୁ ଧରି ପୁଷ୍ପଧନୁ
କରୁଛି ତୀର ସନ୍ଧାନ ?

କି ସୁନ୍ଦର ପଦ୍ମବନ
ମତ୍ତ ଅଳି ପଂକ୍ତି କମଳିନୀ ପାଶେ
ତୋଳନ୍ତି ମଧୁ ଗୁଞ୍ଜନ ?
ଶୀତଳ ଚାନ୍ଦନୀ ରାତି
ଶେଫାଳିର ମୃଦୁ ସୁଗନ୍ଧ ମନରେ
ଜଗାଏ କାମ ପୀରତି ?

କୃଷ୍ଣଚୂଡ଼ା କର୍ଣ୍ଣିକାର
ଶ୍ୱେତ କୁନ୍ଦ ପୁଷ୍ପ ସହ ରକ୍ତାଶୋକ
ନାନା ଫୁଲର ସମ୍ଭାର ?
ଧରି ଏ ପ୍ରକୃତି ରାଣୀ
ଋତୁରାଜଙ୍କର କରଇ ବନ୍ଦନା
ଫୁଲର ଓଢଣି ଟାଣି ?

ବସନ୍ତ ଏ ମଧୁମାସ
ବ୍ରଜେ ଗୋପାଙ୍ଗନା ମାନଙ୍କ ସହିତ
ରଚିବେ ମୋହନ ରାସ ?
ଫଗୁଣେ ଦୋଳ ମେଳଣ
ଭୋଗ ଖାଇବାକୁ ବିମାନେ ବିରାଜି
ବୁଲିବେ ରାଧା ମୋହନ ?

ବସନ୍ତେ ରଙ୍ଗ ପରବ
ରଙ୍ଗରେ ଭିଜିବେ ଏ ଦେଶେ ସରବେ
ଭୁଲି ସବୁ ଭେଦ ଭାବ ?
ସୁଖପ୍ରଦ ଏହି କାଳ
ସର୍ବେ ଆନନ୍ଦିତ ସର୍ବେ ଉତ୍ସାହିତ
ବସନ୍ତେ ସର୍ବ ମଞ୍ଜୁଳ ?


♥ ଦି ପର୍ଲ ରେସିଡେନ୍ସି
ଦୁର୍ଗାମାଧବ ନଗର, ଭୁବନେଶ୍ୱର
ମୋ:୯୮୫୩୫୩୫୮୪୪




## ପ୍ରଭୁ ସବୁ ତୁମ ଇଛା !
### ଲକ୍ଷ୍ମୀପ୍ରିୟା ମାଇତି

ଶୁଣିଲା ପରେ.....
ଭଗବାନ କହିଲେ, 'ସତରେ କ'ଣ...
ମୋ ଇଛାରେ ମୁଁ ଚାଲେ ?
ନା-ନା, କେବେ ନୁହଁ ।
ଭକ୍ତଗଣ... !
ମୁଁ ଚାଲେ ତୁମମାନଙ୍କ ଇଛାରେ ।

ଏଇଥିପାଇଁ ପରା
ତୁମେ ମୋତେ କରିଛ ଅଧା ଗଢା
କରିଛ କେତେ ଆକ୍ରମଣ ମୋ ସିଂହଦୁଆରକୁ
ଚୋରି କରିଛ କେତେ ମୋର ରତ୍ନମଣି
ନିଜର ଦାବି ନିମନ୍ତେ
ରଖିଛ କେତେଦିନ ମୋତେ ଉପବାସରେ
କାଟିଛ ମୋ ଜିଭରେ ଗାର
ବସେଇଛ ପୁଣି ବାଲି ରଥରେ
ଫିଙ୍ଗିଛ ପୁଣି ଅନଳରେ
ଶେଷରେ ହାରିଛି ଜୀବନ ବି ତୁମ ହାତରେ ।

ହେଲେ ମୋ ନାଁଆ ନେଇ
ସବୁ ତ ତୁମର ସମ୍ପତ୍ତି ହୁଏ
ମୁଁ ଯେଣିକି ଟାଣେ
ତମେ କେବେ ସେଣିକି ଯାଅନି
ବରଂ ତମେ ଯେଣିକି ଟାଣ
ମୁଁ ସେଣିକି ଯାଏ ।
ତଥାପି ତୁମେମାନେ କୁହ-
'ପ୍ରଭୁ ସବୁ ତୁମ ଇଛା'
ହେଲେ ମାନ ଅଭିମାନ ସବୁ ତେଜି
ହାତ ଟେକେ ମୁଁ
କହେ-'ତଥାସ୍ତୁ !'
ପୂର୍ଣ୍ଣ ହେଉ ତୁମ୍ଭର ସବୁ ମନବାଞ୍ଛା ।


♥ ମୋ: ୯୪୩୯୫୩୭୫୯୨


## ଆଜିର ନାରୀ
### ଅଳକା ରାୟ



ଆଜିର ନାରୀ
ଚାହେଁନା ଜୀଇଁବାକୁ
ନିରୀହ ମୃଗୁଣୀ ପରି
ଚାହେଁନା ମାଖିବାକୁ
ଲାଳିତ୍ୟ, କୋମଳାଙ୍ଗି,
ନିରିମାଖି ଆଦି,
ପାରମ୍ପରିକ ଆଭୂଷଣ
ସୀମିତ କରି ନିଜ
ଭାଗ୍ୟ ଭବିତବ୍ୟକୁ
ବି ସେ ଚାହେଁନା
କା'ର ଭାବନା ଓ ସ୍ୱପ୍ନର
ରାଜଜେମା ହେବାକୁ......

ଅନୁଭବର କଷଟି ପଥରରେ
ସେ ସାଉଁଟି ପାରିଛି
ତା ସାମର୍ଥ୍ୟ
ନିଆଁ ଝୁଲରୁ ବାହାରି ଆସିବାକୁ
ଲମ୍ପଟର ଲମ୍ଫକୁ ପ୍ରତିହତ କରୁଛି
ଦୃଢ଼ତା ମନରେ ଭରି ।

ସେ ଚାହେନା,ତମାମ୍ ଜୀବନ
ବିଶ୍ୱାସର ଅନ୍ଧଗଳିରେ
ସମର୍ପଣର ଜୀବନ ଜୀଇଁବାକୁ....

ସେ ଜାଣିଛି, ପୋତି ପାରିବ ତ୍ରୀରଙ୍ଗା
ଏଭରେଷ୍ଟ ଶୃଙ୍ଗରେ
ପାର ହୋଇ ପାରିବ
ବୈତରଣୀର ପ୍ରଖର ସ୍ରୋତରେ
ପହଞ୍ଚି ପାରିବ ମକ୍କା ମଦିନାରେ
ନାରୀ ପରିଚୟରେ
ଉପସ୍ଥାପନା କରି ପାରିବ
ଦେଶର ବଜେଟ୍ ପାର୍ଲିଆମେଣ୍ଟରେ
ବୁଲି ପାରିବ ଘରକୁ ଘର
ଜନ ପ୍ରତିନିଧି ରୂପରେ
ଦେଇ ପାରିବ ଦେଶକୁ
ତା ଆଗାମୀ ଭବିଷ୍ୟତ
କେବଳ ଚାହେଁନା ଜୀଇଁ ବାକୁ
ନିରୀହ ମୃଗୁଣୀର ଜୀବନ......


♥ ଭୁବନେଶ୍ୱର


## ଖୋଜୁଥାଏ ନିଜକୁ...
### ସମ୍ବିତ ମହାନ୍ତି



ଖୋଜୁଥାଏ ନିଜକୁ ନିବୁଜ କୋଠରୀ ଭିତରେ
କେବେ ହଜିଯାଏ ତ କେବେ ଇସ୍ତାହାର ଦିଏ
ଦରଆଉଜା ଝରକା ବାଟେ
ଉହୁଁକି ଚାହିଁବା ଅଭ୍ୟାସରେ ଛଟ ପଟ ହୁଏ
କେବେ ପାଇଯାଏ ପୁଣି ଖୋଜେ
ଏମିତି ସାଉଣ୍ଟା ସାଉଣ୍ଟି ରେ ଦିନ ସରିଯାଏ
କିଏ କାଳେ ଦେଖିନେବ ବୋଲି
ପୁଣି ଲୁଚିଯାଏ ହୃଦୟ ଭିତରେ.....

ଭସାମେଘ ଖଣ୍ଡେ ବର୍ଷି ନ ପରି ଗର୍ଜି ଚାଲିଛି
ଭାରାକ୍ରାନ୍ତ ଆକାଶ ଟା ଆହୁରି ଗୁମସୁମ
ନଈସବୁ ବିସ୍ମରି ଯାଆନ୍ତି ପଥ
ଗଛବୃକ୍ଷ ଜବରଦସ୍ତ ଥୁଣ୍ଟା ପାଲଟିଯାଏ
ଋତୁ ସବୁ ଫିକା ଫିକା ଲାଗେ
ସ୍ୱପ୍ନ ସବୁ ନିରୁଦ୍ଦିଷ୍ଟ
ରାତିର ଅନ୍ଧାରି ପଣତେ
ଛବି ସବୁ ଫିକା ଫିକା
ଅତୀତର ସେଇ ଦଦରା କାନ୍ଥରେ,
ଆଶାକୁ ପାରେନା ଧରି
ଏମିତିରେ ଫେଣ୍ଟି ହେଇ ଚାଲେ ତମାମ
ଜୀବନ...

ନିଜକୁ ଦୋଷୀ କରେ
ଦିନ ସରେ ନାହିଁ, ମନ ଭରେ ନାହିଁ
ରାସ୍ତା ତ ବହୁତ ଲମ୍ବା
ସ୍ୱପ୍ନ କୁ ସାରଥୀ କରି
ଚାଲିବାର ପ୍ରତିଶ୍ରୁତି ଧରି ସାଲିସ କରିଚାଲିଛି
ବାଲିର ପାହାଡ଼ ଟିଏ
ପାଦ ତଳୁ ଖସି ଯାଉଛି ବାଲି
ହଜିଯାଉଛି ତ ପୁଣି ଖୋଜିପାଉଛି
ଅବସନ୍ତ ଅନାହୂତ ଇଚ୍ଛାର ମୂଳକରେ......


♥ ପିଠାପୁର
କଟକ- ୭୫୩୦୦୯
ମୋ: ୮୧୪୪୦୧୧୩୮୬


## ଜୀବନଚର୍ଯ୍ୟା
### ଡ. ଅନିଲ ନନ୍ଦ



କିଛିକାଳ
ରଙ୍ଗକୁ ନେଇ ଖେଳିଗଲା ଖେଳ
ଦୂର ଆକାଶର ଇନ୍ଦ୍ରଧନୁ
ଲେସି ଦେଇଗଲା
ମସିଆ ମଲାଟ ଖଣ୍ଡରେ
ବିବିଧ ବର୍ଣ୍ଣର ଝଡ଼ ।

କିଛିକାଳ ମିଶିଗଲେ
ନାଲି ନେଳି ହଳଦୀ ହରିତ୍
କପିଳ ରଙ୍ଗରେ
ଆଲୋକିତ ହେଲା ରାସ୍ତା
ଆକାଶ ଆବୋରି
ଗତିକୁ ପ୍ରଖର କଲା ସୂର୍ଯ୍ୟ ।

ବେଳ ବୁଡି ନଥାଏ ଆହୁରି
କିଚିରି ମିଚିରି ଶବ୍ଦରୁ ବାହାରି
କ୍ଷୋଭରୁ ଖିଏ କଢ଼ାଇନେଲା ବାଟ ।

ଝଡି ପଡୁଥିବା
ଶୃଙ୍ଖଳା ପତ୍ରଯାକରେ
ଯାହା ତତ୍ତ୍ୱଥିଲା ସେତିକି
ସେତିକି ଥିଲା ଭଙ୍ଗା ମାଟିକୁମ୍ଭି
ଫିଙ୍ଗା ପାଟଛତାର ସାରମର୍ମ ।

ନିର୍ବିକଳ୍ପ ସମାଧିରେ
ଗଡା ଚାଲିଥିଲା ନିର୍ବାସନ
ମାଟି ସଂଗେ ଯୋଡି ହେଉଥିଲା
ଆତ୍ମ ଦର୍ଶନର ସର୍ବଶେଷ ଉଚ୍ଚାରଣ ।


♥ କ୍ୟାମ୍ପସ -୯, କିଟ୍
ଭୁବନେଶ୍ୱର
ମୋ -୯୯୩୭୮୪୩୩୬୮


## ମୁକ୍ତି ମୋହଗ୍ରସ୍ତର
### କ୍ଷୀରୋଦ୍ର କୁମାର ସାହୁ



ଏବେ ମନ ଭିତରେ
ଆସୁମାରି ଭାବନାର ଢେଉ
ଆଖି ଦେଖେ ବାସ୍ତବତା
ସୁନେଲି ସ୍ୱପ୍ନ ।

କେହି କେବେ
ହାତଠାରି ଡାକେ
ପରିପୂର୍ଣ୍ଣତାକୁ
ଆବୋରି ନେବାକୁ ।

ଜଂଜାଳିଆ ଜୀବନ
ଇତସ୍ତତଃ ସମୟ
କର୍ମମୟ ସଂସାର
ସବୁ ଭିତରେ ତୁ
କେତେ ଛନ୍ଦି ହେବୁ ।

ଆ ବାହାରି ଆ
ବାହାର ପୃଥିବୀ
ଏବେ ତୋର ଅପେକ୍ଷାରେ
ତୋତେ କୋଳେଇ ନେବାକୁ ।

ଆ ବୁଲି ଆ କେଇ ଘେରା
ଆକାଶ ଦେହରେ
ମେଘର ପଟୁଆରରେ
ଛୁଇଁ ଜା ଇନ୍ଦ୍ରଧନୁକୁ
ତା ରଙ୍ଗରେ ରଙ୍ଗୀନ ହୋଇ
ମେଘର ଜଳକଣାର
ତିନ୍ତି ଯା' ।

ବୁଲି ଯା' ଆକାଶରୁ ମହାକାଶ
ଅସଜଡ଼ା ତାରା ସବୁକୁ
ସଜେଇ ଦେ ଧାଡି ଧାଡି କରି ।

ପୁଣିଥରେ ଛୁଇଁ ଯା' ତୁ
ସେଇ ନଭଶ୍ଚୁମ୍ବୀ
ପାହାଡ଼ର ଶିଖରକୁ ।

ଆ ବାହାରି ଆ'
ତୋର ଆପଣାର
ଲୋକ ସବୁ ବାର ବାର
ଖୋଜୁଛନ୍ତି ତତେ
ଉତ୍ସବରେ ମତୁଆଲା ହେବେ
ତୋର ମୁକ୍ତିର
ଶୁଭ ମୁହୂର୍ତ୍ତରେ ।


+ ବରପିଟା, ପାଟଣାଗଡ଼
ବଲାଙ୍ଗୀର
ମୋ-୯୮୬୧୮୫୨୫୮୭


## ଶାନ୍ତିମୟ
### ଆନନ୍ଦ କୁମାର ମାଇତି



ଆହା ! କି ଘନଘଟା ବର୍ଷାରେ
ଅବିରାମ ଭିଜି ଚାଲିଛି ଯୁବତୀ !
ଆଶ୍ଚର୍ଯ୍ୟ ଲାଗେ
ତା ଭିତର ବାହାର ଏତେ
ବୈପରୀତ୍ୟକୁ ଦେଖି ।
ତା ଆଦିମ ଅଭିଳାଷର ନିଆଁ
ନିଃଶେଷ କରିସାରିଛି ସମସ୍ତ ଅଦୃଶ୍ୟ ଧୂଆଁ ।
ବିଶ୍ୱାସକୁ ବର୍ଷା ଜଳ ଦମନ କରି
ବୋହି ଯାଉଛି ତା ଦେହରେ ।
ବୋଧେ ଏଇ ବର୍ଷା ଜଳ ସହିତ
ଭାରି ସକ୍ଷତା ଝିଅଟିର ବହୁଦିନରୁ ।

ଏତେଦିନ ଯେଉଁ କଣ୍ଟାଟି
ତା ଛାତିରେ ଠାକି ଥିଲା
ସେ କାଳେ ଅପସରି ଯାଇଛି
ଆହା ତାର କି ପରମ ଶାନ୍ତି !

ଏଇ ଶାନ୍ତି ପାଇଁ
ଯେଉଁ ଅସ୍ତିତ୍ୱ କୁ ଜାବୁଡ଼ି ସେ
ଶାନ୍ତି ମୟ ବ୍ୟାପ୍ତ ହୋଇଛି ।


ବଗଡା, କେନ୍ଦ୍ରାପଡା
ମୋ : ୯୪୩୯୦୭୭୩୯୫


## ଦେଇଥିବା କଥା ରଖିଲନି କାଳେ
### ତାରାପ୍ରସାଦ ଜେନା



ଦେଇଥିବା କଥା ରଖିଲନି କାଳେ
ତୁମେତ ଯାଉଛ ଖସି
ମୋର ଲୁହ ବେଳେ କହିଲନି ଆହା
ତୁମେତ ଦେଉଛ ହସି
ଦେଇଥିବା କଥା ରଖିଲନି କାଳେ....!

ଭାବଗ୍ରାହୀ ବୋଲି ଭାବିଥିଲି ସିନା
ଭାବକୁ ବୁଝିବ ସତେ
ଅଭାବରେ ଆଜି ଭାଗ୍ୟ ନିନ୍ଦିବାକୁ
ଦୁର୍ଯୋଗ ମିଳିଛି ମୋତେ,
କାହା ଅପରାଧ ଗୁରୁତର ଅଛି
ତୁମେତ ଜାଣିଛ ବେଶି
ଦେଇଥିବା କଥା ରଖିଲନି କାଳେ....!

ବାହାରକୁ ଆସି ଭିତରକୁ ଯାଏ
ମିଳୁନି ସହଜ ଭେଟ
ଯାତନାର କୂପେ ବେକ ରଖିଅଛି
ଭ୍ରମିତ ମାୟାର ହାଟ,
ମୁକୁଳିବା ମୋର ସାତ ସପନକୁ
ତୁମେତ ଆଣୁନ ଖୁସି
ଦେଇଥିବା କଥା ରଖିଲନି କାଳେ... !

ତୁମ ଛଡ଼ା ଆଉ ଜୀବନରେ ମୁଁଯେ
ପାଇନି କାହାକୁ ଭଲ
ନାଟକର ଦ୍ୱନ୍ଦ୍ୱ ମୀମାଂସା ବି ଖୋଜେ
ଶହେରେ ଶହେକୁ ଗେଲ,
କରନାହିଁ ଜମା ବାହାନାର ମିଛ
ତୁମେତ ପାଖକୁ ଆସି
ଦେଇଥିବା କଥା ରଖିଲନି କାଳେ....!


♥ ସା.-ରଣପୁର(ଗୋଡ଼ିପାଟଣା ସାହି),
ଡାକ- ରାଜ ରଣପୁର, ଜିଲ୍ଲା- ନୟାଗଡ଼,
ପିନ୍- ୭୫୨୦୨୬, ଓଡ଼ିଶା
ମୋ:୯୩୪୮୦୫୪୩୦୦


## ପ୍ରାରମ୍ଭ ଯାତ୍ରା
### ଶୁଭ୍ରାଙ୍ଗୀ ପ୍ରିୟବାଦିନୀ



ଜୀବନର ଦ୍ୱିତୀୟ ପର୍ଯ୍ୟାୟର ସ୍ମୃତି
ତୁମ ସହିତ...
କେମିତି କଟିଗଲା ଗୋଟେ ସପ୍ତାହ
ଲାଗେ କ୍ଷଣିକର ମୁହୂର୍ତ୍ତ,
ପ୍ରଥମ ସ୍ମୃତି ଓ ଅନୁଭୂତି
ହୋଇ ରହିବ ଅଭୁଲା ଗୀତି
ଆମ ଜୀବନ ପୋଥିର
ପ୍ରଥମ ଫର୍ଦ୍ଦ
ଚିତ୍ରିତ ହେଲା ସେ ସମୟ
ଯାହା ଥିଲା ତୁମ ସହିତ
ସମୁଦ୍ର ବକ୍ଷରେ ସମୁଦ୍ରର ସୁଅରେ
ଭାସି ଚାଲିଲେ ନୀରବର ଉହାଡ଼ରେ
ସେହି ସମୟର ଦୃଶ୍ୟ ଲାଗେ
ଆହାଃ ! ଯେମିତି ସ୍ୱର୍ଗର ପାରିଜାତ
ସଦୃଶ୍ୟ,
କୁଳୁ କୁଳୁ ପାଣିର ଶବ୍ଦ
ଧୀର ଧୀର ପବନର ଝଙ୍କାର
ଘେରି ରହିଥିବା ଅଗନା ଅଗନି ବନ
ତା' ସହିତ ଜାହାଜର ତୀବ୍ର ଚିତ୍କାର,
ଆହାଃ ! କି ମନୋରମ ଦୃଶ୍ୟ
ଦେଖିହେଲା ଆତ୍ମସନ୍ତୋଷ
ପ୍ରକୃତିର କୋଳରେ ସମସ୍ତଙ୍କର ମିଶ୍ରଣ
ଦେଖି ଉଠେ ମନେ ଶିହରଣ,
ଗଭୀରତମ ସମୁଦ୍ର ବକ୍ଷରେ
ବସି ଭାବୁଥିଲି ମାନସ ପଟରେ
ଓଃ ! ଭଗବାନଙ୍କ ସୃଷ୍ଟିର
କିଦେବା ଉପମା ଶବ୍ଦ ଖୋଜି
ଆଜି ପାଏ ନାହିଁ ଜମା
ପାଏ ନାହିଁ ଜମା
ପାଏ ନାହିଁ ଜମା
ତୁମ ସହିତ ପ୍ରଥମ ସ୍ମୃତିର
ପ୍ରଥମ ଗୀତି
ଏଇଠୁ ଆରମ୍ଭ
କିନ୍ତୁ ଶେଷ ତା'ର କେଉଁଠି ?


♥ ଭୁବନେଶ୍ୱର
ମୋ: ୭୦୦୮୧ ୦୯୯୮୦

# ସରକାରୀ କାର୍ଯ୍ୟକ୍ରମରେ ବିଶୃଙ୍ଖଳା ଘଟାଇ ସମସ୍ତଙ୍କୁ ଗାଳିଗୁଲଜ କରିଥିବା ନେଇ ବ୍ଲକ ଉପାଧ୍ୟକ୍ଷଙ୍କ ନାମରେ ଅଭିଯୋଗ

ମାଲକାନଗିରି, ୦୫/୨ (ନି,ପ୍ର): ଗତକାଲି ଆମ ଓଡ଼ିଶା ନବୀନ ଓଡିଶା ସଚେତନତା ଶିବିର କାର୍ଯ୍ୟକ୍ରମ ମାଲକାନଗିରି ବ୍ଲକ ପଦ୍ମଗିରି ପଂଚାୟତରେ ଆୟୋଜନ କରାଯାଇଥିଲା । ପଦ୍ମଗିରି ଗ୍ରାମପଂଚାୟତର ସରପଂଚ ସୁନାଧର ମାଡକାମିଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସହ ବ୍ଲକ ଅଧ୍ୟକ୍ଷା, ଜିଲ୍ଲା ପରିଷଦ ସଭ୍ୟା, ସରପଂଚ, ସ୍ୱୟଂ ସହାୟକ ଗୋଷ୍ଠି ର ମହିଳା ବର୍ଗ, ଛାତ୍ର ଛାତ୍ରୀ ଏବଂ ସମସ୍ତ ପଂଚାୟତ ବାସୀ ଉପସ୍ଥିତ ରହିଥିଲେ। ଶାନ୍ତିପୂର୍ଣ ଭାବେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ହଠାତ ଉକ୍ତ କାର୍ଯ୍ୟକ୍ରମରେ ମାଲକାନଗିରି ବ୍ଲକ ଉପାଧ୍ୟକ୍ଷ ନିରଞ୍ଜନ ହାଲଦାର କିଛି ଅସାମାଜିକ ବ୍ୟକ୍ତିଙ୍କୁ ଧରି ଜୋର ଜବରଦସ୍ତ ପଶି ଆସି ଝଗଡ଼ା କରିବା ସହ ଓଡିଶା ସରକାରଙ୍କ ବିରୋଧରେ ନାରାଦେଇ କାର୍ଯ୍ୟକ୍ରମ ବନ୍ଦ କରିବା ପାଇଁ କହି ସମସ୍ତ ଏସଏଚଜି ମହିଳା, ବ୍ଲକ ଅଧ୍ୟକ୍ଷା ଗୌରୀ ପଡ଼ିଆମୀ, ଜିଲ୍ଲା ପରିଷଦ ସଭ୍ୟା କୁନି ଭୂମିଆଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିଥିଲେ । ସରପଂଚ ଏହାକୁ ବିରୋଧ କରି ନିରଞ୍ଜନ ହଲଦାରଙ୍କୁ ବୁଝା ସୁଝା କରିବା ସହ ତୁମକୁ ମୁଁ ଉକ୍ତ କାର୍ଯ୍ୟକ୍ରମରେ ନିମନ୍ତ୍ରଣ କରିନାହିଁ ତୁମେ ଉକ୍ତ କାର୍ଯ୍ୟକ୍ରମରେ ଆସି କାହିଁକି କାର୍ଯ୍ୟକ୍ରମକୁ ଭଣ୍ଡୁର କରିବା ପାଇଁ ଚାହୁଁଛ ବୋଲି କହିବାରୁ ମତେ ଅସଭ୍ୟ ଭାଷାରେ ଗାଳି ଗୁଳଜ କରିବା ସହ ତୁ ଜଣେ ଆଦିବାସୀ କୋୟା ତୁ ମତେ କଣ ଶିଖେଇବୁ କହି ଜୀବନରେ ମାରି ଦେବା ପାଇଁ ଧମକ ଦେଇଥିଲେ ।

ଏଥିରେ ଭୀଷଣ ଭାବରେ ପ୍ରଭାବିତ ହୋଇ କୁନି କୁନି ଛାତ୍ର ଛାତ୍ରୀ ମାନେ ନିଜର ପ୍ରତିଭା ପ୍ରଦର୍ଶନ କରିବାରୁ ବଂଚିତ ହେଲେ, ଉପସ୍ଥିତ ଅତିଥି ଅସମ୍ମାନିତ ହେଲେ ଏବଂ ଦୂର ଦୁରାନ୍ତରୁ ଆସିଥିବା ଅଂଚଳ ବାସୀ ନଖାଇ କାର୍ଯ୍ୟକ୍ରମକୁ ଛାଡି ଘରକୁ ଫେରିଯାଇଥିଲେ ଏବଂ ଉପସ୍ଥିତ ଜନସାଧାରଣ ଉତେଜିତ ହେବାର ଦେଖି ଘଟଣାକୁ ଶାନ୍ତ କରିବା ପାଇଁ ମୋତେ ହସ୍ତକ୍ଷେପ କରିବାକୁ ପଡିଥିଲା। ସରପଂଚ ଭାବରେ ମୁଁ ସମସ୍ତ ବ୍ୟବସ୍ଥା କରିଥିଲି, କିନ୍ତୁ ନିରଞ୍ଜନ ହାଲଦାରଙ୍କ ଦ୍ୱାରା କରାଯାଇଥିବା ବିଶୃଙ୍ଖଳା ଦ୍ୱାରା ସମସ୍ତ ପଂଚାୟତବାସୀ ଅପମାନିତ ହୋଇଛନ୍ତି । ଏନେଇ ସରପଂଚ ସୁନାଧର ମାଲକାନଗିରି ଆଦର୍ଶ ଥାନାରେ ବ୍ଲକ ଉପାଧ୍ୟକ୍ଷଙ୍କ ନାମରେ ଲିଖିତ ଭାବେ ଅଭିଯୋଗ କରିବା ସହ ତାଙ୍କ ଜୀବନ ପ୍ରତି ବିପଦ ଥିବାରୁ ସୁରକ୍ଷା ଦେବା ପାଇଁ ଜଣାଇଛନ୍ତି । ପଦ୍ମଗିରି ଗ୍ରାମପଂଚାୟତ ତରଫରୁ ଘଟଣାର ଗମ୍ଭୀରତା ପ୍ରତି ଦୃଷ୍ଟି ଦେଇ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ଜଣାଇଛନ୍ତି।

# ଧାନଚାଷକୁ ଚାଷୀଙ୍କ ନା: ବର୍ଷା ଅଭାବ, ଜଳସେଚନର ଅସୁବିଧାରୁ ଅଣଧାନ ପ୍ରତି କରୁଛନ୍ତି ଆଗ୍ରହ

ରାୟଗଡ଼ା, ୦୫/୨ (ନି,ପ୍ର): ଜିଲ୍ଲାରେ ଚଳିତ ବର୍ଷ ଧାନ ଚାଷକୁ ପ୍ରାଧାନ୍ୟ ନଦେଇ କପା ଓ ମିଲେଟ ଚାଷକୁ ଅଧିକ ପ୍ରାଧାନ୍ୟ ଦେଉଛି ଚାଷୀ। ବର୍ଷା ଅଭାବ ସହ ଜଳସେଚନର ସୁବିଧା ନଥିବାରୁ ଏବଂ ଅଧିକ ଲାଭ ପାଇଁ ଚାଷୀ ଏବେ ଧାନ ଚାଷ ଛାଡ଼ି କପା ଓ ମିଲେଟ ଚାଷ ପ୍ରତି ମନ ବଳାଇଛନ୍ତି। ଜଳସେଚନ ସୁବିଧା ନଥିବାରୁ ଛାଷ କାର୍ଯ୍ୟ ହୋଇପାରୁନି ।କିନ୍ତୁ ଜମିକୁ ପାଣି ଯୋଗାଣ ନିମନ୍ତେ କାର୍ଯ୍ୟକାରି ହେଉଛି ଉଠା ଜଳସେଚନ ପ୍ରକଳ୍ପ ।ଲକ୍ଷାଧିକ ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ଦ୍ୱାରା ଚାଷ ଜମିକୁ ଜଳଯୋଗାଣ ପାଇଁ ନିର୍ମାଣ ହୋଇଥିବା ଟ୍ୟୁବଲଗୁଡିକ କିଛି ଦିନ ପରେ ଅଚଳ ହୋଇପଡୁଛି। ଫଳରେ ଚାଷୀଙ୍କ ସୁବିଧା ଲାଗି ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ହେଁ ସରକାରୀ ଯୋଜନା ଚାଷୀ ପାଇ ନପାଇବା ସଦୃଶ୍ୟ ହେଉଛଇ। ସରକାରଙ୍କ ସବୁ ଯୋଜନା ସତ୍ତ୍ୱେ ଉପେକ୍ଷିତ ହେଉଛନ୍ତି ଚାଷୀକୁଳ। ଜିଲ୍ଲାରେ ଅଧାରୁ ଅଧିକ ଉଠା ଜଳସେଚନ ପ୍ରକଳ୍ପ ଭାଙ୍ଗି ଅଚଳ ହୋଇ ପଡିଥିବା ବେଳେ ଚିରସ୍ରୋତା ନଦୀ ନାଗାବଳୀ ଓ ଝଞ୍ଜାବତି ନଦୀ ସହ କେନାଲ ଶୁଖିଲା ପଡ଼ିଥିବା ବେଳେ ବର୍ଷାର ଅଭାବ ଫଳରେ ଶତାଧିକ ହେକ୍ଟର ଜମି ପଡିଆ ପଡିଛି। ଜଳସେଚନ ସୁବିଧା ନଥିବାରୁ ଉକ୍ତ ଜମିରେ କୃଷି କାର୍ଯ୍ୟ କରିବା ଅସମ୍ଭବ ହୋଇପଡୁଛି। ତେଣୁ ଅନ୍ୟ ଉପାୟ ନପାଇ ଚାଷୀ ନିଜ ପରିବାର ପ୍ରତିପୋଷଣ ପାଇଁ ଧାନ ଚାଷ ଛାଡି ଅଣଧାନ ଚାଷ ପ୍ରତି ମନ ବଳାଉଛନ୍ତି। କାରଣ ଅଣ ଧାନ ଚାଷ କଲେ ଅଧିକ ପାଣିର ଆବଶ୍ୟକ ନଥାଏ। ଧାନ ଚାଷ କଲେ କେବଳ ଜଳସେଚନର ଅସୁବିଧା ନୁହେଁ ବରଂ ଏଥିସହ ଧାନ ମଣ୍ଡିକୁ ନେଲେ ଉଚିତ ଦର ମିଳୁନଥିବା ବେଳେ କଟନିଛଟନି କରାଯାଇ ହଇରାଣ କରାଉଛି ବୋଲି ଚାଷୀ ଅଭିଯୋଗ କରିଛନ୍ତି। ଧାନ ଅପେକ୍ଷା କପା ଓ ମାଣ୍ଡିଆ ଚାଷରେ ସେମାନେ ଅଧିକ ଲାଭ ପାଉଥିବାରୁ ଏବଂ ବାହାର ବେପାରି ଘର ବାରଣ୍ଡାକୁ ଆସି ଅଧିକ ମୂଲ୍ୟ ଦେଇ ନେଇଯାଉଥିବାରୁ ସେମାନେ ଧାନ ଚାଷ ଛାଡି ଅଣ ଧାନ ଚାଷ କରୁଛନ୍ତି ବୋଲି ଚାଷୀ ମୀନାରାଓ ତାଡିଙ୍ଗି ଓ ସଲମନ ରେଡ୍ଡୀ ପ୍ରକାଶ କରିଛନ୍ତି।

# କଂଚନପୁର ଗ୍ରାମରେ ମାଗେ ପର୍ବ ପାଳିତ

ଚମ୍ପୁଆ, ୦୫/୨ (ନି,ପ୍ର): ଚମ୍ପୁଆ ବ୍ଲକ ଅନ୍ତର୍ଗତ କଂଚନପୁର ଗ୍ରାମର ବୀର ବିର୍ସା ମୁଣ୍ଡା, ବଡାମ ବୁଢା ହୋ ସମାଜ ପକ୍ଷରୁ ତୃତୀୟ ବାର୍ଷିକ ମାଗେ ପର୍ବ ଆଜି ଉଦଯାପିତ ହୋଇଯାଇଛି । ଉଦଯାପନି ଦିବସ ରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଶ୍ରୀମନ୍ତ କୁମାର ତ୍ରିପାଠୀ ଯୋଗ ଦେଇ ଏହି ଅବସରରେ ଆୟୋଜିତ କୁକୁଡ଼ା ଉଡ଼ା ପର୍ବକୁ ଆନୁଷ୍ଠାନିକ ଭାବରେ ଆରମ୍ଭ କରିଥିଲେ। ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ ଏହି ପର୍ବ ତିନି ଦିନ ଧରି ପାଳନ କରାଯାଇଛି । ଏହି ପର୍ବ ହୋ ସମାଜ କମିଟି ସଭାପତି ରୋହିତ କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ଉପ ସଭାପତି ରବୀନ୍ଦ୍ର ମୁଣ୍ଡା, ସମ୍ପାଦକ ରଘୁନାଥ ମୁଣ୍ଡା, ଗଣେଶ୍ୱର ମୁଣ୍ଡା, ସୁକରାମ ମୁଣ୍ଡା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ତେବେ ମାଘ ମାସକୁ ବର୍ଷର ସବୁଠାରୁ ପବିତ୍ର ମାସ ଭାବେ ଗ୍ରହଣ କରି ଆଦିବାସୀ ସମ୍ପ୍ରଦାୟର ଲୋକ ମାନେ ଗ୍ରାମର ସୁବିଧା ଅନୁଯାୟୀ ମାଘ ମାସର ସଂକ୍ରାନ୍ତି ପରଠାରୁ ଯେକୌଣସି ଦିନ ଏହି ପର୍ବ ପାଳନ କରି ଆସୁଥିବାବେଳେ ନିଆରା ଢଙ୍ଗରେ ପାଳିତ ହେଉଥିବା ଏହି ପର୍ବରେ ଭୂମି ପୂଜା, ଏବଂ କୁଳ ପୂଜାକୁ ଗୁରୁତ୍ୱ ଦିଆ ଯାଇଥାଏ କ୍ଷ ଆଦିବାସୀ ପୁରୁଷ, ମହିଳା ମାନଙ୍କ ପାରମ୍ପରିକ ମାଗେ ନୃତ୍ୟ ସହିତ କୁକୁଡ଼ା ଉଡ଼ା ଏହି ପର୍ବର ମୁଖ୍ୟ ଆକର୍ଷଣ ହୋଇ ଥିବାବେଳେ ପର୍ବ ଦେଖିବାକୁ ଆଖ ପାଖ ଗ୍ରାମ ମାନଙ୍କରୁ ବିପୁଳ ସଂଖ୍ୟାରେ ଲୋକଙ୍କ ସମାଗମ ହୋଇଛି। ଏହି ଅବସରରେ ବିଭିନ୍ନ ପ୍ରକାରର ଦୋକାନ ବଜାର ଲାଗି ଥିବାରୁ ଲୋକେ କିଣା ବିକା କରି ପର୍ବର ମଜା ନେଇଛନ୍ତି।

# କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ସଂଘର ବାର୍ଷିକ ସାଧାରଣ ସଭା

ଜୟପୁର, ୦୫/୨ (ନି,ପ୍ର): କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ସଂଘର ବାର୍ଷିକ ସାଧାରଣ ସଭା କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ପୂର୍ବ ନିର୍ଦ୍ଧାରିତ ସୂଚୀ ପ୍ରକାରେ ସମସ୍ତ ନିର୍ଦ୍ଧାରଣ, ପଠନ, ଆଲୋଚନା ଓ ଗ୍ରହଣ ପୂର୍ବକ ସର୍ବସମ୍ମତି କ୍ରମେ ଅନୁମୋଦନ କରାଯାଇଥିଲା। କର୍ମଚାରୀ ସଂଘର ସଭାପତି ଦିଗମ୍ବର ନାୟକ ଓ ସାଧାରଣ ସମ୍ପାଦକ ଅରୁଣ କୁମାର ସାହୁ ଗତ ମାସ ତଥା ତା, ୩୧.୦୧.୨୦୨୪ ରିଖ ରେ ଚାକିରୀରୁ ଅବସର ନେବା ପରିପ୍ରେକ୍ଷୀରେ ସଂଘର ଦାୟୀତ୍ୱ ଓ କାର୍ଯ୍ୟଭାର ନେଇ ସବିଶେଷ ଆଲୋଚନା କରାଯାଇଥିଲା। ଉକ୍ତ ବିଷୟରେ ସାଧାରଣ ସଭାରେ ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ନେଇ ପୁନଃ ନିର୍ବାଚନ ତଥା ସ୍ଥାୟୀ କମିଟି ଚୟନ ନିମିତ ଆଲୋଚନା କରାଯାଇଥିଲା। ସଭାପତି ଓ ସାଧାରଣ ସମ୍ପାଦକ ସ୍ୱେଚ୍ଛାକୃତ ଭାବେ ଇସ୍ତଫା ଦେବାପରେ ଆଜିର ସାଧାରଣ ସଭାରେ କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ସଂଘର ନୂତନ ପରିଚାଳନା କମିଟି ଗଠନ, ନିର୍ବାଚନ ଓ ଚୟନ ନିମନ୍ତେ ସର୍ବସମ୍ମତି କ୍ରମେ ନିଷ୍ପତି ନିଆଯାଇଥିଲା। ଏହି ସଭାରେ ସମସ୍ତ କର୍ମଚାରୀଙ୍କ ଦ୍ୱାରା ପୂର୍ବତନ ସଭାପତି ଦିଗମ୍ବର ନାୟକ ଓ ସାଧାରଣ ସମ୍ପାଦକ ଅରୁଣ କୁମାର ସାହୁଙ୍କୁ ପୁନର୍ବାର ପୂର୍ବ ପଦବୀରେ କାର୍ଯ୍ୟଭାର ସମ୍ପାଦନ କରିବାପାଇଁ ଅନୁରୋଧ କରାଯାଇଥିଲା। ତତସହିତ ନିମ୍ନଲିଖିତ ସଂଘର ସଦସ୍ୟ ମାନଙ୍କୁ ଦାୟୀତ୍ୱ ଓ କାର୍ଯ୍ୟଭାର ତୁଲାଇବା ନିମନ୍ତେ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଅନୁମୋଦନ କରାଯାଇଥିଲା । ବିଦ୍ୟାଧର ପ୍ରଧାନ, କାର୍ଯ୍ୟକାରୀ ସଭାପତି, ଅଶୋକ କୁମାର ରଥ, ଉପ-ସଭାପତି, ସଂଗ୍ରାମୀ ଅତୁଲ୍ୟ କୁମାର ମଲ୍ଲିକ, ସହ-ସାଧାରଣ ସମ୍ପାଦକ, ମନୋଜ କୁମାର ଦାଶ, ସମ୍ପାଦକ, ଗୋଲକ ବିହାରୀ ପାଇକରାୟ, କୋଷାଧ୍ୟକ୍ଷ, ହରିଶ୍ଚନ୍ଦ୍ର ବାନାଗାଡି, ସାଙ୍ଗଠନିକ ସମ୍ପାଦକ, ନବରଙ୍ଗପୁର ଜିଲ୍ଲା, ସୁରେନ୍ଦ୍ର କୁମାର ନାୟକ, ସାଙ୍ଗଠନିକ ସମ୍ପାଦକ, କୋରାପୁଟ ଜିଲ୍ଲା, ସୁଜିତ କୁମାର ପଟ୍ଟନାୟକ, ସାଙ୍ଗଠନିକ ସମ୍ପାଦକ, ରାୟଗଡା ଜିଲ୍ଲା, ଶ୍ୟାମ ସୁନ୍ଦର ପଟ୍ଟନାୟକ, ସାଙ୍ଗଠନିକ ସମ୍ପାଦକ, ମାଲକାନଗିରି ଜିଲ୍ଲା, ମନୋଜ କୁମାର ସାହୁ, କାର୍ଯ୍ୟନିର୍ବାହୀ ସଦସ୍ୟ, ଜୟ ପ୍ରଦୀପ ପଟ୍ଟନାୟକ, କାର୍ଯ୍ୟନିର୍ବାହୀ ସଦସ୍ୟ, ଶ୍ରୀକାନ୍ତ ଦାଶ, କାର୍ଯ୍ୟନିର୍ବାହୀ ସଦସ୍ୟ, ତାପସ କୁମାର ପାତ୍ର, କାର୍ଯ୍ୟନିର୍ବାହୀ ସଦସ୍ୟ, ସ୍ୱଦେଶ କୁମାର ମାଦଳା, କାର୍ଯ୍ୟନିର୍ବାହୀ ସଦସ୍ୟ, ବିଜୟ କୁମାର ପଟ୍ଟନାୟକ, କାର୍ଯ୍ୟନିର୍ବାହୀ ସଦସ୍ୟ, ଦଶରଥ ବେହେରା, କାର୍ଯ୍ୟନିର୍ବାହୀ ସଦସ୍ୟ, ଆର୍ଯ୍ୟଜ୍ୟୋତି ମିଶ୍ର, କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ଚୟନ କରାଯାଇଛି ଏହି ସଭାରେ କର୍ମଚାରୀ ମାନଙ୍କର ନ୍ୟାଯ୍ୟ ଦାବିପୂରଣ ସକାଶେ ବିଚାର ବିମର୍ଶ କରାଯାଇଥିଲା ଏବଂ ଆଗାମୀ ଦିନରେ ଉକ୍ତ ଦାବିଗୁଡିକୁ ଫଳପ୍ରଦ ସକାଶେ କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଓ ସମ୍ପାଦକଙ୍କ ଠାରେ ଉପସ୍ଥାପନ କରିବା ନିମନ୍ତେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା ।ନୂତନ ଭାବେ ନିର୍ବାଚିତ ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରାଯାଇଥିଲା।

# ଦଳିତ କଂଗ୍ରେସ କର୍ମୀ ସମ୍ମିଳନୀରେ କଂଗ୍ରେସ ନେତାଙ୍କ ପ୍ରତିଶ୍ରୁତି

କେନ୍ଦ୍ରାପଡ଼ା, ୦୫/୨ (ନି,ପ୍ର): କେନ୍ଦ୍ରାପଡା ମ୍ୟୁନିସିପାଲିଟି ଟାଉନ ହଲ୍ ଠାରେ କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀ ସ୍ତରୀୟ ଏକ ଅନୁସୂଚିତ ଜାତି କଂଗ୍ରେସ କର୍ମୀ ସମ୍ମିଳନୀ ବ୍ଲକ ଦଳିତ କଂଗ୍ରେସ ସଭାପତି ପ୍ରଭାତ କୁମାର ଉଡାଣସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ଯୋଗଦେଇ କହିଥିଲେ ଯେ ରାଜ୍ୟ ବିଜେଡି ଓ କେନ୍ଦ୍ର ବିଜେପି ସରକାର ଦଳିତ ଜାତି ସ୍ୱାର୍ଥର ପରିପନ୍ଥୀ । ଅନୁସୂଚିତ ଜାତି ବର୍ଗର ଲୋକମାନେ ନିଜ ଅଧିକାରର ସୁରକ୍ଷା ପାଇଁ ନିରବଚ୍ଛିନ୍ନ ସଂଗ୍ରାମ କରିବା ଜରୁରୀ । ଶ୍ରୀ ବେହେରା ସମବେତ ସମସ୍ତ ଦଳିତ କର୍ମୀମାନଙ୍କୁ ଓ କେନ୍ଦ୍ରାପଡାର ସମସ୍ତ ଭୋଟ୍‌ଦାତା ଭାଇ ଓ ଭଉଣୀମାନଙ୍କ ନିକଟରେ ପ୍ରତିଶ୍ରୁତି ରଖିଥିଲେ ଯେ ‘ଜ୍ୟେଷ୍ଠେ କଦଳୀ ଆଷାଢେ କିଆ, ଯାହାକୁ ଡାକ ନ ଡାକ ହୋଇବି ଠିଆ’ । ଏହି ଅବସରରେ ତିନିଜଣ ବରିଷ୍ଠ ଦଳିତ ନେତା କଳାକାର ମଲ୍ଲିକ, ଭଜକୃଷ୍ଣ ସେଠୀ, କମଳାକାନ୍ତ ବେହେରା, ଯୁବ ନେତା ନରେଶ ଚନ୍ଦ୍ର ଜେନା, ଚନ୍ଦ୍ରଭାନୁ ଦାସ ଓ ପୁଅ ସେଠୀଙ୍କୁ ସମ୍ମାନୀତ କରାଯାଇଥିଲା । ସମ୍ମିଳନୀରେ ୫ଗୋଟି ପ୍ରସ୍ତାବ ପୂର୍ବତନ ମନ୍ତ୍ରୀ ଶ୍ରୀ ବେହେରାଙ୍କ ଦ୍ୱାରା ଆଗତ ହୋଇ ସର୍ବସମ୍ମତି କ୍ରମେ ପାରିତ ହୋଇଥିଲା । ସେଗୁଡିକ ହେଉଛି, ଅଖିଳ ଭାରତ କଂଗ୍ରେସ କମିଟିର ସଭାପତି ଭାବେ ନିର୍ବାଚିତ ହୋଇଥିବାରୁ ମଲ୍ଲିକାର୍ଜୁନ ଖାଡଗେଙ୍କୁ ଅଭିନନ୍ଦନ ଜଣାଇବା ସହ କଂଗ୍ରେସ ଦଳର ସର୍ବୋଚ୍ଚ ପଦବୀ ପାଇଁ ଜଣେ ଦଳିତ ନେତାଙ୍କୁ ଏହି ସୁଯୋଗ ଦେଇଥିବାରୁ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କୁ ସାଧୁବାଦ ଜଣାଉଛୁ, କେନ୍ଦ୍ରାପଡାରେ ମେଡିକାଲ କଲେଜ ପ୍ରତିଷ୍ଠା, କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱ ବିଦ୍ୟାଳୟର ମାନ୍ୟତା, କେନ୍ଦ୍ରାପଡା ମ୍ୟୁନିସିପାଲିଟିରେ ସିଟି ହସ୍‌ପିଟାଲ ପ୍ରତିଷ୍ଠା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କଠାରେ ଏବଂ ହରିଦାସପୁର- ପାରାଦୀପ ରେଳପଥରେ ଯାତ୍ରୀବାହି ରେଳ ଚଳାଚଳ ପାଇଁ ପ୍ରଧାନମନ୍ତ୍ରୀଙ୍କ ଠାରେ ଦାବି ଜଣାଉଛୁ । ଏହି ସମ୍ମିଳନୀରେ ଦଳିତ ନେତା କଳାକାର ମଲ୍ଲିକ, କୃଷ୍ଣଚନ୍ଦ୍ର ମଲ୍ଲିକ, ନିରାକାର ମଲ୍ଲିକ, ଭଜକୃଷ୍ଣ ସେଠୀ, ପୀତାମ୍ବର ଜେନା, ଅଉନ ବେହେରା, ନବକିଶୋର ମଲ୍ଲିକ, ବସନ୍ତ କୁମାର ମଲ୍ଲିକ, ଚନ୍ଦ୍ରମଣୀ ବେହେରା, ରାମଚନ୍ଦ୍ର ମଲ୍ଲିକ, ଅନନ୍ତ କୁମାର ମଲ୍ଲିକ, ବିଭୂତି ଭୂଷଣ ସେଠୀ, କାଙ୍ଗାଳି ଚରଣ ସେଠୀ ଓ ବାବାଜୀ ମଲ୍ଲିକ ଭାଷଣ ଦେଇ କେନ୍ଦ୍ରାପଡାରେ ଗଣେଶ୍ୱର ବେହେରାଙ୍କ ଟେକ ରଖିବାକୁ ଆହ୍ୱାନ ଦେଇଥିଲେ । ପୂର୍ବତନ ନଗରପାଳ ଆକବର ଅଲ୍ଲୀ, ବରିଷ୍ଠ ଜିଲ୍ଲା କଂଗ୍ରେସ ଉପସଭାପତି ପ୍ରଫୁଲ୍ଲ ଦାସ, ବ୍ଲକ କଂଗ୍ରେସ ସଭାପତି ଚିତ୍ରସେନ ପରିଡା, ନଗର କଂଗ୍ରେସ ସଭାପତି ରାଜେଶ ମହାନ୍ତି, ଯୁବନେତା ଇଂ. ସିଦ୍ଧାର୍ଥ ସ୍ୱରୂପ ଦାଶ, ଜିଲ୍ଲା କିଷାନ କଂଗ୍ରେସ ସଭାପତି ନାରାୟଣ ଚନ୍ଦ୍ର ପରିଡା ଓ ପୂର୍ବତନ ପିସିସି ସମ୍ପାଦକ ମୁକ୍ତାର ଖାଁ ପ୍ରମୁଖ ବକ୍ତବ୍ୟ ରଖି କେନ୍ଦ୍ରାପଡା ବିଧାନସଭାରୁ ଗଣେଶ୍ୱର ବେହେରାଙ୍କୁ ବିଧାନସଭାକୁ ନିର୍ବାଚିତ କରିବାକୁ ନିବେଦନ କରିଥିଲେ । ପୁରୁଷୋତମପୁର ପଂଚାୟତର ରମାକାନ୍ତ ସେଠୀ ଓ ଆୟବା ପଂଚାୟତର ଜଗନ୍ନାଥ ସେଠୀ ବିଜେଡି ଦଳ ଛାଡି କଂଗ୍ରେସରେ ସାମିଲ ହୋଇଥିଲେ ଓ ଦଳ ତରଫରୁ ତାଙ୍କୁ ସ୍ୱାଗତ କରାଯାଇଥିଲା ।

# ଯୌତୁକ ପାଇଁ ନିର୍ଯାତନା ଓ ଜୀବନରୁ ମାରିଦେବାକୁ ଉଦ୍ୟମ ଅଭିଯୋଗରେ ପୁତୁରା ଅଦାଲତ ଚାଲାଣ

କୋରେଇ, ୦୫/୨ (ନି,ପ୍ର): ବିବାହର ୧୦ ବର୍ଷ ପରେ ଅଧିକ ଯୌତୁକ ଦାବିରେ ଶଶୁର ଘର ପରିବାର ପକ୍ଷରୁ ବାରମ୍ବାର ଗାଳିଗୁଲଜ ପରେ କିରୋସିନ ଢାଳି ମାରିଦେବାକୁ ଉଦ୍ୟମ କରିଥିବାର ଅଭିଯୋଗ ଥାନାରେ କରାଯିବା ପରେ ପୁଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ପୁତୁରାକୁ ଗିରଫ କରି ଅଦାଲତ ଚାଲାଣ କରିଛି । ପ୍ରକାଶଯେ ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଂଚାୟତର ବଇଁଚିରା ଗ୍ରାମର ସେକ ହାଇଦର ଅଲ୍ଲୀଙ୍କ ପୁଅ ସେକ ମତଲୁବ ଅଲ୍ଲୀ ୨୦୧୪ ମସିହାରେ କୁଆଖିଆ ଥାନା ଅନ୍ତର୍ଗତ ମଧୁବନ ମିର୍ଜାପୁର ଗ୍ରାମର ସବନମ ସୋଲତାନା ବିବିଙ୍କୁ ବିବାହ କରିଥିଲେ । ସେମାନଙ୍କ ୨ଟି ସନ୍ତାନ ମଧ୍ୟ ଅଛନ୍ତି । ମାତ୍ର ସୋଲତାନାଙ୍କ ଅଭିଯୋଗ ମୁତାବକ ସେ ବିବାହ ସମୟରେ ନଗଦ ୯୦ହଜାର ଟଙ୍କା ସହ ଘରର ସମସ୍ତ ଆସବାସ ସାମଗ୍ରୀ ଯୌତୁକରେ ଆଣିଥିଲେ । ମାତ୍ର ତାଙ୍କ ଶଶୁର ଘର ପରିବାର ପକ୍ଷରୁ ତାଙ୍କୁ ଅଧିକ ଯୌତୁକ ପାଇଁ ବାରମ୍ବାର ଗାଳିଗୁଲଜ ଓ ଆକ୍ରମଣ କରାଯାଇଥାଏ । ଏନେଇ ବାରମ୍ବାର ଉଭୟ ପରିବାର ମଧ୍ୟରେ ସମାଧାନ କରାଯାଇଥିଲା । ଏନେଇ ଗତ ୨ ଦିନ ହେବ ପରିବାର ମଧ୍ୟରେ କଳହ ଲାଗିରହିଥିଲା । ଗତ ୩ ତାରିଖ ଶନିବାର ମଧ୍ୟାହ୍ନରେ ସୋଲତାନାର ଯାଆ ତନୁଜା ଖାତୁନ, ନଣନ୍ଦ ଫତିମା ବିବି, ପୁତୁରା ସେକ ସେହେଲ, ଶାଶୁ କମରୁନ ବିବି, ଶଶୁର ସେକ ଇଦରିସ, ଝିଆରୀ ତବସୁମ ଖାତୁନ ପ୍ରମୁଖ ମିଳିତ ଭାବେ ଆକ୍ରମଣ କରିବା ସହ କିରୋସିନ ଢାଳି ଜୀବନରୁ ମାରଦେବାକୁ ଉଦ୍ୟମ କରିଥିଲେ । ଉଦ୍ଧାର ପାଇଁ ପାଟି କରିବାରୁ ତାକୁ ଏକ ଘରେ ପୁରାଇ ଦେଇଥିଲେ । ସେ ସେଠାରୁ ଫୋନ ଯୋଗ ତାଙ୍କ ପରିବାରକୁ ଫୋନ କରିବାରୁ ତାର ବାପା ଆସି ପହଂଚିଥିଲେ । ତାଙ୍କୁ ମଧ୍ୟ ସେ ଘରେ ପୁରାଇ ବାପ ଓ ଝିଅଙ୍କୁ ଜୀବନରୁ ମାରିଦେବାକୁ କହଇଥିଲେ । ଖବର ପାଇ ତାର ଭାଇ ରିଆଜୁଦ୍ଦିନ ଖାଁ ଆସି ପାଣିକୋଇଲି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାସ୍ଥଳେ ପହଂଚି ସବନମକୁ ଉଦ୍ଧାର କରିବା ସହ ତାର ପୁତୁରା ସେକ ସୋହେଲକୁ ଧରି ଥାନାକୁ ଆଣିଥିଲା । ଏନେଇ ଏକ ମାମଲା ୭୪/୨୪ ରୁଜୁ କରାଯିବା ସହ ସୋହେଲକୁ ଆଜି ଅଦାଲତ ଚାଲାଣ କରାଯିବା ସହ ଘଟଣାର ତଦନ୍ତ ଜାରି ରହିଛି ।

# ବାଲିପୂଜାରୀପୁଟ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଜୟପୁର, ୦୫/୨ (ନି,ପ୍ର): ଜୟପୁର ବ୍ଲକ, ରାଣୀଗଡ ପଂଚାୟତ ବାଲିପୂଜାରିପୁଟ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ଚନ୍ଦନ କୁମାର ନାୟକ, ସମ୍ମାନୀତ ଅତିଥି ଭାବେ ରାଣୀଗଡ ପଂଚାୟତର ଲକ୍ଷ୍ମଣ ହାଲୁଆ ତଥା ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ହିରଣ୍ୟ ନାୟକ ଓ ଦୋରାଗୁଡ଼ା କ୍ଲଷ୍ଟର ର ସିଆର୍‌ସିସି ଭାଗୀରଥି ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ଜୟପୁର ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ନିଜ ଉଦବୋଧନରେ ସେ କହିଥିଲେ ଛାତ୍ରଛାତ୍ରୀଙ୍କ ପ୍ରତିଭା ଅନ୍ୱେଷଣ ହେଲା ଉତ୍ସବର ମୂଳ ଉଦ୍ଦେଶ୍ୟ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପରମାନନ୍ଦ ମାଝି ତାଙ୍କ ଅଭିଭାଷଣ ରଖିଥିଲେ।

# ଭାସବି କନ୍ୟାକା ପରମେଶ୍ୱରି ମନ୍ଦିରରେ ଚୋରି

ଜୟପୁର, ୦୫/୨ (ନି,ପ୍ର): ଜୟପୁର ମହାରାଣିପେଟା ସ୍ଥିତ ଭାସବି କନ୍ୟାକା ପରମେଶ୍ୱରି ମନ୍ଦିରରେ ଚୋରି । ଦୁର୍ବୃର୍ତ୍ତ ମାନେ ବିଳମ୍ବିତ ରାତ୍ର ରେ ମନ୍ଦିର ଭିତରେ ପସି ତାଲା ଭାଙ୍ଗି ଚୋରି କରିଛନ୍ତି। ଆଜି ସକାଳୁ ମନ୍ଦିର ପୁଜକ ମନ୍ଦିରକୁ ଖୋଲିବା ସମୟରେ ତାଲା ଭାଙ୍ଗି ଥିବା ଦେଖି ମନ୍ଦିର କମିଟିକୁ ସୁଚନା ଦେଇଥିଲେ । ମନ୍ଦିରର ଅଫିସ ରୁମ କୁ ଦୁର୍ବୃର୍ତମାନେ ଭାଙ୍ଗି ଥିବା ବେଳେ ଦେବି ବାସବି ଓ ଭଗବାନ ଶିବଙ୍କ ମନ୍ଦିରରେ ଥିବା ସୁନା ରୁପା ଗହଣା ଟଙ୍କା ଚୋରି ହୋଇଛି । ମନ୍ଦିରର ୨୧ ହଜାର ୨୪୪ ଟଙ୍କା, ସୁନା ୧୪ ଗ୍ରାମ, ରୁପା ୩୧୨ ଗ୍ରାମ, ସିସି କ୍ୟାମେରାର ଡିଭିଆର , ୩୫୦ ଗ୍ରାମର ରୁପାର ପୁଜା ଜିନିଷ , ୨ କେଜିର ରୁପା ମକର ତୋରଣ, ଶହେ ଗ୍ରାମର ଦୁଇଟି ରୁପା ମୁକୁଟ, ସୁନା ମଙ୍ଗଳ ସୁତ୍ର , ୩ ଶହ ଗ୍ରାମର ୨ଟି ଦେବିଙ୍କ ରୁପା ପାଦ, ରୁପା ତ୍ରିଶୁଳ, ଛତା ଆଦି ଚୋରି ହୋଇଥିବା ନେଇ ମନ୍ଦିର କମିଟିର ସଭାପତି ଭି ସତ୍ୟା ନାରାୟଣ ସମ୍ପାଦକ ଏସ ଭେଙ୍କଟ ରାମଣା ଜୟପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରେ ଜୟପୁର ଟାଉନ ଥାନା ଅଧିକାରି ରମଣୀ ରଞ୍ଜନ ଦଳେଇ ଘଟଣା ସ୍ଥଳରେ ପହଂଚି ତଦନ୍ତ କରିଛନ୍ତି ।

# ଇପିଏଫ ପେନସନର୍ସ ଆସୋସିଏସନ୍‌ର ବାର୍ଷିକ ବୈଠକ ଏବଂ କର୍ମକର୍ତ୍ତା ନିର୍ବାଚନ

ଜୟପୁର, ୦୫/୨ (ନି,ପ୍ର): ଜୟପୁର ଯାଦବ ଭବନ ଠାରେ କୋରାପୁଟ ଜିଲ୍ଲା ଶାଖା ଇପିଏଫ ପେନସନର୍ସ ଆସୋସିଏସନ୍ ର ବାର୍ଷିକ ବୈଠକ ଶ୍ରମିକ ନେତା ଯୁଧିଷ୍ଠିର ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ସାଧାରଣ ସମ୍ପାଦକ ପ୍ରଦୀପ ମହାନ୍ତି ସଂଗଠନର କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିବା ସହ ଇପିଏସ୍ - ୯୫ ଅନ୍ତର୍ଗତ ସମସ୍ତଙ୍କୁ ସର୍ବନିମ୍ନ ୯,୫୦୦ ଟଙ୍କା ମାସିକ ପେନସନ ଦେବା ସହ ସୁପ୍ରିମକୋର୍ଟ ନିର୍ଦ୍ଦେଶିତ ବର୍ଦ୍ଧିତ ପେନସନ ଲାଗୁ କରିବା ପାଇଁ ଆନ୍ଦୋଳନ ଜାରି ରହିବ ବୋଲି ଘୋଷଣା କରିଛନ୍ତି । ସଂଘ ର ସଭାପତି ନଳିନୀ ରଥ ସେବା କାଗଜ କଳର ଶ୍ରମିକ ମାନଙ୍କ ପି ଏଫ୍ ଟଙ୍କା କଲିକତାରୁ ବ୍ରହ୍ମପୁର ଆଂଚଳିକ ଅଫିସ୍ କୁ ସ୍ଥାନାନ୍ତର ପାଇଁ ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ଏବଂ ସିବିଟି ସଭ୍ୟ ସୁକୁମାର ଡାମଲେ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଆଜିର ସଭାରେ ଦାବୀ ହୋଇଛି ଯେ, ଇପିଏଫ ର ଏକ ଶାଖା କାର୍ଯ୍ୟାଳୟ ଜୟପୁର ଠାରେ ଖୋଲାଯାଇ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରେ କାର୍ଯ୍ୟରତ ଶ୍ରମିକ ମାନଙ୍କୁ ପିଏଫ୍ ଅନ୍ତର୍ଭୁକ୍ତ କରାଯାଉ । ଏହାସହ ଆଗାମୀ ବର୍ଷ ପାଇଁ ନୂତନ କର୍ମକର୍ତା ନିର୍ବାଚନ ପାଇଁ ପ୍ରସ୍ତାବ ଆଗତ କରିଥିଲେ । ଆଜିର ସଭାରେ ସର୍ବସମ୍ମତିକ୍ରମେ ନଳିନୀ ରଥ ସଭାପତି, ଉମାକାନ୍ତ ରଥ କାର୍ଯ୍ୟକାରୀ ସଭାପତି, ପି. ରାମବାବୁ ଓ ମୁଦି ରଥ ହୋତା ଉପ ସଭାପତି, ପ୍ରଦୀପ ମହାନ୍ତି ସାଧାରଣ ସମ୍ପାଦକ, ନାରାୟଣ ଦାଶ ସଂଗଠନ ସମ୍ପାଦକ, ଏମ୍ ଏନ୍ ରାଓ ଯୁଗ୍ମ ସମ୍ପାଦକ, ଦୁର୍ଗା ଶଙ୍କର ଦାଶ କୋଷାଧ୍ୟକ୍ଷ ନିର୍ବାଚିତ ହୋଇଥିବା ବେଳେ ଭୁବନେଶ୍ୱର ସାହୁ, ପିତବାସ ମିଶ୍ର, ଶ୍ରୀମତୀ ବୈଜୟନ୍ତୀ ପଣ୍ଡା, ଶ୍ରୀ ହରି ମିଶ୍ର, କିଶୋର ଚନ୍ଦ୍ର ପଣ୍ଡା ପ୍ରମୁଖ କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ବରିଷ୍ଠ ସାମ୍ବାଦିକ ପବନ କୁମାର ପାଣିଗ୍ରାହୀଙ୍କୁ ଗଣମାଧ୍ୟମ ଉପଦେଷ୍ଟା ଭାବେ ମନୋନୀତ କରାଯାଇଥିବା ବେଳେ ସର୍ବଶ୍ରୀ ରମେଶ ପାତ୍ର, ବି. କେ. ମହରଥା, ବି.ଏନ୍. ଜାଲି ଓ ଯୁଧିଷ୍ଠିର ରାଉଳଙ୍କୁ ଉପଦେଷ୍ଟା ଭାବେ ଗ୍ରହଣ କରାଯାଇଛି ।

# ଅଭିଯୋଗ କରିଥିବା ଚାଷୀ ଉଠାଇଲେ ଋଣ ଟଙ୍କା

କେନ୍ଦ୍ରାପଡ଼ା, ୦୫/୨ (ନି,ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଇନ୍ଦୁପୁର କୃଷି ସମବାୟ ସମିତିରେ ୨ ଜଣ ଚାଷୀଙ୍କର ଋଣ ମଞ୍ଜୁର ହୋଇଥିଲା। ଏମାନେ ଟଙ୍କା ନନେଇ ଟଙ୍କା ହଡପ ହୋଇଥିବା ୧୯ ତାରିଖ ଦିନ ଗଣ ମାଧ୍ୟମରେ ପ୍ରକାଶିତ ହୋଇ ଅଭିଯୋଗ ହୋଇଥିଲା । ଚାଷୀ ବିରେନ୍ଦ୍ର ବାରିକ ଓ ପ୍ରଭାତ ପରିଡାଙ୍କ ନାମରେ ଋଣ ମଞ୍ଜୁର ହୋଇ ସଂପାଦକ ୨ ଜଣଙ୍କର ଚେକ୍ ବ୍ୟାଙ୍କ କାଉଣ୍ଟର ରେ ପ୍ରଦାନ କରି ଚାଷୀ ଆସି ଟଙ୍କା ନେବେ ବୋଲି ପ୍ରକାଶ କରିଥିଲେ। କିନ୍ତୁ ବ୍ୟାଙ୍କର ବନ୍ଦ କରିବାର ସମୟ ଅତିକ୍ରମ କରିଯିବାରୁ କୋଷାଧ୍ୟକ୍ଷ ଚାଷୀ ଆସି ନଥିବା ଓ ଟଙ୍କା ନେଇ ନଥିବା ଶାଖା ପରିଚାଳକ ଙ୍କୁ ଜଣାଇଥିଲେ। ଶାଖା ପରିଚାଳକ ନିର୍ଦ୍ଦେଶ ମୁତାବକ ଏହି ୨ ଚାଷୀଙ୍କର ଅର୍ଥ ବ୍ୟାଙ୍କ ଟ୍ରେଜେରୀ ରେ ଗଚ୍ଛିତ ରଖିବା ପାଇଁ ଶାଖା ପରିଚାଳକ ତା ପରଦିନ ଏହି ୨ ଚାଷୀଙ୍କୁ ଟେଲିଫୋନ ମାଧ୍ୟମରେ ଯୋଗ ଯୋଗ କରିଥିଲେ ମଧ ଚାଷୀ ଆସି ବ୍ୟାଙ୍କରୁ ଟଙ୍କା ନେଇ ନଥିଲେ । ୭ ଦିନ ମଧରେ ଶାଖା ପରିଚାଳକ ପୋଷ୍ଟାଲ ମାଧ୍ୟମରେ ୨ ଜଣ ଚାଷୀଙ୍କୁ ଟଙ୍କା ଗ୍ରହଣ କରିବା ପାଇଁ ନୋଟିସ୍ ଦିଆଯାଇ ଥିଲା। ଚାଷୀ ୨ଜଣ ସେହି ନୋଟିସ୍ କୁ ଗ୍ରହଣ ନକରି ନୋଟିସ ଫେରାଇ ଦେଇଥିଲେ । ପରବର୍ତୀ ସମୟରେ ସେମାନେ ନିଜ ଭୁଲ ଅନୁତାପ କରି ଗତ ୨୩ ତାରିଖ ଦିନ ଚାଷୀ କେନ୍ଦ୍ରାପଡା ମୁଖ୍ୟ ଶାଖା ବ୍ୟାଙ୍କକୁ ଆସି ଟଙ୍କା ଗ୍ରହଣ କରିବା ପାଇଁ ଶାଖା ପରିଚାଳକଙ୍କୁ ଲିଖିତ ଅନୁରୋଧ କରିଥିଲେ। ପରେ ଶାଖା ପରିଚାଳକ ତାଙ୍କ ଲିଖିତ ଅଭିଯୋଗ କୁ ଗ୍ରହଣ କରି ଚାଷୀଙ୍କ ନିଜ ଆକାଉଣ୍ଟ ରୁ ଟଙ୍କା ଉଠାଇବାକୁ ନିର୍ଦ୍ଦେଶ ଦେଇଥିଲେ ।

# ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର: ଜିଲ୍ଲାସ୍କୁଲର ସଫଳତା

ପୁରୀ, ୦୫/୨ (ନି,ପ୍ର): କଳିଙ୍ଗ ଷ୍ଟାଡିୟମରେ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଶ୍ରେଷ୍ଠ ବିଦ୍ୟାଳୟ ବର୍ଗରେ ପୁରୀ ଜିଲ୍ଲା ସ୍କୁଲ୍ ନିଜର ପ୍ରାଧାନ୍ୟ ବିସ୍ତାର କରିପାରିଛି । ୨୦୧୮ ମସିହାରୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଥିବା ଜ୍ୟୋତିର୍ମୟୀ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟର ୯ମ ଓ ୧୦ମ ଶ୍ରେଣୀର ଛାତ୍ରଛାତ୍ରୀମାନେ ଖୁବ୍ ଉନ୍ନତ ମାନର ପ୍ରଦର୍ଶନ କରିପାରିଛନ୍ତି । ବିଦ୍ୟାଳୟରେ ଥିବା ୧୮ ଟି ସ୍ମାର୍ଟ ଶ୍ରେଣୀ ଗୃହରେ ଶିକ୍ଷା ଦାନ ସେମାନଙ୍କୁ ଏକ ସ୍ୱତନ୍ତ୍ର ସ୍ତରକୁ ନେଇ ପାରିଛି । ୫ମ ଶ୍ରେଣୀରୁ ଆରମ୍ଭ କରି ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଏଠାରେ ଥିବା ସ୍ମାର୍ଟ ବୋର୍ଡ ପିଲାମାନଙ୍କୁ ପାଠ ପ୍ରତି ମନୋଯୋଗୀ କରାଇବାରେ ଯଥେଷ୍ଟ ସହାୟକ ହେଉଛି ।୧୦ମ ଶ୍ରେଣୀରେ ଭଲ ଫଳ କରିବାପାଇଁ ପ୍ରାୟ ୪୦ ଜଣ ଛାତ୍ରଛାତ୍ରୀଙ୍କୁ ଚିହ୍ନଟ କରି ସେମାନଙ୍କୁ ସ୍ୱତନ୍ତ୍ର ଧରଣର ପ୍ରଶିକ୍ଷଣ ପ୍ରଦାନ କରାଯାଉଅଛି । ଯେଉଁମାନେ ପାଠରେ ଟିକିଏ ପଛୁଆ ସେମାନଙ୍କୁ ମଧ ବିଦ୍ୟାଳୟରେ ନିୟମିତ କ୍ଲାସ ବ୍ୟତୀତ ସ୍ୱତନ୍ତ୍ର ଭାବେ ଅଧିକ ସମୟ ଶିକ୍ଷା ଦାକରାଯାଉଅଛି। ବିଦ୍ୟାଳୟ କର୍ତୃପକ୍ଷ ୨୦୨୪ ଶିକ୍ଷା ବର୍ଷରେ ଅଧିକ ଇ-୧ ଗ୍ରେଡ୍ ଫଳାଫଳ ନିମନ୍ତେ ଏବେ ଠାରୁ ଉଦ୍ୟମ ଆରମ୍ଭ କରିଦେଇଛନ୍ତି । ବିଗତ କିଛି ବର୍ଷ ଧରି ବିଦ୍ୟାଳୟରେ ୧୦ମ ଶ୍ରେଣୀ ବୋର୍ଡ ପରୀକ୍ଷା ଫଳ ଶତପ୍ରତିଶତ ରହି ଆସୁଥିବାରୁ ଏହା ସେମାନଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ନିମନ୍ତେ ଅଧିକ ଯୋଗ୍ୟ ବିବେଚିତ କରିଥିଲା । ନିର୍ଦ୍ଧାରିତ ଷ୍ଟ୍ରାଟେଜି ଆପଣାଇ ସେମାନେ ଏହି ସଫଳତା ହାସଲ କରିପାରିଛନ୍ତି । ବିଦ୍ୟାଳୟରେ ଥିବା ଇ-ଲାଇବ୍ରେରୀ ସେମାନଙ୍କୁ ପାଠପଢା କ୍ଷେତ୍ରରେ ବେଶ୍ ମନୋଯୋଗୀ କରାଇ ପାରିଛି। ବିଶେଷ କରି ସ୍କ୍ରାଚିଂ କୋଡିଂ ଭଳି ପ୍ରଦର୍ଶନ ସେମାନଙ୍କ ବୌଦ୍ଧିକ ବିକାଶରେ ଅଧିକ ସହାୟକ ହେଉଛି । ପାଠ ଛଡ଼ା କ୍ରୀଡା କ୍ଷେତ୍ରରେ ମଧ ପୁରୀ ଜିଲ୍ଲା ସ୍କୁଲ୍ ଅନ୍ୟମାନଙ୍କ ଠାରୁ ଯଥେଷ୍ଟ ଆଗରେ ରହିପାରିଛି । ବିଦ୍ୟାଳୟ ଛୁଟି ପରେ ସନ୍ଧ୍ୟା ୭ ଟା ପର୍ଯ୍ୟନ୍ତ ଜିମ୍ନାଷ୍ଟିକ୍, ମାଲ୍ ଖମ୍ବ, ଖୋ ଖୋ ଓ କବାଡି ଭଳି ପାରମ୍ପରିକ କ୍ରୀଡା ସହ ଟେବୁଲ୍ ଟେନିସ, ଫୁଟବଲ ଓ କ୍ରିକେଟ ପରି ଖେଳ ମଧ ପିଲାମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଅଛି। ଉନ୍ନତ ଧରଣର ପ୍ରଶିକ୍ଷଣ ପାଇ ପିଲାମାନେ ଜିଲ୍ଲା ସ୍ତରରୁ ଆରମ୍ଭ କରି ରାଜ୍ୟ ସ୍ତର ପର୍ଯ୍ୟନ୍ତ ଉନ୍ନତ ପ୍ରଦର୍ଶନ କରିବାରେ ସଫଳ ହୋଇପାରିଛନ୍ତି । ନିୟମିତ ବ୍ୟବଧାନରେ ପିଲାମାନଙ୍କୁ କୋଚ୍ ମାନେ ତାଲିମ ପ୍ରଦାନ କରୁଛନ୍ତି। ଏଥି ସହିତ ଜିଲ୍ଲା ଶିକ୍ଷାଧିକାରୀ ଓ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପ୍ରଭୃତି ଙ୍କ ଉଦ୍ୟମ ଯୋଗୁଁ ପୁରୀ ଜିଲ୍ଲା ସ୍କୁଲରେ ଶିକ୍ଷାଦାନ ଉନ୍ନତି ର ଶୀର୍ଷ ସ୍ଥାନକୁ ଛୁଇଁ ପାରିଛି । ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବା ପରେ ସ୍ଥାନୀୟ ଜନସାଧାରଣ, ଅଭିଭାବକ ଓ ପୁରାତନ ଛାତ୍ର କମିଟି ପକ୍ଷରୁ ଆନନ୍ଦ ପ୍ରକାଶ ପାଇଛି।

# ଫିନିକ୍ସ ଏକାଡେମୀ ଆବାସିକ ଉଚ୍ଚ ବିଦ୍ୟାଳୟର ତ୍ରୟୋଦଶ ବାର୍ଷିକ ଉତ୍ସବ



ବାସୁଦେବପୁର, ୫/୨ (ନି.ପ୍ର): ଏକ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ଫିନିକ୍ସ ଚେରିଟେବୁଲ୍ ଟ୍ରଷ୍ଟ ଆନୁକୂଲ୍ୟରେ ବାସୁଦେବପୁର ଫିନିକ୍ସ ଏକାଡେମୀ ଆବାସିକ ଉଚ୍ଚ ବିଦ୍ୟାଳୟର ତ୍ରୟୋଦଶ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ କବି ଅନୁବାଦକ ତଥା ଫିନିକ୍ସ ଏକାଡେମୀ ଟ୍ରଷ୍ଟର ଚେୟାରମ୍ୟାନ ଅଭିମନ୍ୟୁ ବେହେରା ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ । ସମସ୍ତ ଅତିଥି ମହାପ୍ରଭୁ ଜଗନ୍ନାଥଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ଏବଂ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉତ୍ସବକୁ ଉଦଘାଟନ କରିଥିଲେ । ବାସୁଦେବପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ବର୍ତ୍ତମାନର ଛାତ୍ର ଛାତ୍ରୀ ମାନେ ଗୁରୁଜନ ମାନଙ୍କୁ ପ୍ରଣାମ କରିବା ସହିତ ପାଠ ପଢା କ୍ଷେତ୍ରରେ କଠୋର ପରିଶ୍ରମ ,ତ୍ୟାଗ ନିଷ୍ଠା ଓ ଏକାଗ୍ରତା ରକ୍ଷା କରି ପାରିଲେ ନିଶ୍ଚିତ ସଫଳତାର ଶୀର୍ଷ ସ୍ଥାନରେ ପହଞ୍ଚି ପାରିବେ । ଅନନ୍ତପୁର ସାରସ୍ୱତ ମହାବିଦ୍ୟାଳୟ ର ଅବସରପ୍ରାପ୍ତ ଅଧ୍ୟକ୍ଷ ଭାଗିରଥି ମହାନ୍ତି ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସାହିତ୍ୟ,ଶିକ୍ଷା , ସ୍ୱାଧୀନତା ସଂଗ୍ରାମ , ଓ ଐତିହି ସଂସ୍କୃତି ପରମ୍ପରା ସମ୍ପର୍କରେ ଆଲୋଚନା କରିଥିଲେ । ବିଶିଷ୍ଟ କବି ଓ ପ୍ରାବନ୍ଧିକ ସୁଧାଂଶୁ ଶେଖର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜ୍ଞାନ, ଧର୍ମ ଓ ଦର୍ଶନ ସମ୍ପର୍କରେ ଗଭୀର ଆଲୋକପାତ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଗବନ୍ଧୁ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ ଓ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ମୁଖପତ୍ର ସୃଜନୀ ଓ କବି ଅଭିମନ୍ୟୁ ବେହେରାଙ୍କ କ୍ଷୁଦ୍ର ନାଟକ କାଞ୍ଚି ଅଭିଯାନ ପୁସ୍ତକ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଫିନିକ୍ସ ବିଦ୍ୟାଳୟର ପୁରାତନ ଛାତ୍ର ଡାକ୍ତର ମୋହନ ସୁନ୍ଦର ବାରିକ୍, ଚାଟାର୍ଡ ଆକା ଉଣ୍ଟାଣ୍ଟ ରଞ୍ଜିତ ଦାସ, ଇଞ୍ଜିନିୟର ରାକେଶ ଘଡାଇ, କୃତି ଛାତ୍ରୀ ଭଦ୍ରା ନାୟକ ଓ ଛାତ୍ର ଅଂଶୁମାନ ମହାନ୍ତି ଙ୍କୁ ମାନପତ୍ର ଓ ଉପଢ଼ୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା । ଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବା ସହିତ ନାଟକ କାଞ୍ଚି ଅଭିଯାନ ମଞ୍ଚସ୍ଥ ହୋଇଥିଲା । ଫିନିକ୍ସ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ମହେଶ୍ୱର ଗାହାଣ, ସୁଧାଂଶୁ ଶେଖର ମୁଦୁଲି, ବିଜୟ ପାଣିଗ୍ରାହୀ, ସ୍ୱାଧି ଶର୍ମିଷ୍ଠା ଦାଶ, ଭଗ୍ୟଲକ୍ଷ୍ମୀ ଦାସ, ସୁକାନ୍ତ ଦାସ, କବିତା ପୁହାଣ, କମଳାକାନ୍ତ ରଣା, ଭାଗିରଥି ଦାସ, ମନତାରି ଖାତୁନ ଓ ଶିକ୍ଷା କର୍ମଚାରୀ ଜୟନ୍ତୀ ମହାନ୍ତି, ଗଜେନ୍ଦ୍ର ବାରିକ୍, ଲକ୍ଷ୍ମଣ ମଲିକ , ଧନୁର୍ଜୟ ମହାକୁଡ, ସରୋଜ ପାଢୀ ଓ ଶଙ୍କର୍ଷଣ ବାରିକ୍ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ । ଏହି ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ୍ ଦୁଃଶାସନ ରାଉତ, ଶିଳ୍ପପତି ମହେଶ ଦାସ, ରଙ୍ଗରାଗ ର ସମ୍ପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି, ଅଧ୍ୟାପକ ରାଜ କିଶୋର ବାରିକ୍, ଅମିୟ ମହାଳିକ, ଓ ବହୁ ସଂଖ୍ୟା ରେ ଶିକ୍ଷକ, ବୁଦ୍ଧିଜୀବୀ ଅଭିଭାବକ, ଜନସାଧାରଣ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ ଏବଂ ଏହି ଉତ୍ସବରେ ମନ୍ତ୍ର ମୁଗ୍ଧ ହୋଇଥିଲେ । ଫିନିକ୍ସ ବିଦ୍ୟାଳୟର ସମ୍ପାଦକ ଚନ୍ଦ୍ର ଶେଖର ବେହେରା ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆନ୍ଦୋଳନକୁ ଓହ୍ଲାଇଲେ ବେସରକାରୀ କଲେଜ ଅଧ୍ୟାପକ

ଭୁବନେଶ୍ୱର, ୫/୨ (ନି.ପ୍ର): ଅନୁଦାନ ପରିସରଭୁକ୍ତ କରିବା ଦାବିରେ ଲୋୟର ପିଏମଜିରେ ରଣହୁଙ୍କାର ଦେଇଛନ୍ତି ବେସରକାରୀ ଅଧ୍ୟାପକ। ରାଜ୍ୟର ବିଭିନ୍ନ ଅନୁଦାନ ଏବଂ ଅଣଅନୁଦାନ ମହାବିଦ୍ୟାଳୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ୨୦୦୮ ମସିହାରୁ ୨୦୧୮ ମସିହା ପର୍ଯ୍ୟନ୍ତ ଅଧ୍ୟାପକ ଏବଂ କର୍ମଚାରୀଙ୍କୁ ଅନୁଦାନ ପରିସରଭୁକ୍ତ କରିବା ଦାବି ନେଇ ସୋମବାର ଲୋୟର ପିଏମଜିରେ ଓଡ଼ିଶା ରାଜ୍ୟ ବେସରକାରୀ ଅଧାପକ ଓ କର୍ମଚାରୀ ମହାସଂଘ ପକ୍ଷରୁ ଏକାଦଶ ମହାସମାବେଶ ଅନୁଷ୍ଠିତ ହୋଇଛି। ମାତ୍ର ଗୋଟିଏ ଦାବି ନେଇ ମହାସଂଘ ୩ବର୍ଷ ହେବ ଲଗାତାର ଆନ୍ଦୋଳନ କରିଆସୁଥିଲେ ମଧ୍ୟ ସରକାର ଏଥିପ୍ରତି ଦୃଷ୍ଟି ନିକ୍ଷେପ କରୁନାହାନ୍ତି। ସରକାରଙ୍କ ଉଦାସୀନତା ଓ ନିଷ୍କ୍ରିୟତା ଯୋଗୁଁ ୫୦୦୦ରୁ ଉର୍ଦ୍ଧ ଅଧ୍ୟାପକ ଏବଂ କର୍ମଚାରୀଙ୍କ ଭବିଷ୍ୟତ ଅନ୍ଧାର ଭିତରକୁ ଠେଲି ହୋଇଯାଇଛି। ସରକାରଙ୍କର ପ୍ରଭାବଶାଳୀ ନେତା ମନ୍ତ୍ରୀଙ୍କ ସହିତ ଆଲୋଚନା ମୁଖ୍ୟମନ୍ତ୍ରୀ ଏବଂ ସମସ୍ତ ୧୪୭ ବିଧାୟକଙ୍କୁ ଦାବିପତ୍ର ଦିଆଯାଇଥିଲେ ମଧ୍ୟ ଫଳ ଶୂନ।

## କମଳାକାନ୍ତ ପାଣିଗ୍ରାହୀଙ୍କ ପ୍ରଥମ ପୁଣ୍ୟତିଥି



ଭଦ୍ରକ, ୫/୨ (ନି.ପ୍ର): ଏରଡା ଗ୍ରାମର ଆଧ୍ୟାତ୍ମବାଦୀ ସମାଜସେବୀ କମଳାକାନ୍ତ ପାଣିଗ୍ରାହୀଙ୍କ ପ୍ରଥମ ପୁଣ୍ୟତିଥି ଏରଡାସ୍ଥ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଡ. ଶଶଧର ଦାସ, ତ୍ୟାଗଭୂମି ସଭାପତି ଅଜୟ ନାୟକ, ସୁଧାକର ରାଉତ, କବି ଭରତ ଦାଶ, ଅଧ୍ୟକ୍ଷ ଅମୂଲ୍ୟ ପରିଡା, ବସନ୍ତ ବେହେରା, ଡା. ବିକାଶ ନନ୍ଦ, ଅଭିଜିତ୍ ନାୟକ, ଭକ୍ତରଂଜନ ମିଶ୍ର, ଡ. ଉତ୍ପଳା ନାୟକ, ଡ. ତୁହିନାଂଶୁ ରଥ ପ୍ରମୁଖ ଅତିଥି ରୂପେ ଯୋଗଦେଇ ସ୍ୱର୍ଗତ ପାଣିଗ୍ରାହୀଙ୍କ ଆବକ୍ଷ ପ୍ରତିମୂର୍ତ୍ତି ଓ ସ୍ମରଣିକା ‘କଥା ଓ କୋହରେ କମଳାକାନ୍ତ’ ଉନ୍ମୋଚନ କରିଥିଲେ। ଏହି ଅବସରରେ ଭଜନ ସମାରୋହ ‘ଭକ୍ତିଅର୍ଘ୍ୟ’ ସଙ୍ଗୀତ ସରଗମ୍‌ର ସରିତା ପଣ୍ଡା ଓ ସାଥିଙ୍କ ଦ୍ୱାରା ପରିବେଶିତ ହୋଇଥିଲା। ପବିତ୍ର ପାଣିଗ୍ରାହୀ, ନିଶିକାନ୍ତ ପାଣିଗ୍ରାହୀ, ଡା. ଦେବବ୍ରତ ପାଣିଗ୍ରାହୀ, ବୀରେନ୍ଦ୍ର ପଣ୍ଡା ଓ ସୌମ୍ୟଶ୍ରୀ ପାଣିଗ୍ରାହୀ ସମସ୍ତ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।


**ଦକ୍ଷିଣପୂର୍ବ ରେଳପଥ ଟେଣ୍ଡର**

ଇ-ଟେଣ୍ଡର ନୋଟିସ୍ ନମ୍ବର: ଇ-ଟେଣ୍ଡର / ୨୦୨୪/୦୪ ତା ୦୨.୦୨.୨୦୨୪ ଡିଭିଜନାଲ ରେଲୱେ ମ୍ୟାନେଜର (ଇଂ। **ସିରିଏଲ ନଂ, ଟେଣ୍ଡର ନମ୍ବର, କାର୍ଯ୍ୟଗୁଡ଼ିକର ବର୍ଣ୍ଣନା: (୧) A- KGP- HQ-01-2024,** ଖଡ଼ଗପୁର ଡିଭିଜନ୍ ଉପରେ ତାମୁଲକ୍-ଦିଗା ବିଭାଗର HEN-NCN ଷ୍ଟେସନ ମଧ୍ୟରେ ଗୋଲେବାଗଡା ଠାରେ ହଲ୍ଟ ଷ୍ଟେସନର ବିକାଶ । ) **୨) ଇ- କେଜିପି-ଇଷ୍ଟ-୦୪- ୨୦୨୪,** ସାନ୍ତ୍ରାଗାଚିର କାର୍ଯ୍ୟର କାର୍ଯ୍ୟକାରିତା - ଶ୍ରୀଯୁକ୍ତ ଡିଇଏନ / ଇଷ୍ଟ / କେଜିପି ଅଧୀନରେ ଥିବା ସାନ୍ତ୍ରାଗାଚି କୋଚିଂ ଡିପୋରେ ଡବ୍ଲୁସିଡି-୧ ର ନବୀକରଣ ଏବଂ ଯୋଗାଣ। KGP (3) E-KGP-South-03-2024, ADEN (ଦକ୍ଷିଣ) / KGP ଅଧୀନରେ ଜଳେଶ୍ୱରରେ ଅଧିକାରୀଙ୍କ ପାଇଁ ବିଶ୍ରାମ ଗୃହ ନିର୍ମାଣ । **ଟେଣ୍ଡର ମୂଲ୍ୟ:** ୧,୪୫,୧୭,୪୨୫.୨୩ (ସିରିଏଲ ନମ୍ବର ୧ ପାଇଁ), ୫,୩୭,୯୩,୫୪୧.୦୬ (ସିରିଏଲ ନମ୍ବର ୨ ପାଇଁ) ଏବଂ ୩,୦୬,୮୨,୯୦୮.୧୫ (ସିରିଏଲ ନମ୍ବର ୩ ପାଇଁ) । **ସର୍ବଶ୍ରେଷ୍ଠ ଟଙ୍କା:** ୨,୨୨,୬୦୦ / - (ସିରିଏଲ ନମ୍ବର ୧ ପାଇଁ), ଈ ୪,୧୯,୦୦୦/ - (ସିରିଏଲ ନମ୍ବର ୨ ପାଇଁ) ଏବଂ ୩,୦୩,୪୦୦ / - (ସିରିଏଲ ନମ୍ବର ୩ ପାଇଁ) । **ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ:** ପ୍ରତ୍ୟେକ ପାଇଁ ନିଲ୍ । **ଖୋଲିବାର ତାରିଖ:** ୧୬.୦୨.୨୦୨୪ (ସିରିଏଲ ନମ୍ବର ୧ ପାଇଁ), ୨୨.୦୨.୨୦୨୪ (ସିରିଏଲ ନମ୍ବର ୨ ପାଇଁ) ଏବଂ ୨୦.୦୨.୨୦୨୪ (ସିରିଏଲ ନମ୍ବର ୩ ପାଇଁ) । **କାର୍ଯ୍ୟର ସମାପ୍ତି ଅବଧି:** ୧୨ ମାସ (ସିରିଏଲ ପାଇଁ ନମ୍ବର ୧ ଏବଂ ୨ ପାଇଁ) ଏବଂ ୬ ମାସ (ସିରିଏଲ ନମ୍ବର ୩ ପାଇଁ) । **ବିଡିଂ ଆରମ୍ଭ ତାରିଖ:** ୦୨.୦୨.୨୦୨୪ ରୁ ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ । ୧୬.୦୨.୨୦୨୪ ରେ (ସିରିଏଲ ନମ୍ବର ୧ ପାଇଁ), ୦୮.୦୨.୨୦୨୪ ରୁ ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ । ୨୨.୦୨.୨୦୨୪ ରେ (ସିରିଏଲ ନମ୍ବର ୨ ପାଇଁ) ଏବଂ ୦୬.୦୨.୨୦୨୪ ରୁ ଏବଂ ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ । ୨୦.୦୨.୨୦୨୪ ରେ (ସିରିଏଲ ନମ୍ବର ୩ ପାଇଁ) । ଆଗ୍ରହୀ ଟେଣ୍ଡରଗୁଡିକ ୱେବସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା / ନିର୍ଦ୍ଦିଷ୍ଟତା ପାଇଁ ଏବଂ ଅନଲାଇନରେ ସେମାନଙ୍କର ବିଡ୍ ଦାଖଲ କରନ୍ତୁ । କୌଣସି କ୍ଷେତ୍ରରେ ଏହି କାର୍ଯ୍ୟଗୁଡ଼ିକ ପାଇଁ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **N.B:** ସମସ୍ତ ଟେଣ୍ଡରରେ ଭାଗ ନେବାକୁ ଆଶାକର୍ମୀମାନେ ନିୟମିତ ଭାବରେ **www.ireps.gov.in** ପରିଦର୍ଶନ କରିପାରିବେ ।

**(PR-1102)**


## ଜିଲ୍ଲା କାର୍ଯ୍ୟାଳୟରେ ମାସର ପ୍ରଥମ ମିଳିତ ଜନଶୁଣାଣି ଶିବିର



ଭଦ୍ରକ , ୫/୨ (ନି.ପ୍ର): ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସବୁ ମାସ ପରି ଚଳିତ ଫେବୃୟାରୀ ମାସର ପ୍ରଥମ ସୋମବାରରେ ଜିଲ୍ଲା କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଭଦ୍ରକ ଏସ୍.ପି. ବରୁଣ ଗୁଣ୍ଟୁପାଲି ଏହି ଶିବିରରେ ଯୋଗଦେଇ ସମୁଦାୟ ୧୭୮ ଟି ଅଭିଯୋଗର ଶୁଣାଣି କରିଛନ୍ତି। ସେଥି ମଧ୍ୟରେ ୧୬୬ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଓ ୧୨ଟି ସାମୂହିକ ସମସ୍ୟା ସମ୍ବନ୍ଧୀୟ ଥିଲା। ୫ଟି ଅଭିଯୋଗର ତତ୍‌କାଳ ସମାଧାନ କରାଯାଇଥିଲା। ସାମାଜିକ ସୁରକ୍ଷା ଯୋଜନାରେ +୨ ଶିକ୍ଷା ସମାପ୍ତ ପରେ ଉଚ୍ଚ ଶିକ୍ଷା ପାଇଁ ଅଧ୍ୟୟନ ଜାରି ରଖିଥିବା ୧୯ ଜଣ ଦୃଷ୍ଟି ବାଧିତଙ୍କୁ ଲାପଟପ୍ ପ୍ରଦାନ ପାଇଁ ମଞ୍ଜୁର କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୩ ଜଣ ଏହି ଶିବିରରେ ଜିଲ୍ଲାପାଳ, ଏସ୍.ପି. ଓ ଅନ୍ୟ ଉଚ୍ଚ ଅଧିକାରୀମାନଙ୍କ ଠାରୁ ଲାପ୍‌ଟପ୍ ଗ୍ରହଣ କରିଥିଲେ। ସେହିପରି ସମୁଦାୟ ଅଭିଯୋଗ ମଧ୍ୟରେ ୧୩ ଜଣ ଆବେଦନକାରୀଙ୍କୁ ରେଡ୍‌କ୍ରସ ଓ ସି.ଏମ୍.ଆର.ଏଫ୍.ରୁ ସମୁଦାୟ ଏକଲକ୍ଷ ୬୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ପାଇଁ ଜିଲ୍ଲାପାଳ ମଞ୍ଜୁର କରିଛନ୍ତି। ସି.ଏମ୍.ଆର୍.ଏଫ୍ ରୁ ଆଦମ୍‌ପୁରର ସ୍ୱାଧୀନତା ସଂଗ୍ରାମୀ ଶ୍ୟାମସୁନ୍ଦର ବେହେରା, ଗୁଆମାଳର ବଳରାମ ବିଶ୍ୱାଳ, ବେତରାର କବିତା ପାଣିଗ୍ରାହୀଙ୍କୁ ୨୫ ହଜାର ଲେଖାଏଁ, କୁଆଁସର ରମେଶ ଚନ୍ଦ୍ର ମହାନ୍ତି, ରମ୍ଭିଳାର ହିମାଂଶୁ ସାମଲଙ୍କୁ ୧୫ ହଜାର ଲେଖାଏଁ ଏବଂ ଅଲାଲପୁରର ଜବିର ଖାଁ, ଭଣ୍ଡାରିପୋଖରୀର ଭାସ୍କର ରାଉତ, ବାଲି ପୋଖରୀର ଲକ୍ଷ୍ମୀ ପଣ୍ଡା, ବିନାୟକ ପୁରର ଲକ୍ଷ୍ମୀପ୍ରୀୟା ଦାସଙ୍କୁ ୧୦ ଜହାର ଲେଖାଏଁ ୯ ଜଣଙ୍କୁ ସମୁଦାୟ ୧ ଲକ୍ଷ ୪୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ପାଇଁ ଜିଲ୍ଲାପାଳ ମଞ୍ଜୁର କରିଛନ୍ତି। ସେହିପରି ରେଡ୍‌କ୍ରସ ପାଣ୍ଠିରୁ ମିର୍ଜାପୁରର ମୁନି ବିବିଙ୍କୁ ୪ ହଜାର, ଚୁନିଦାର ବିଶ୍ୱନାଥ ବେହେରାଙ୍କୁ ୧୦ ହଜାର, ଧାମନଗରର ସତ୍ୟବ୍ରତ ନାୟକଙ୍କୁ ୩ ହଜାର, ଦେଉଳିର ଅର୍ଜୁନ ବେହେରାଙ୍କୁ ୩ ହଜାର ସମୁଦାୟ ୪ ଜଣଙ୍କୁ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ପାଇଁ ମଞ୍ଜୁର କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ, ସି.ଡ଼ି.ଓ. ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ମନୋଜ ପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର ଏହି ଶିବିରରେ ଯୋଗଦେଇ ଶୁଣାଣି କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ। ଜିଲ୍ଲା ସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀମାନେ ଏହି ଶିବିରରେ ଉପସ୍ଥିତ ରହି ଶୁଣାଣି ବେଳେ ଆବଶ୍ୟକ ମତେ ଜିଲ୍ଲାପାଳଙ୍କ ଠାରେ ତଥ୍ୟ ଉପସ୍ଥାପନ କରିଥିଲେ। ଡେପୁଟୀ କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଏବଂ ତନ୍ମୟ କୁମାର ଜେନା, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକ ଏହି ଶିବିରରେ ଅଭିଯୋଗ ଉପସ୍ଥାପନାରେ ସହଯୋଗ କରିଥିଲେ। ସାଧାରଣ ଓ ବିବିଧ ବିଭାଗର ଅଭିନେତ୍ରୀ ମହାନ୍ତି ଓ ଲିସାରାଣୀ ରାଉତ ଅଭିଯୋଗ ପଞ୍ଜିକରଣରେ ସହଯୋଗ କରିଥିଲେ।

## ଲୋକନାଥ ଦେବଙ୍କ ପଙ୍କୋଦ୍ଧାର ଓ ମହାଶିବରାତ୍ରି ବୈଠକ

ପୁରୀ, ୫/୨ (ନି.ପ୍ର): ମାର୍ଚ୍ଚ ମାସ ୮ ତାରିଖରେ ମହାଶିବରାତ୍ରି। ଲୋକନାଥ ପୀଠରେ ପ୍ରଭୁ ଲୋକନାଥ ଦେବଙ୍କ ପଙ୍କୋଦ୍ଧାର ଏକାଦଶୀ ଓ ଜାଗର ଯାତ୍ରାକୁ ସୁଚାରୁରୂପେ ପରିଚାଳନା ପାଇଁ ଏକ ବୈଠକ ଆଜି ଅପରାହ୍ନରେ ଉପଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା।ଏଥିରେ ଅଧ୍ୟକ୍ଷତା କରି ଉପଜିଲ୍ଲାପାଳ ଭବତାରଣ ସାହୁ ପଙ୍କୋଦ୍ଧାର ଏକାଦଶୀ ଓ ଜାଗର ଯାତ୍ରାରେ ବିପୁଳ ଜନସମାଗମ ହୋଇଥାଏ। ତେଣୁ ଚଳିତ ଯାତ୍ରାକୁ ଅତ୍ୟନ୍ତ ଶୃଙ୍ଖଳିତ ଭାବେ ପରିଚାଳନା ସହ ଯେପରି ଶ୍ରଦ୍ଧାଳୁ ମାନେ ଏକ ସୁଖଦ ଅନୁଭୂତି ନେଇ ଯିବେ ସେଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ମାର୍ଚ୍ଚ ୬ ତାରିଖରେ ହେବାକୁ ଥିବା ପଙ୍କୋଦ୍ଧର ଏକାଦଶୀ ଓ ଜାଗର ଯାତ୍ରାର ନିତୀକାନ୍ତି ସମୟ ନିର୍ଘଂଟର ସୂଚନା ଦେବା ସହ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସେ ଆଲୋକପାତ କରିଥିଲେ। ଆଇନ ଶୃଙ୍ଖଳା ରକ୍ଷା, ପାର୍କିଂ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ,ପରିଷ୍କାର ପରିଚ୍ଛନ୍ନତା,ପରିମଳ ବ୍ୟବସ୍ଥା, ବିଦ୍ୟୁତ ବ୍ୟବସ୍ଥା, ବ୍ୟାରିକେଡ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର, ଆମ୍ବୁଲାନ୍ସ ବ୍ୟବସ୍ଥା, ସୂଚନା କେନ୍ଦ୍ର ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇ ସଠିକ କାର୍ଯ୍ୟ ପରିଚାଳନା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ପଙ୍କୋଦ୍ଧାର ପାଇଁ ୬ ତାରିଖ ରାତ୍ର ୨ଟାରୁ ପହୁଡ଼ ଦ୍ୱାର ଖୋଲା, ରାତ୍ର ୩ଟାରୁ ମଙ୍ଗଳ ଆରତୀ, ଅବକାଶ ଇତ୍ୟାଦି, ରାତ୍ର ୪ ଟାରୁ ସକାଳ ୬ଟା ମଧ୍ୟରେ ସକାଳ ଧୂପ, ସକାଳ ୬ ରୁ ୭ ଟା ମଧ୍ୟରେ ମଧ୍ୟାହ୍ନ ଧୂପ, ୭ ଟାରୁ ୮ ଟା ମଧ୍ୟରେ ଏକାଦଶୀ ଦର୍ଶନ, ୮ଟାରୁ ଦିନ ୧୨ଟା ମଧ୍ୟରେ ପଙ୍କୋଦ୍ଧାର କାର୍ଯ୍ୟକ୍ରମ ଓ ମାଘ ସ୍ନାନ, ଦିବା ୧୨ଟାରୁ ରାତ୍ର ୯ଟା ସର୍ବସାଧାରଣ ଦର୍ଶନ ଓ ରାତ୍ର ୯ ଟାରୁ ରାତ୍ର ୧୧ଟା ମଧ୍ୟରେ ଧୂପ ଓ ଅନ୍ୟାନ୍ୟ ନୀତି ଏବଂ ବଡସିଂହାର ବେଶ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ସେହିପରି ୮ ତାରିଖରେ ରାତ୍ର ୧୨ଟା ୩୦ ରୁ ପହୁଡ଼ ଓ ଦ୍ୱାରଖୋଲା, ରାତ୍ର ୧ ଟାରୁ ୪ଟା ମଧ୍ୟରେ ମଙ୍ଗଳ ଆରତୀ, ଅବକାଶ, ସୂର୍ଯ୍ୟ ପୂଜା, ଭୋର ୪ ଟାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ, ରାତ୍ର୧୦ଟା ରୁ ରାତ୍ର ୨ଟା ପର୍ଯ୍ୟନ୍ତ ବିଭିନ୍ନ ନୀତି, ରାତ୍ର ୩ ଟାରୁ ହରିହର ପୂଜା, ଭୋଗ ସମ୍ପନ୍ନ, ବଡ ସିଂହାର ବେଶ ଓ ମହଦୀପ ଉଠିବାର କାର୍ଯ୍ୟକ୍ରମ ରହିଛି ବୋଲି ଶ୍ରୀ ସାହୁ ସୂଚନା ଦେଇଥିଲେ। ଶେଷରେ ସଦର ତହସିଲଦାର ଅଭିଷେକ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ, ସେବାୟତ ନିଯୋଗ, ପଙ୍କୋଦ୍ଧର ଏକାଦଶୀ ପାଳିଆ ସେବାୟତ ପ୍ରମୁଖ ଯୋଗ ଦେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ପରୀକ୍ଷା ପ୍ରଶ୍ନପତ୍ର ...

ଯଦି ସରକାରୀ ବାବୁମାନେ ମଧ୍ୟ ଏମାନଙ୍କ ସହ ମିଶିଥିବେ, ତା’ହେଲେ ସେମାନଙ୍କୁ ମଧ୍ୟ ସରକାର ଛାଡ଼ିବେ ନାହିଁ ବୋଲି ଶ୍ରୀ ସିଂହ କହିଛନ୍ତି। ରାଜସ୍ଥାନର ଶିକ୍ଷକ ନିଯୁକ୍ତି ପରୀକ୍ଷା, ହରିଆଣାରେ ଗ୍ରୁପ ଡି ପାଇଁ ସିଇଟି, ଗୁଜରାଟରେ ଜୁନିୟର କ୍ଲର୍କ ନିଯୁକ୍ତି ପରୀକ୍ଷା ଓ ବିହାରରେ କନଷ୍ଟେବଳ ନିଯୁକ୍ତି ପରୀକ୍ଷାରେ ବ୍ୟାପକ ଅନିୟମିତତା ହୋଇଥିଲା। ଏଥିପାଇଁ ପରୀକ୍ଷାକୁ ବାତିଲ ମଧ୍ୟ କରାଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ସରକାର ବିଲ୍ ଆଣିଛନ୍ତି।

### ଚର୍ଚ୍ଚାରେ ଉପସ୍ଥାପିକା....

ଏକାଧିକ ଥର ‘କଣ୍ଠକବି’ ବୋଲି ଉଚ୍ଚାରଣ କରିଥିଲେ। ଏହାକୁ ବିଭିନ୍ନ ବର୍ଗର ଲୋକେ ତୀବ୍ର ସମାଲୋଚନା କରିବା ପରେ ଉପସ୍ଥାପିକା ସଂହତି ପାଣି ଏହାକୁ ‘ସ୍ଲିପ୍ ଅଫ୍ ଟଙ୍ଗ୍’ ବୋଲି କହିବା ସହ ଭୁଲ ସ୍ୱୀକାର କରି ସୋଶାଲ୍ ମିଡିଆରେ ଏକ ପୋଷ୍ଟ କରିଥିଲେ। ଏବେ ଆଉ ସେହି ପୋଷ୍ଟ ଦେଖିବାକୁ ମିଳୁନାହିଁ। ତେବେ ସେ ଉକ୍ତ ପୋଷ୍ଟକୁ କାହିଁକି ଡିଲିଟ୍ କଲେ, ତାକୁ ନେଇ ପ୍ରଶ୍ନ ଉଠିଛି। କିନ୍ତୁ ଏନେଇ ସଂହତିଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆରମ୍ଭ ହୋଇଥିଲା। ତା’ର ଉଦଘାଟନ ସମାରୋହରେ ମୁଁ ଓଡ଼ିଶା ସରକାରଙ୍କ ତରଫରୁ ମାଷ୍ଟର ଅଫ୍ ସେରିମନି ଥିଲି। ଉଦଘାଟନ ସମାରହ ବେଳେ ମୁଁ ଭୁଲରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କୁ କଣ୍ଠକବି ବୋଲି କହିଦେଇ ଥିଲି। ଏଇଟା ଗୋଟେ ସ୍ଲିପ୍ ଅଫ ଟଙ୍ଗ୍ ଆଉ କୌଣସି ଉଦ୍ଦେଶ୍ୟ ନଥିଲା। ସେଥିପାଇଁ ମୁଁ ମୋର ଭୁଲଟାକୁ ବିନମ୍ର ଭାବରେ ସ୍ୱୀକାର କରୁଛି ଆଉ ମାନୁଛି। ଆଉ ସେଥିପାଇଁ ମୋର ମନଟାବି ବହୁତ କଷ୍ଟ ଅଛି। ଦୀର୍ଘ ୨୦ ବର୍ଷ ଧରି ମୁଁ ଉପସ୍ଥାନନା କାରୁଛି। ସେଥିରେ ପ୍ରାଇମିନିଷ୍ଟର, ପ୍ରେଶିଡେଣ୍ଟ ଅଫ୍ ଇଣ୍ଡିଆ ଆଉ ଆମର ଆଦରଣୀୟ ମୁଖ୍ୟମନ୍ତ୍ରୀଙ୍କର ପୋଗ୍ରାମ ରହିଛି...। ଆଉ ଆଜି ଯାଏ ଏହି ସ୍ଲିପ୍ ଅଫ ଟଙ୍ଗ୍ କେବେବି ହୋଇନାହିଁ। ଯେବେ ଆମେ ବହୁତ ବଡ଼ ମଞ୍ଚଉପରେ ଆଉ ହଜାର ହଜାର ଲୋକଙ୍କ ଆଗରେ ଉପସ୍ଥାପନା କରୁ, ଠିଆ ହୋଇ କଥା ହଉ ବ୍ୟାକ ଷ୍ଟେଜ୍ ?ରେ ଆମ ଉପରେ ବହୁତ ପ୍ରେସର ରୁହେ। .... ଗୋଟେ ସ୍ଲିପ୍ ଅଫ ଟଙ୍ଗ୍ କେବେ କେବେ ହୋଇଯାଏ। ଓଡ଼ିଶା ସରକାର ଆଉ ତାଙ୍କର ପୁରା ଟିମ୍ ? ଦିନ ରାତି ଧରି ତାଙ୍କର ସମୟ ଆଉ ବଳ ଲଗାଇ ଏହି ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜି କରୁଛନ୍ତି। ଆଉ ପ୍ରତ୍ୟେକ ଥର ଚେଷ୍ଟା କରୁଛନ୍ତି ଓଡ଼ିଶାର ଇମେଜ୍ ଆଉ ଓଡ଼ିଶାର ସଂସ୍କୃତି ଆଉ ଭାଷା ପୂରା ଦେଶ ଆଉ ବିଦେଶରେ ଲୋକପ୍ରିୟତା ଆଉ ସମ୍ମାନ ପାଉ। ଯେତେବେଳେ ଗୋଟେ ସ୍ଲିପ୍ ଅଫ ଟଙ୍ଗ୍ ନେଇକି ଟ୍ରୋଲି କରାଯାଉଛି ଆଉ ତାଚ୍ଛଲ୍ୟ କରାଯାଉଛି, ଏଇ ପୂରା ଚେଷ୍ଟା ଉପରେ ପାଣି ପଡ଼ିଯାଛି। ଆଉ ଗୋଟିଏ ନେଗେଟିଭ୍ ଇମ୍ପାକ୍ଟ ଆମ ଓଡ଼ିଶା ଉପରେ ପଡୁଛି। ସେଥିପାଇଁ ମୁଁ ଆପଣ ସମସ୍ତଙ୍କୁ ବିନମ୍ର ଭାବରେ ନିବେଦନ କରୁଛି କି, ଆପଣ ଓଡ଼ିଆ ଲୋକଙ୍କ ସାଙ୍ଗରେ ସମର୍ଥନ ରଖନ୍ତୁ। ଜଣ ଜଣଙ୍କ ସାଙ୍ଗରେ ଯୋଡ଼ି ରୁହନ୍ତୁ। କାହିଁକିନା ଯଦି ଭାଷା ଯୋଡ଼େ ତା’ହେଲେ ଭାଷା ଅଲଗା ବି କରେ। ସେଥିପାଇଁ ମୁଁ ଚାହୁଁଛି ଆପଣ ସମସ୍ତେ ମିଶିକି ଏଟାକୁ ସପୋର୍ଟ କରନ୍ତୁ। ଆଉ ଓଡ଼ିଆ ଭାଷା ସମ୍ମିଳନୀ ଆଉ ଆମ ଓଡ଼ିଆ ଭାଷାକୁ ଗୋଟେ ବହୁତ ଭଲ ସମ୍ମାନ ଆଉ ଲୋକପ୍ରିୟତା ଦେଶ ବିଦେଶରେ ପହଞ୍ଚାନ୍ତୁ।

### ଆମ୍ବେଦକରଙ୍କ ନାଁରେ....

ପାଇବେ, ସେ ଦିଗରେ ସାରା ଜୀବନ ସେ କାର୍ଯ୍ୟ କରିଥିଲେ। ବାବା ସାହେବ ଆମ୍ବେଦକରଙ୍କ ଆଦର୍ଶ ଓ ଦେଶ ଗଠନରେ ତାଙ୍କର ମହାନ ଅବଦାନ ବିଷୟରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ବରମୁଣ୍ଡା ବସଷ୍ଟାଣ୍ଡରେ ୯୦୦ ବର୍ଗ ଫୁଟ ଅଞ୍ଚଳରେ ଏକ ସ୍ୱତନ୍ତ୍ର ଗ୍ୟାଲେରୀ ନିର୍ମାଣ କରାଯିବ। ଡିଜିଟାଲ ଜ୍ଞାନକୌଶଳର ବ୍ୟବହାର ଜରିଆରେ ଡକ୍ଟର ଆମ୍ବେଦକରଙ୍କ ଜୀବନୀ ଓ ଆଦର୍ଶକୁ ଏଠାରେ ସୁନ୍ଦର ଭାବରେ ଉପସ୍ଥାପିତ କରାଯିବ।ଭାରତୀୟ ସମ୍ବିଧାନର ଏକ ନକଲ ସହିତ ବାବା ସାହେବ ଦ୍ୱାରା ବ୍ୟବହୃତ ବିଭିନ୍ନ ଜିନିଷ ମଧ୍ୟ ଏଠାରେ ପ୍ରଦର୍ଶିତ ହେବ। ବରମୁଣ୍ଡାରେ ୧୫.୫ ଏକର ପରିମିତ ଜମିରେ ନୂଆ ବସଷ୍ଟାଣ୍ଡ ନିର୍ମାଣ କରାଯାଇଛି। ଏଠାରେ ଯାତ୍ରୀମାନଙ୍କ ପାଇଁ ବିଭିନ୍ନ ସୁବିଧା ସୁଯୋଗ କରାଯାଇଛି।

### ପ୍ରତି ୫ ବର୍ଷରେ ଥରେ....

ହୋଇ ନାହିଁ ନୁହେଁ ଏହି ସମ୍ମିଳନୀ ମାଧ୍ୟମରେ ଓଡ଼ିଆ ବରପୁତ୍ରମାନଙ୍କ ଗାଥା ଏବଂ ଓଡିଆ ଭାଷା ସାହିତ୍ୟର ପତ୍ରପତ୍ରିକାଗୁଡ଼ିକ ବିଷୟରେ ଜାଣିବା ପାଇଁ ଏକ ୱାକ୍ ? ଥ୍ରୋ ମ୍ୟୁଜିୟମ ପ୍ରସ୍ତୁତ କରାଯାଇଛି। ଏହି ମ୍ୟୁଜିୟମରେ ବରପୁତ୍ର ମାନଙ୍କର ପ୍ରତିମୂର୍ତ୍ତିକୁ ସ୍ଥାନିତ କରାଯାଇଛି । ଏହା ସହିତ ବିଭିନ୍ନ ସାହିତ୍ୟ ପତ୍ରପତ୍ରିକା, ପୁରୁଣା ପ୍ରିଣ୍ଟିଂ ମେସିନ, ଏବଂ ଭାରତ ଛାଡ ଆନ୍ଦୋଳନ ସମୟ କଥା ମଧ୍ୟ ପ୍ରଦର୍ଶିତ କରାଯାଇଛି । ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ପାଇଁ ସଜେଇ ହୋଇଛି ଅକ୍ଷରଭୂମି ।

### ୧୫ ହଜାର ଟଙ୍କା...

ଯୋଜନା ପ୍ରକାରେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଥିଲା। ଲାଞ୍ଚ ନେଇ ଧରାପଡ଼ିବା ପରେ ଭିଜିଲାନ୍ସ ପକ୍ଷରୁ ରେଭିନ୍ୟୁ ସୁପରଭାଇଜର ଅକ୍ଷୟ କୁମାର ନାଏକଙ୍କ ଦୁଇଟି ଠିକଣାରେ ଚଢ଼ାଉ କରାଯାଇଥିଲା। ସେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହରେ ଏହି ଚଢ଼ାଉ କରାଯାଇଥିଲା। ଭିଜିଲାନ୍ସ ପକ୍ଷରୁ ତାଙ୍କ ନାଁରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ କରାଯାଉଛି।

### ସଂସଦରେ ଦମ୍ଭୋକ୍ତି ...

ରାହୁଲ ଗାନ୍ଧିଙ୍କ ନାଁ ନ ନେଇ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ଗୋଟିଏ ଦ୍ରବ୍ୟକୁ ବାରମ୍ବାର ଲଞ୍ଚ କରିବା ଲକ୍ଷ୍ୟରେ ଏବେ କଂଗ୍ରେସର ଦୋକାନ ବନ୍ଦ ହେବାକୁ ବସିଲାଣି। ଯେତେବେଳେ ଗୋଟିଏ ପରିବାର ଓ ଏହାର ସଦସ୍ୟମାନେ ଦଳର ନିଷ୍ପତ୍ତି ନିଅନ୍ତି, ତାକୁ ପରିବାରବାଦ କୁହାଯାଏ। ପରିବାର ଦ୍ୱାରା ପରିଚାଳିତ ଦଳ ଗଣତନ୍ତ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ ବୋଲି ମୋଦି କହିଛନ୍ତି।

### ୨୦୨୪ ଡିସେମ୍ବର ସୁଦ୍ଧା ....

ରାଜ୍ୟପାଳ ରଘୁବର ଦାସ କହିଛନ୍ତି, ଗତ ୧୭ ଜାନୁଆରୀରେ ୮୦୦ କୋଟି ବ୍ୟୟରେ ହୋଇଥିବା ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ପାଇଁ ସରକାରଙ୍କୁ ଧନ୍ୟବାଦ। ପୁରୀ ପରିକ୍ରମା ପ୍ରକଳ୍ପ ଜରିଆରେ ଭକ୍ତଙ୍କୁ ଆଧ୍ୟାତ୍ମିକ ଅନୁଭବ ଦେବା ସହ ସେମାନଙ୍କ ପାଇଁ ଅନେକ ସୁବିଧା ଯୋଗାଇ ଦିଆଯାଇଛି। ଶ୍ରୀମନ୍ଦିର ଠାରୁ ୭୫ ମିଟର ଯାଏଁ ହୋଇଥିବା ପରିକ୍ରମା ପ୍ରକଳ୍ପ ଦ୍ୱାରା ଭକ୍ତମାନେ ଆଧ୍ୟାତ୍ମିକ ଅନୁଭୂତି ହାସଲ କରୁଛନ୍ତି। ଏହି ପ୍ରକଳ୍ପ ଭକ୍ତଙ୍କୁ ସମସ୍ତ ପ୍ରକାର ସୁବିଧା ପ୍ରଦାନ କରିବା ସହ ମନ୍ଦିରର ସୁରକ୍ଷା ଦିଗରେ ବଡ଼ ଭୂମିକା ତୁଲାଇବ। ପୁରୀକୁ ଭକ୍ତଙ୍କ ଆଗମନ ପାଇଁ ରାଜ୍ୟ ସରକାର ପ୍ରତି ଜିଲ୍ଲାରୁ ଲକ୍ଷ୍ମୀ ଏକ୍ସପ୍ରେସ ବସ୍ ସେବା ଆରମ୍ଭ କରିଛନ୍ତି। ଦୂରଦୂରାନ୍ତରରୁ ଆସୁଥିବା ଭକ୍ତଙ୍କ ପାଇଁ ଯେପରି କୌଣସି ସମସ୍ୟା ଦେଖା ନଦେବ ସେଥିପାଇଁ ପରିକ୍ରମା ପ୍ରକଳ୍ପ ଭଳି ଦୂରଦୃଷ୍ଟି ସମ୍ପନ୍ନ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର । ଓଡ଼ିଆଙ୍କ ଆସ୍ଥାର ପ୍ରତୀକ ଶ୍ରୀମନ୍ଦିରର ଅଭୂତପୂର୍ବ ପରିବର୍ତ୍ତନ ସହ ଐତିହ୍ୟ ଓ ସଂସ୍କୃତିକୁ ସୁରକ୍ଷିତ ଓ ସଂରକ୍ଷିତ ରଖିବା ପାଇଁ ରାଜ୍ୟର ଧର୍ମାନୁଷ୍ଠାନ ଗୁଡିକର ରୂପାନ୍ତରଣ କାମକୁ ପ୍ରାଥମିକତା ଦେଇଛନ୍ତି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପରେ ରାଜ୍ୟ ସରକାର ମା’ ସମଲେଇ ପ୍ରକଳ୍ପକୁ ମଧ୍ୟ ଲୋକାର୍ପିତ କରିଛନ୍ତି। ୨୦୦ କୋଟି ଟଙ୍କା ଖର୍ଚ୍ଚରେ ପଶ୍ଚିମ ଓଡ଼ିଶାର ପ୍ରତିଷ୍ଠିତ ମନ୍ଦିର ମା’ ସମଲେଇ ମନ୍ଦିରର ନବକଳେବର କରିଥିବାରୁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ରାଜ୍ୟପାଳ ରଘୁବର ଦାସ। ସେହିଭଳି ୨୮୦ କୋଟି ଟଙ୍କା ଖର୍ଚ୍ଚରେ ଲିଙ୍ଗରାଜ ମନ୍ଦିରର ଚତୁଃପାଶ୍ୱର୍ର ବିକାଶ କରିଛନ୍ତି। ବିଭିନ୍ନ ଐତିହ୍ୟସ୍ଥଳୀର ବିକାଶକୁ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ଆମ ଓଡ଼ିଶା, ନବୀନ ଓଡ଼ିଶା ଏକ ଅନନ୍ୟ ପଦକ୍ଷେପ। ରାଜ୍ୟ ସରକାର ଗ୍ରାମୀଣ ଓଡ଼ିଶାର ଦ୍ରୁତ ବିକାଶ ଓ ଗ୍ରାମାଞ୍ଚଳର ଅଭିବୃଦ୍ଧି ପାଇଁ ବିକାଶମୂଳକ ପଦକ୍ଷେପ ନେଇଛନ୍ତି। ଏହାଦ୍ୱାରା ଗ୍ରାମୀଣ ବିକାଶ ସହ ଇଣ୍ଟରନେଟ ସୁବିଧା, ଡିଜିଟାଲ ସୁବିଧା, ସଂସ୍କୃତିର ପ୍ରଚାର ପ୍ରସାର ଓ କ୍ରୀଡ଼ାକୁ ପ୍ରୋତ୍ସାହନ ଦେଉଛନ୍ତି ରାଜ୍ୟ ସରକାର ।

### ରାଲି, ନିର୍ବାଚନୀ ପ୍ରଚାରରେ....

ନିର୍ବାଚନ ସମ୍ବନ୍ଧୀୟ କୌଣସି ବି କାମରେ ଛୋଟ ପିଲାମାନେ ସାମିଲ ହେଇପାରିବେନି । ଛୋଟ ପିଲାଙ୍କ ଦ୍ୱାରା କବିତା ପାଠ କରାଇବା, ନାରା ବାଜି କରାଇବା, ରାଜନୈତିକ ଦଳର ପତାକା ଧରାଇବା ଭଳି କାମ ଛୋଟ ପିଲାମାନେ କରିବେ ନାହିଁ । ଯଦି କୌଣସି ରାଜନୈତକ ଦଳ ନିର୍ବାଚନ ପ୍ରଚାରରେ ଛୋଟ ପିଲାଙ୍କୁ ସାମିଲ କରେ, ତେବେ ସେହି ଦଳ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନିର୍ବାଚନ ଆୟୋଗ କହିଛନ୍ତି । ବାଳଶ୍ରମ ଆଇନ୍ ଜରିଆରେ ରାଜନୈତିକ ଦଳମାନଙ୍କୁ ଏଥିପାଇଁ ଦଣ୍ଡବିଧାନ କରାଯିବ । ଜିଲ୍ଲା ନିର୍ବାଚନ ଅଧିକାରୀ, ରିଟର୍ଣ୍ଣିଂ ଅଫିସରଙ୍କୁ ଏହାର ଦାୟିତ୍ୱ ଦିଆଯାଇଛି । ତେବେ ଯଦି କୌଣସି ଛୁଆ ତା ବାପା ମାଆଙ୍କ ସହିତ ରହିଛି, ତେବେ ଏହାକୁ ଏହି ନିୟମରେ ଅନ୍ତର୍ଭୁକ୍ତ କରାଯିବ ନାହିଁ ।

## ଗୋଟିଏ ଦିନରେ ୭୯ଟି ରେକ୍ରେ ପଣ୍ୟ କାରବାର କରି ରେକର୍ଡ ସୃଷ୍ଟି କଲା ପାରାଦୀପ ବନ୍ଦର

ପାରାଦୀପ, ୫/୨ (ନି.ପ୍ର): ଫେବୃୟାରୀ ମାସ ୪ ତାରିଖ ଦିନ ପାରାଦୀପ ବନ୍ଦର ୭୯ଟି ରେକ୍ରେ ପଣ୍ୟ କାରବାର କରି ରେକର୍ଡ ସୃଷ୍ଟି କରିଛି। ଏହା ଗୋଟିଏ ଦିନରେ ସର୍ବାଧିକ ରେକ୍ ବୋଲି ପାରାଦୀପ ବନ୍ଦର ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରେସ୍ ଇସ୍ତାହାରରୁ ସୂଚନା ମିଳିଛି। ୨୮ ଗୋଟି ରେକ୍ ବନ୍ଦର ମଧ୍ୟରୁ ଯାଇଥିବା ବେଳେ ୫୧ଟି ରେକ୍ ବନ୍ଦର ମଧ୍ୟକୁ ଆସିଥିଲା। ଗତ ବର୍ଷ ଫେବୃୟାରୀ ମାସ ୧୮ ତାରିଖ ଦିନ ୭୫ଟି ରେକ୍ରେ ପଣ୍ୟ କାରବାର ହୋଇଥିଲା। ଚଳିତ ବର୍ଷ ଏହି ରେକର୍ଡକୁ ଭାଙ୍ଗି ନୂଆ ରେକର୍ଡ ସୃଷ୍ଟି ହୋଇଥିବା ନେଇ ସୂଚନା ମିଳିଛି। ଏହି ସଫଳତା ପରେ ଅଧ୍ୟକ୍ଷ ପି.ଏଲ୍.ହରନାଦ ପାରାଦୀପ ବନ୍ଦର ଟିମ୍ ଅଭିନନ୍ଦନ ଜଣାଇଛନ୍ତି। ଏହି ସଫଳତା ହାସଲ ପଛରେ ଷ୍ଟେକ୍ ହୋଲଡରମାନଙ୍କୁ ଅଧ୍ୟକ୍ଷ ଶ୍ରୀ ହରନାଦ ଶୁଭେଚ୍ଛା ଜଣାଇଛନ୍ତି।

ମଙ୍ଗଳବାର, ଫେବୃଆରୀ ୬, ୨୦୨୪

# ଧ୍ୱନି ପ୍ରତିଧ୍ୱନି


## ଫିରିଙ୍ଗିଆ ଆଇଆଇସିଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ: ତଦନ୍ତ କରିବ କ୍ରାଇମବ୍ରାଞ୍ଚ ଟିମ୍

ଭୁବନେଶ୍ୱର, ୫/୨ (ନି.ପ୍ର): ଫିରିଙ୍ଗିଆ ଥାନା ଆଇଆଇସିଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ । କ୍ରାଇମବ୍ରାଞ୍ଚର ଟିମ୍ ଫିରିଙ୍ଗିଆରେ ପହଞ୍ଚି ତଦନ୍ତ କରିବ ଓ ଏଭଳି ସଙ୍ଗୀନ ଅଭିଯୋଗ ଆଇଆଇସିଙ୍କ ବିରୋଧରେ ଆସିଛି । ତାହା ପୁଣି ଖୋଦ୍ ଜଣେ ମହିଳା ଏସଆଇ କରିଛନ୍ତି । ପୋଲିସର ବର୍ଦ୍ଦିରେ ପୁଣି ଲାଗିଲା କଳଙ୍କର ଛିଟା । ଫିରିଙ୍ଗିଆ ଥାନା ଆଇଆଇସି ରମେଶ ପ୍ରଧାନଙ୍କ ବିରୋଧରେ ରାଜ୍ୟ ପୋଲିସର କାର୍ଯ୍ୟରତ ଜଣେ ମହିଳା ଏସଆଇ ଦୁଷ୍କର୍ମ ଭଳି ସଙ୍ଗୀନ ଅଭିଯୋଗ ଆଣିଛନ୍ତି । ସୋମବାର କ୍ରାଇମବ୍ରାଞ୍ଚର ଏକ ସ୍ୱତନ୍ତ୍ର ଟିମ୍ ଫିରିଙ୍ଗିଆରେ ପହଞ୍ଚି ତଦନ୍ତ କରିବ ବୋଲି ସୂଚନା ରହିଛି କ୍ଷ ମହିଳା ଏସଆଇଙ୍କ ଅଭିଯୋଗ ପରେ ରାଜ୍ୟ ପୋଲିସ ମାମଲା ରୁଜୁ କରିନଥିବା ବେଳେ ଏନେଇ ମହିଳା ଏସଆଇ ଜଣଙ୍କ ଜାତୀୟ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ । କମିଶନଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ପୋଲିସ ଡ଼ିଜି ଇନଚାର୍ଜଙ୍କ ନିର୍ଦ୍ଦେଶ ପରେ ରାଜ୍ୟ କ୍ରାଇମବ୍ରାଞ୍ଚରେ ଏକ ମାମଲା ରୁଜୁ ହୋଇଛି । ମାମଲାର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିବା ଜଣାପଡ଼ିଛି । ମାମଲାର ତଦନ୍ତ ପରେ ଯଦି ଆଇଆଇସି ବିରୋଧରେ ପ୍ରମାଣ ମିଳେ ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗଣମାଧ୍ୟମକୁ ଡ଼ିଜି ଇନଚାର୍ଜ ଅରୁଣ ଷଡଙ୍ଗୀ ସୂଚନା ଦେଇଛନ୍ତି ।

ସୂଚନାଯୋଗ୍ୟ ଯେ, ୨୦୧୯ ମସିହାରେ ଗଞ୍ଜାମରେ ମହିଳା ଏସଆଇ ଜଣଙ୍କ ଥିବାବେଳେ ତାଙ୍କ ଉପରିସ୍ଥ ଅଫିସର ଆଇଆଇସି ରମେଶ ପ୍ରଧାନ ଦୁଷ୍କର୍ମ କରିଥିବା ନେଇ ଅଭିଯୋଗ ହୋଇଥିଲା । ସରକାରୀ କ୍ୱାର୍ଟରରେ ମହିଳା ଏସଆଇଙ୍କୁ ଦୁଷ୍କର୍ମ କରିଥିବା ନେଇ ଅଭିଯୋଗ ହୋଇଥିଲା । ହେଲେ ସବୁ ସ୍ତରରେ ଉଦ୍ୟମ ପରେ ମଧ୍ୟ ପୋଲିସ ମାମଲା ରୁଜୁ କରିନଥିଲା । ପରେ ମହିଳା ଏସଆଇ ଜଣଙ୍କ ଘଈଜଉଙ୍କ ଦ୍ୱାରସ୍ଥ ହୋଇଥିଲେ ।

## ଜିଲ୍ଲାସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ



ବାଲେଶ୍ୱର, ୫/୨ (ନି.ପ୍ର): ମାତୃଭାଷା ଓଡ଼ିଆକୁ ସମଗ୍ର ବିଶ୍ୱରେ ଲୋକପ୍ରିୟ କରାଇବା ସହ ଏହାର ସଂରକ୍ଷଣ କରିବା ନିମନ୍ତେ ଚଳିତ ମାସ ୩ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ପ୍ରଥମ ଓଡ଼ିଆ ଭାଷା ସମ୍ମିଳନୀ-୨୦୨୪ ଆୟୋଜିତ କରାଯାଉଅଛି । ଏହି ପରିପ୍ରେକ୍ଷୀରେ ରାଜ୍ୟର ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକରେ ବିଦ୍ୟାଳୟ, ବ୍ଲକ ଓ ଜିଲ୍ଲାସ୍ତରୀୟ ଉତ୍ସବ ଆୟୋଜିତ କରାଯାଇଛି ଯେଉଁଥିରେ ଦୈନନ୍ଦିନ ଯୋଗାଯୋଗ ପ୍ରକ୍ରିୟା ଏବଂ ଶୈକ୍ଷିକ କାର୍ଯ୍ୟକଳାପରେ ଓଡ଼ିଆ ଭାଷାର ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା ଓ ଏଥିସହିତ ଓଡ଼ିଆ ଭାଷା ଓ ସଂସ୍କୃତି ସଂରକ୍ଷଣ ତଥା ପ୍ରଚାର ପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗର୍ବ ଓ ଦାୟିତ୍ୱବୋଧ ଜାଗ୍ରତ କରିବା ଓ ଶିକ୍ଷକ-ଶିକ୍ଷୟିତ୍ରୀ, ପୁରାତନ ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କ ମଧ୍ୟରେ ଏକତାର ଭାବନା ଜାଗ୍ରତ କରିବା ଉଦ୍ଦେଶ୍ୟରେ ଏହି ତିନିଦିନିଆ ଉତ୍ସବ ଆୟୋଜିତ ହୋଇଥିଲା । ବାଲେଶ୍ୱର ଜିଲ୍ଲାରେ ମଧ୍ୟ ଅନୁରୂପ ଭାବରେ ଏହି ଜିଲ୍ଲାସ୍ତରୀୟ ଓଡ଼ିଆ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି ଓ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଦୁର୍ଗା ଗାର୍ଡେନ ପରିସରରେ ପୂର୍ବାହ୍ନ ଘ. ୧୦.୩୦ ମି ସମୟରେ ଉଦ୍ଘାଟିତ ହୋଇଥିବା ଏହି ଉତ୍ସବରେ ଚଳିତ ମାସ ୩ ଓ ୪ ତାରିଖରେ ଅନୁଷ୍ଠିତ ହୋଇଥିବା ବିଦ୍ୟାଳୟ ତଥା ବ୍ଲକସ୍ତରୀୟ ସ୍ପର୍ଦ୍ଧାରେ କୃତିତ୍ୱ ଅର୍ଜନ କରିଥିବା ୧୨ ଗୋଟି ବ୍ଲକରେ କୃତି ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ଓ ସଭା ପ୍ରାରମ୍ଭରେ ଉପସ୍ଥିତ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ପୁରାତନ ଛାତ୍ରଛାତ୍ରୀ ଏବଂ ଅଭିଭାବକମାନେ ମିଳିତ ସ୍ୱରରେ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ଗାନ କରିଥିଲେ ଓ ବ୍ଲକ ସ୍ତରରେ ମନୋନୀତ ହୋଇଥିବା ସର୍ବୋତ୍ତମ ପ୍ରକଳ୍ପ ଗୁଡିକ ଆଜିର ଉତ୍ସବରେ ପ୍ରଦର୍ଶିତ କରାଯାଇଥିଲା ଓ ସେହି ଭଳି ପ୍ରତିଯୋଗୀଙ୍କ ମଧ୍ୟରେ ଓଡ଼ିଆ ଭାଷା, ସାହିତ୍ୟ, ଇତିହାସ, ସଂସ୍କୃତି ଓ ପରମ୍ପରା ଉପରେ କୁଇଜ, ଚିତ୍ରାଙ୍କନ ଓ ବିତର୍କ ପ୍ରତିଯୋଗିତା ଆୟୋଜିତ କରାଯାଇଥିଲା ଓ ବ୍ଲକ ସ୍ତରରୁ ମନୋନୀତ ହୋଇଥିବା କୃତି ଛାତ୍ରଛାତ୍ରୀଙ୍କ ଲେଖା, କବିତା, ଚିତ୍ର, ହସ୍ତଶିଳ୍ପ, ପ୍ରକଳ୍ପ ଇତ୍ୟାଦି ପ୍ରଦର୍ଶିତ ହେବା ସହିତ ପ୍ରସିଦ୍ଧ ଓଡ଼ିଆ ପୁସ୍ତକ ଓ ଓଡ଼ିଶାର ବିଭିନ୍ନ କଳା, ସାହିତ୍ୟ, ସଙ୍ଗୀତ, ନୃତ୍ୟ ଏବଂ ଐତିହାସିକ କଳାକୃତିର ପ୍ରଦର୍ଶନ କରାଯାଇଥିଲା । ଉତ୍ସବର ଦ୍ୱିତୀୟାର୍ଦ୍ଧରେ ଅପରାହ୍ନ ଘ.୩ ସମୟରେ ଉଦଯାପନୀ ସଭା ଅନୁଷ୍ଠିତ ହୋଇଥିଲା ଓ ଏଥିରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ଧରଣୀଧର ପାତ୍ର, ସାହିତ୍ୟିକ ଓ ବ୍ୟାକରଣବିତ୍ ଶ୍ରୀ ନିରଞ୍ଜନ ସାହୁ, ଓଡିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ଡ଼. ଭାଗବତ ପ୍ରସାଦ ଦାସ, ସାହିତ୍ୟିକ ଶ୍ରୀ ରବୀନ୍ଦ୍ର କୁମାର ବିଶ୍ୱାଳ, ବିଶିଷ୍ଟ ଚିତ୍ରଶିଳ୍ପୀ ଶ୍ରୀ କେଶୁ ଦାସ ଓ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ ମଞ୍ଚାସୀନ ଥିଲେ ଓ ଜିଲ୍ଲାସ୍ତରୀୟ ବିଭିନ୍ନ ସ୍ପର୍ଦ୍ଧାରେ ସଫଳତା ହାସଲ କରିଥିବା କୃତି ଛାତ୍ରଛାତ୍ରୀଙ୍କୁ ଉପସ୍ଥିତ ଅତିଥିମାନେ ପୁରସ୍କୃତ କରିଥିଲେ।

## ବୁଢ଼ାବଳଙ୍ଗ ନଦୀରେ ଉନ୍ନତ କିସମର ମତ୍ସ୍ୟ ଯାଆଁଳ ଛଡ଼ାଯିବ କାର୍ଯ୍ୟକ୍ରମ

ବାଲେଶ୍ୱର, ୫/୨ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ମତ୍ସ୍ୟ ବିଭାଗ ତରଫରୁ ଆଜି ଅପରାହ୍ନ ଘ. ୩ ଟା ସମୟରେ ବୁଢ଼ାବଳଙ୍ଗ ନଦୀରେ ଉନ୍ନତ କିସମର ମତ୍ସ୍ୟ ଯାଆଁଳ ଛଡ଼ାଯିବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଓ ରେମୁଣା ବ୍ଲକର ଦହପଡା ଗ୍ରାମପଞ୍ଚାୟତର ରାମଶଙ୍କର ମନ୍ଦିର ନିକଟସ୍ଥ ବାରୁଣୀ ଘାଟଠାରେ ପ୍ରଥମ ପର୍ଯ୍ୟାୟରେ ପ୍ରାୟେ ୪ ଲକ୍ଷ ରୋହି, ଭାକୁର ଓ ମିରିକାଳି ଯାଆଁଳ ଛଡାଯାଇଥିଲା ଓ ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିବା ବେଳେ ଜିଲ୍ଲା ମତ୍ସ୍ୟ ଅଧିକାରୀ ଶ୍ରୀ ଜିତେନ୍ଦ୍ର କୁମାର ବେହେରା ସ୍ୱାଗତ ଭାଷଣ ଦେଇଥିଲେ ଓ ଉପ ମତ୍ସ୍ୟ ନିର୍ଦ୍ଦେଶକ ଶ୍ରୀ ଦୀପ୍ତି କୁମାର ମହାପାତ୍ର ନଦୀରେ ଯାଆଁଳ ଛାଡିବା ବିଷୟରେ ଆଲୋକପାତ କରିଥିଲେ ଓ ରେମୁଣା ମାନ୍ୟବର ବିଧାୟକ ଶ୍ରୀ ସୁଧାଂଶୁ ଶେଖର ପରିଡା ନଦୀରେ ମତ୍ସ୍ୟ ଯାଆଁଳ ଛାଡିବା ଦ୍ୱାରା ମତ୍ସ୍ୟଜୀବି ପରିବାର ବୃନ୍ଦ କିପରି ଉପକୃତ ହେବେ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ ଓ ବାଲେଶ୍ୱର ଜିଲ୍ଲାପରିଷଦ ମାନ୍ୟବର ଅଧକ୍ଷ ଶ୍ରୀ ନାରାୟଣ ପ୍ରଧାନ ମତ୍ସ୍ୟ ବିଭାଗର ବିଭିନ୍ନ ଉନ୍ନତି ମୂଳକ ଯୋଜନାରେ ଯୋଡି ହୋଇ ଲାଭବାନ ହେବା ପାଇଁ ଲୋକମାନଙ୍କୁ ଆହ୍ୱାନ ଦେଇଥିଲେ ଓ ଦହପଡା ଗ୍ରାମ ପଞ୍ଚାୟତର ସରପଞ୍ଚ ଶ୍ରୀମତୀ ପ୍ରଣତି ଜେନା ଏହି କାର୍ଯ୍ୟକ୍ରମଟି ନଦୀରେ ମତ୍ସ୍ୟ ସମ୍ପଦର ସଂଖ୍ୟା ବୃଦ୍ଧି ପାଇଁ ସରକାରଙ୍କ ଏକ ଅଭିନବ ପ୍ରୟାସ ବୋଲି ମତ ପ୍ରକାଶ କରିଥିଲେ। ମନ୍ଦରପୁର ସରପଞ୍ଚ ଶ୍ରୀମତୀ ମଞ୍ଜୁଶ୍ରୀ ଦାସ ମଧ୍ୟ ଯୋଗଦାନ କରି ମତ୍ସ୍ୟ ଚାଷ ଏକ ଲାଭଜନକ ବ୍ୟବସାୟ ବୋଲି କହିଥିଲେ ଓ ରେମୁଣା ବିଡ଼ିଓ ଶ୍ରୀ ସଂଗ୍ରାମ କେଶରୀ ପରିଡା ଯୋଗଦାନ କରି ନଦୀରେ ମତ୍ସ୍ୟ ଯାଆଁଳ ଛାଡିଥିଲେ ଓ ଦହପଡା ପଞ୍ଚାୟତର ଏକାଧିକ ମତ୍ସ୍ୟଜୀବି ଓ ଅନ୍ୟାନ୍ୟ ଜନସାଧାରଣ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ ଓ ଶେଷରେ ଅତିରିକ୍ତ ମତ୍ସ୍ୟ ଅଧିକାରୀ ଶ୍ରୀମତୀ ମୀରାମ୍ବିକା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଧାମନଗର ମହୋତ୍ସବର ପଞ୍ଚମ ସନ୍ଧ୍ୟା: ହଜାର ହଜାର ଦର୍ଶକଙ୍କ ଭିଡ଼



ଭଦ୍ରକ, ୫/୨ (ନି.ପ୍ର): ସମାଜ ସଂସ୍କୃତି ଓ ମଣିଷର ଜୀବନଶୈଳୀ ପରସ୍ପର ଭିତରେ ନିବିଡ ସମ୍ପର୍କ ରହିଛି। ମଣିଷର ଜୀବନଶୈଳୀର ଯେତେ ଯେତେ ବିକାଶ ପାଇଛି ତା ସାଥିରେ ଆମ ସଂସ୍କୃତି ର ମଧ୍ଯ ପରିବର୍ତ୍ତନ ହୋଇଛି। କିନ୍ତୁ ଆମ ଭାରତୀୟ ଦର୍ଶନ ଓ ଆର୍ଯ୍ୟ ଋଷି ମାନଙ୍କ ଦ୍ୱାରା ପ୍ରତିଷ୍ଠିତ ଆମ ସଂସ୍କୃତି ଆମକୁ ଅଧିକ୍ ଶୃଙ୍ଖଳିତ କରିଛି। ଏବେ କିନ୍ତୁ ଆଧୁନିକତାର ଦ୍ୱାହି ଦେଇ ଆମ ସଂସ୍କୃତି ଭିତରକୁ ପାଶ୍ଚାତ୍ୟ ସଭ୍ୟତା ଓ ଅପ ସଂସ୍କୃତି ପଶି ଆସି ଆମ ଭିତରୁ ସ୍ନେହ, ପ୍ରେମ, ଭାଇଚାରା, ସଦଭାବନା, ଆଧାତ୍ମିକ ଚେତନା କୁ ଦୂରେଇ ଦେଉଛି। ଯାହା ସମାଜ ପାଇଁ ଶୁଭଙ୍କର ନୁହେଁ। ଆମ ସଂସ୍କୃତି ଆମକୁ ଉଦାର ମାନବୀୟ ମୂଲ୍ୟବୋଧର ଶିକ୍ଷ୍ୟା ଦିଏ। ତେବେ ଅବକ୍ଷୟ ମୁଖୀ ସାଂସ୍କୃତିକ ଚେତନା କୁ ପୁନଃ ପ୍ରତିଷ୍ଠା କରିବା ପାଇଁ ସାଂସ୍କୃତିକ ମହୋତ୍ସବ ଏକ ବଳିଷ୍ଠ ମାଧ୍ୟମ। ଏହାରି ମାଧ୍ୟମରେ ଆମ ଭିତରେ ପୁଣିଥରେ ଶାନ୍ତି, ସଦଭାବନା ଓ ଭାଇଚାରା ପ୍ରତିଷ୍ଠା ହେବ, ହଜି ଯାଉଥିବା ଆମ ନିଆରା ପର୍ବ,ପର୍ବାଣୀ ର ପରମ୍ପରା ପୁଣି ଫେରି ପାରିବ। ଏ କ୍ଷେତ୍ରରେ ସମାଜର ବୁଦ୍ଧିଜୀବି, ଶିକ୍ଷାବିତ ମାନଙ୍କର ଯେତିକି ଭୂମିକା ରହିଛି ସାମ୍ବାଦିକ ବନ୍ଧୁ ମାନଙ୍କ ର ମଧ୍ଯ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ରହିଛି। ସାମ୍ବାଦିକ ଚତୁର୍ଥ ସ୍ତମ୍ଭ ର ଜାଗ୍ରତ ପ୍ରହରୀ ସେ ଚାହିଁଲେ ଲୋକ ଜୀବନ, ସାମାଜିକ ସଂସ୍କାର, ସଂସ୍କୃତି କୁ ପୁଣିଥରେ ପ୍ରତିଷ୍ଠା କରିପାରିବ। ତେବେ ଆମ ସଂସ୍କୃତି ର ମୂଳ ଆଧାର ପ୍ରଭୁ ଜଗନ୍ନାଥ ଆମକୁ ସହାୟ ହୁଅନ୍ତୁ। ଓଡ଼ିଆର ଅସ୍ମିତା ଚିର କାଳ ବଜାୟ ରହୁଶିକ୍ଷାବିତ ହେମେନ୍ଦ୍ର କୁମାର ମହାନ୍ତି ଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଡା.ଏମ ଡି ଫରିଆଜ ଅହମ୍ମଦ, ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କୃତ ଶିକ୍ଷକ ଅମରେନ୍ଦ୍ର ନାୟକ, ସମ୍ମାନୀତ ଅତିଥି ଭାବେ ଯାଜପୁର ଜିଲ୍ଲା ଏବିଇଓ ମନୋଜ କୁମାର ଜେନା,ପ୍ରଧାନଶିକ୍ଷକ ଶେଖର ଜେନା, ପ୍ରାକ୍ତନ ସମିତି ସଭ୍ୟ ନିତ୍ୟାନନ୍ଦ ବେହେରା, ଆଇନଜୀବୀ ଅଜିତ ଦାସ, ଯାଦବ ନେତା କୃଷ୍ଣଚନ୍ଦ୍ର ବେହେରା, ରାଜ୍ୟ ମହୋତ୍ସବ କମିଟି ସଭାପତି ରବିନାରାୟଣ ଖିଲାର,ସାମ୍ବାଦିକ ସନ୍ତୋଷ ଦାସ, ସାମ୍ବାଦିକ ସେକ ହମିଦ, ସାମ୍ବାଦିକ କାହ୍ନୁ ଚରଣ ଜେନା ପ୍ରମୁଖ ଯୋଗଦେଇଥିଲେ କ୍ଷସାମ୍ବାଦିକ ପ୍ରଦୀପ କୁମାର ବାରିକ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ଅଧାପକ ଚିତରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ନୃତ୍ୟକ୍ଷଙ୍ଗନା ଗ୍ରୁପ ର ପିଲାମାନେ ନୃତ୍ୟ ପରିବେଷଣ କରିଥିଲେ।

## ବ୍ରେନ ଷ୍ଟ୍ରୋକରେ ଯୁବକଙ୍କ ମୃତ୍ୟୁ

ବସ୍ତା୫.୨(ନିପ୍ର) ରୂପସା ଥାନା ଅନ୍ତର୍ଗତ ମିରିଗିମୁଣ୍ଡି ଗ୍ରାମର ଜଣେ ଯୁବକ ସୋମବାର ବ୍ରେନ ଷ୍ଟ୍ରୋକରେ ମୃତ୍ୟୁବରଣ କରିଛନ୍ତି । ମୃତ ଯୁବକ ହେଲେ ସ୍ୱର୍ଗତ ମନ୍ମଥ ବେହେରାଙ୍କ ଏକ ମାତ୍ର ପୁଅ ଶ୍ରୀଧର ବେହେରା (୨୮) । ସେ ବ୍ଲଡ଼ କ୍ୟାନ୍ସର ରୋଗରେ ପୀଡିତ ହୋଇ ଦୀର୍ଘ ତିନି ବର୍ଷ ଧରି ଚିକିତ୍ସିତ ହୋଇଆସୁଥିଲେ । ରବିବାର ସେ ଅସୁସ୍ଥ ହୋଇ ପଡିବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା । ଆମ୍ବୁଲାନ୍ସ ଯୋଗେ ତାଙ୍କୁ କଟକର ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ସେ ଗତ ବର୍ଷ ବିବାହ କରିଥିଲେ । ରୂପସା ଷ୍ଟେସନ ବଜାରରେ ଏକ ସୁପ ଦୋକାନ କରି ସେ ପରିବାର ପ୍ରତିପୋଷଣ କରୁଥିଲେ । ତାଙ୍କ ମୃତ ଦେହ ଅଣାଯାଇ ଗାଁ ଶ୍ମଶାନରେ ଶେଷ କୃତ୍ୟ ସମ୍ପନ୍ନ ହୋଇଥିଲା । ତାଙ୍କ ମୃତ୍ୟୁ ଯୋଗୁଁ ସମଗ୍ର ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳି ଯାଇଥିବାବେଳେ ସ୍ଥାନୀୟ ଦୋକାନ ବଜାର ବନ୍ଦ ରହିଥିଲା ।

## ଅନାଥଙ୍କୁ ଆଡ଼ଆଖି: ମିଳିଲା ନାହିଁ ଛାତ୍ରାବାସ, ବିଦ୍ୟାଳୟର ମାଟି ମାଡ଼ିପାରିଲେ ନାହିଁ 'ବିରଧନ' ଓ 'ମାହିଁ'



ଉଦଳା , ୫/୨ (ନି.ପ୍ର): ଯେ ହେଉଛି ଉଦଳା ବ୍ଲକର ନୂଆଗାଁ ପଂଚାୟତ ଅନ୍ତର୍ଗତ ଫୁଲବାଡ଼ିଆ ଗ୍ରାମର ଦୃଶ୍ୟ । ଏହି ଗ୍ରାମରେ ବାସ କରୁଥିବା ବିରଧନ ହାଁସଦା ଓ ତାଙ୍କର ଭଉଣି ମାହିଁ ହାଁସଦା ଆଦୌ ବିଦ୍ୟାଳୟର ମାଟି ମାଡ଼ି ନାହାଁନ୍ତି । ବିରଧନଙ୍କୁ ବର୍ତମାନ ବୟସ ୮ ବର୍ଷ ଛୁଇଁଥିବା ବେଳେ ମାହିଁଙ୍କୁ ବୟସ ୭ ବର୍ଷ ଛୁଇଁଲା । ପିତା – ବକା ହାଁସଦା ଓ ମାତା – ସକର ହାଁସଦାଙ୍କର ଆଜକୁ ୫ ବର୍ଷ ପୂର୍ବେ ଦେହାନ୍ତ ହୋଇଯିବା ଫଳରେ ଏହି ଦୁଇ ଭାଇ ଭଉଣି ବାଧ୍ୟ ହୋଇ ତାଙ୍କର ମାମୁ ଘରେ ଆଶ୍ରୟ ନେଇଛନ୍ତି । ମାମୁଁଘରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିାରୁ ସେମାନେ ବିରଧନ ଓ ମାହିଁଙ୍କୁ ପାଠ ପଢ଼ାଇ ପାରି ନଥିବାର ଜଣାଇଛନ୍ତି । ଫଳରେ ଏହି ଦୁଇ ଭାଇ ଭଉଣୀ ଏ ପର୍ଯ୍ୟନ୍ତ ବିଦ୍ୟାଳୟର ମାଟି ମାଡ଼ି ପାରିନଥିବାର ଗ୍ରାମବାସି ମାନେ କହିଛନ୍ତି । ସମନ୍ୱିତ ଆଦିବସି ଉନ୍ନୟନ ପ୍ରକଳ୍ପ କପ୍ତିପଦା, ଉଦଳା ତରଫରୁ ବିଭିନ୍ନ ସ୍ଥାନରେ ଖୋଲା ଯାଇଥିବା ଛାତ୍ରାବାସ ମାନଙ୍କରେ ରହି ପାଠ ପଢ଼ିବା ପାଇଁ ଏହି ଦୁଇ ଭାଇ ଭଉଣି ଚାହୁଁଛନ୍ତି । କିନ୍ତୁ କୌଣସି ଛାତ୍ରାବାସରେ ତାଙ୍କୁ ସିଟ ମିଳିନଥିବାର ଗ୍ରାମବାସି ମାନେ ଅଭିଯୋଗ କରିଛନ୍ତି । ପ୍ରଥମରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା ସରକାର ଘୋଷଣା କରିଛନ୍ତି । ଅଥଚ ବିରଧନ ଓ ମାହିଁଙ୍କ ପରି ଏବେ ମଧ୍ୟ ବହୁ ଅନାଥ ପିଲା ବିଦ୍ୟାଳୟ ବାହାରେ ଅଛନ୍ତି । କର୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ଜନଜାଗୃତି ମଂଚ ତରଫରୁ ଦାବି ହୋଇଛି ।

## ପ୍ରତାପପୁର ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ

ବଡ଼ସାହି , ୫/୨ (ନି.ପ୍ର): ଆମ ମାତୃଭାଷା ଆମ ଜୀବନୀ ଶକ୍ତି କାରଣ ଭାଷା ବଞ୍ଚିଲେ ସଭ୍ୟତା, ସଂସ୍କୃତି ଓ ପରମ୍ପରା ଚିରଞ୍ଜିବୀ ହେବ। ଭାଷା, ସଂସ୍କୃତି ଓ ପରମ୍ପରା ବଞ୍ଚାଇବା ପାଇଁ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରତାପପୁର ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୧୭ତମ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ବର୍ଦ୍ଧିତ ବରିଷ୍ଠ କବି ଡକ୍ଟର ନୀଳକଣ୍ଠ ମିଶ୍ର ଯୋଗଦାନ କରି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଣୀପୀଠର ଅଧକ୍ଷ ଡ଼କ୍ଟର କୁମାର ବାବୁଲି ସଭାପତିତ୍ୱ କରିଥିଲେ। ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡକ୍ଟର ସରୋଜ କୁମାର ନାୟକ ମୁଖ୍ୟବକ୍ତା ଭାବେ ଯୋଗଦାନ କରି ଉତ୍କଳୀୟ ଶିକ୍ଷା ବ୍ୟବସ୍ଥାରେ ଏହି ଶିକ୍ଷା କେନ୍ଦ୍ରର ଭୂମିକା ବେଶ୍ ଉପାଦେୟ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ପଲ୍ଲୀପ୍ରଭାର ସଂପାଦିକା ରାଉତ ସୂର୍ଯ୍ୟକାନ୍ତି ପୁହାଣ, ସୁରେଶ୍ ଚନ୍ଦ୍ର ସାହୁ ଓ ସୁପ୍ରଭା ପାଣିଗ୍ରାହୀ ଯୋଗଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ଜାହ୍ନବୀ ଦଣ୍ଡପାଟ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅତିଥି ପୂଜନ କାର୍ଯ୍ୟକ୍ରମକୁ ଗୁରୁମା ସବିତା ଷଡ଼ଙ୍ଗୀ, ଉର୍ମିଳା ନାଏକ, ଲକ୍ଷ୍ମୀପ୍ରିୟା ଗିରି, ବର୍ଷା ବିନ୍ଧାଣୀ ଓ ନିବେଦିତା ନାଏକ ପରିଚାଳନା କରିଥିଲେ। ପ୍ରଥମେ ଭାରତମାତା ଓ ସ୍ୱାମୀ ବିବେକାନନ୍ଦଙ୍କ ପୂଜା ଅର୍ଚ୍ଚନା ଅନୁଷ୍ଠିତ ହୋଇଥିଲା ।ଗୁରୁମା ଦିପ୍ତିରେଖା ମହାକୁଡ଼ଙ୍କ ଲେଖା ଓ ସ୍ୱରସଂଯୋଜନାରେ ଆବାହନୀ ସଂଗୀତ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀଙ୍କ ଦ୍ୱାରା ଗାନ ହୋଇଥିଲା। ଅତିଥି ପରିଚୟ ଛାତ୍ରୀ ବିରଜା ଓ ସ୍ମୃତି ପ୍ରିୟା କରିଥିବାବେଳେ ମଞ୍ଚ ପରିଚାଳନା ଦିପକ କୁମାର ଦାସ କରିଥିଲେ। କ୍ରୀଡ଼ା ଓ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଗୁରୁଜୀ କାର୍ତ୍ତିକ ଚନ୍ଦ୍ର ସେଠୀ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ଲେଟ୍ ମିଲ୍‌ର ଟପ୍ ୟୁନିଭର୍ସାଲ୍ ସ୍ପିଣ୍ଡଲ୍ ମେସିନ୍‌ର ବିଅରିଂ ସିଟ୍ ସଫଳତାର ସହିତ ପୁନଃ ନିର୍ମାଣ




ରାଉରକେଲା, ୫/୨ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର ମେକାନିକାଲ୍ ସପ ବିଭାଗରେ ପ୍ଲେଟ ମିଲ ର ଟପ୍ ୟୁନିଭର୍ସାଲ୍ ସ୍ପିଣ୍ଡଲ୍ ମେସିନ୍ ର ଏକ ବିଅରିଙ୍ଗ୍ ସିଟ୍, ବିଭାଗୀୟ ଦଳଗତ ଉତ୍ସର୍ଗୀକୃତତା, ପ୍ରତିବଦ୍ଧତା ଦ୍ୱାରା ଅନେକ ପ୍ରତିବନ୍ଧକ ସତ୍ତ୍ୱେ ସଫଳତାର ସହ ପୁନଃନିର୍ମାଣ କରାଯାଇଛି । ମେକାନିକାଲ୍ ସପ ଟିମ୍ ର ଏହି ସାମୂହିକ ପ୍ରୟାସ କମ୍ପାନୀ ପାଇଁ ଯଥେଷ୍ଟ ସଞ୍ଚୟ ଆଣି ଦେଇଛି । ଉଲ୍ଲେଖଯୋଗ୍ୟ ଯେ, ପ୍ଲେଟ୍ ମିଲର ମିଲ୍ ଷ୍ଟାଣ୍ଡର କାର୍ଯ୍ୟଧାରା ପାଇଁ ଟପ୍ ୟୁନିଭର୍ସାଲ୍ ସ୍ପିଣ୍ଡଲ୍ ଏକ ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରାଂଶ ଅଟେ। ମୋଟର ସହିତ ସଂଲଗ୍ନ ହୋଇଥିବା ସ୍ପିଣ୍ଡଲ୍ ମିଲ୍ ଷ୍ଟାଣ୍ଡ ଓ୍ୱାର୍କ ରୋଲକୁ ଡ୍ରାଇଭ୍ ଦେଇଥାଏ। ପ୍ଲେଟ୍ ମିଲରେ ଦୁଇଟି ୟୁନିଭର୍ସାଲ୍ ସ୍ପିଣ୍ଡଲ୍ ଉପଲବ୍ଧ ରହିଛି ଏବଂ ମୁଖ୍ୟ ମରାମତି ସମୟରେ ବ୍ୟବହୃତ ସ୍ପିଣ୍ଡଲ୍ ଷ୍ଟାଣ୍ଡବାଇ ସ୍ପିଣ୍ଡଲ୍ ସହିତ ବଦଳା ଯାଇଥାଏ। ଏକ ଯାଞ୍ଚ ସମୟରେ ସ୍ପିଣ୍ଡଲ୍ ଘୂର୍ଣ୍ଣନ ସମୟରେ ଅସ୍ୱାଭାବିକ ଶବ୍ଦ ପରିଲକ୍ଷିତ ହୋଇଥିଲା । ଏହାକୁ ଖୋଲାଯିବା ପରେ ଏହାର ଦୁଇଟି ସିଟ୍ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଥିଲା। ଏହି ସମସ୍ତ ସ୍ପିଣ୍ଡଲ୍ ୪୫୦ ମିଲିମିଟର ବ୍ୟାସ, ୯.୮ ମିଟର ଲମ୍ବ ଏବଂ ଓଜନ ପ୍ରାୟ ୧୮ ଟନ୍ ବିଶିଷ୍ଟ ଥିଲା । ଏହି ସମସ୍ୟାର ସମାଧାନର ଏକମାତ୍ର ସମାଧାନ ବିଅରିଂ ଫିଟ୍ଟିଂ ପାଇଁ ବିଅରିଂ ସିଟ୍ ଗ୍ରାଇଣ୍ଡ୍ କରିବା ରହିଥିଲା। ମେକାନିକାଲ୍ ସପରେ ଉପଲବ୍ଧ ଲେଥ୍ ମେସିନ୍ ର କ୍ଷମତା ୧୨ ଟନ୍ ଓଜନ ବହନର ରହିଥିବା ବେଳେ ସ୍ପିଣ୍ଡଲର ଓଜନ ପ୍ରାୟ ୧୮ ଟନ୍ ଥିଲା । ମେକାନିକାଲ୍ ସପ ଟିମ ଏହି ଚ୍ୟାଲେଞ୍ଜକୁ ଗ୍ରହଣ କରିଥିଲେ ଏବଂ ମାଇକ୍ରୋ ଯୋଜନା ପରେ ସେମାନେ ଡିଜାଇନ୍ ବିଭାଗର ବୈଷୟିକ ସହାୟତା ସହିତ ଅତିରିକ୍ତ ୨ ଟି ରୋଲର୍ ସ୍ଥିରତା ପରେ କାର୍ଯ୍ୟ କରିବା ଆରମ୍ଭ କରିଥିଲେ । ଉଭୟ ଷ୍ଟେଡି ରେଷ୍ଟ ଉପଲବ୍ଧ ଲେଥ୍ ମେସିନ୍ ସହିତ ପ୍ରସ୍ତୁତ କରାଯାଇଥିଲା । ପ୍ଲେଟ୍ ମିଲରୁ ୟୁନିଭର୍ସାଲ୍ ସ୍ପିଣ୍ଡଲ୍ ପାଇବା ପରେ ଏହା ଲଙ୍ଗ୍ ଲେଥ୍ ମେସିନ୍ ରେ ଲୋଡ୍ ହୋଇ କେନ୍ଦ୍ରଗୁଡ଼ିକ ମଧ୍ୟରେ ରଖାଯାଇଥିଲା । ଅତିରିକ୍ତ ଲୋଡ୍ ବହନ ପାଇଁ ଦୁଇଟି ଫେବ୍ରିକେଟେଡ ରୋଲର୍ ଷ୍ଟେଡି ରେଷ୍ଟ ମେସିନ୍ ବେଡ୍ ଉପରେ ସ୍ପିଣ୍ଡଲ୍ ତଳେ ରଖାଗଲା। ଗ୍ରାଇଣ୍ଡିଂ ପାଇଁ ଉପଯୁକ୍ତ କାର୍ଯ୍ୟ ସେଟିଂ ବ୍ୟବସ୍ଥା କରାଯାଇଥିଲା । ସମ୍ପ୍ରତି ଗୋଟିଏ ବିଅରିଂ ସିଟ୍ ର ଟର୍ନିଂ ଶେଷ ହୋଇଥିବା ବେଳେ ଦ୍ୱିତୀୟ ବିୟରିଂ ସିଟ୍ ଖୁବ୍ ଶୀଘ୍ର ସଂପୂର୍ଣ୍ଣ ହେବାକୁ ଯାଉଛି। ଟର୍ନିଂ ଅପରେସନ୍ ସମାପ୍ତ ହେବା ପରେ, ଉଭୟ ବିୟରିଂ ସିଟ୍ ର ଗ୍ରାଇଣ୍ଡିଂ ଯନ୍ତ୍ରର ଗ୍ରାଇଣ୍ଡିଂ ସଂଲଗ୍ନ ସାହାଯ୍ୟରେ ବହନ କରିବା ଫିଟ୍ଟିଂ ପାଇଁ ସରଫେସ ଫିନିସ ହାସଲ କରାଯିବ। ଉଲ୍ଲେଖଯୋଗ୍ୟ ଯେ ଏକ ନୂତନ ସ୍ପିଣ୍ଡଲର ମୂଲ୍ୟ ପ୍ରାୟ ୧.୩ କୋଟି ଟଙ୍କା ଅଟେ ଏବଂ ଏଥିନିମନ୍ତେ ସର୍ବନିମ୍ନ ୧ ବର୍ଷର ସମୟ ଆବଶ୍ୟକ ଅଟେ। ଇନ ହାଉସ ଯନ୍ତ୍ର ପୁନଃ ନିର୍ମାଣ ର ମୂଲ୍ୟ ୪୦ ଲକ୍ଷ ଟଙ୍କା ରହିଛି। ସପ୍ତାହକ ମଧ୍ୟରେ ଶେଷ ହେବାକୁ ଆଶା କରାଯାଉଥିବା ମେକାନିକାଲ୍ ସପର ଏହି ଉଦ୍ୟୋଗୀ କାର୍ଯ୍ୟ ଦ୍ୱାରା ରାଉରକେଲା ଇସ୍ପାତ କାରଖାନ ପାଇଁ ଅତି କମରେ ୪୦ ଲକ୍ଷ ଟଙ୍କା ସଞ୍ଚୟ ହୋଇପାରିବ।

## ୧୧ତମ ବାଲିଆପାଳ ମହୋତ୍ସବ ଉଦ୍‌ଘାଟିତ



ବାଲିଆପାଳ : ୫/୨( ନି ପ୍ର) ମହୋତ୍ସବ ଅତୀତର କଥା କହେ ପୂର୍ବ ପୁରୁଷଙ୍କୁ ମନେ ପକା ଏ ବୋଲି ସୋମବାର ସନ୍ଧ୍ୟାରେ ୧୧ତମ ବାଲିଆପାଳ ମହୋତ୍ସବର ଉଦଘାଟନ ଉତ୍ସବରେ ଅତିଥି ମାନେ ଯୋଗ ଦେଇ ଉପରୋକ୍ତ ମତ ବ୍ୟକ୍ତ କରିଛନ୍ତି। କମିଟିର ବରିଷ୍ଠ ସଦସ୍ୟ ପ୍ରଦୀପ୍ତ କୁମାର ପାତ୍ର ମଞ୍ଚ ଆହ୍ୱାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆବାହକ ଇଞ୍ଜିନିୟର ସୁଶାନ୍ତ କୁମାର ଚକ୍ରବର୍ତ୍ତୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ତହସିଲଦାର ଜନକ କୁମାର ନାୟକ ମୁଖ୍ୟ ଅତିଥି, ଧ୍ରୁବ ଚରଣ ସଂସ୍କୃତ କଲେଜ ର ଅଧକ୍ଷ ପଣ୍ଡିତ ପ୍ରିୟବ୍ରତ ପଣ୍ଡା ମୁଖ୍ୟ ବକ୍ତା , ସମ୍ମାନିତ ଅତିଥି ଭାବରେ କମିଟିର ଉପଦେଷ୍ଟା ପୂର୍ବତନ ସରପଞ୍ଚ ମୁରଲୀ ମୋହନ ସାହୁ , ମଧୁ ସୂଦନ ବାରିକ , ଭାସ୍କର ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇ ଉଦବୋଧନ ଦେଇଥିଲେ। ସତ୍ୟ ସାଇ ସେବା ସଂଗଠନ ର ଭକ୍ତ ମାନେ ବେଦ ପାଠ କରିଥିଲେ। କମିଟିର ବିଜୟ କୁମାର ସାମଲ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ମୁକୁନ୍ଦ ସିଂ,ଅରୁଣ କୁମାର ପାତ୍ର, ଅସିତ୍ କୁମାର ପଟ୍ଟନାୟକ, ଅଧାପକ ରଞ୍ଜନ କୁମାର ପାଢ଼ୀ, ଜଗନ୍ନାଥ ବାରିକ, ହରି ବନ୍ଧୁ ଜେନା, ସଞ୍ଜୀବ କୁମାର ପାତ୍ର, ପ୍ରବୀର କୁମାର ସୀ , ରାଧାକୃଷ୍ଣ ପାତ୍ର, ହାଡିବନ୍ଧୁ ରାଉତ, ବ୍ୟୋମ କେଶ ସାହୁ ,ରତିକାନ୍ତ ପାତ୍ର, ସେକ ଇନ୍ ତାଜ୍, ନରେଶ ଚନ୍ଦ୍ର ସାହୁ , ଦେବାଶିଷ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ପ୍ରାରମ୍ଭରେ କମିଟି ପକ୍ଷରୁ ବାଲିଆପାଳ ଜଗନ୍ନାଥ ମନ୍ଦିର ରୁ ଏକ ଶୋଭାଯାତ୍ରା ବାହାରି ଉତ୍ସବ ସ୍ଥଳ ରେ ପହଞ୍ଚି ଥିଲା।


❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo